


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୧୮୩ ● ୩୦ ଜୁଲାଇ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-183 ● 30th July 2024, Tuesday ● Bhubaneswar
Licensed to post without pre-payment of postage No- BN-60/22-24

# ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ତାତି

## କଂଗ୍ରେସର ହଟ୍ଟଗୋଳ, ନାରାବାଜି, କକ୍ଷତ୍ୟାଗ

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ସୋମବାର ବିଧାନସଭାରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଗତ କରାଯିବା ସହ ଗୃହ ମଧ ଭାଗରେ ହଟ୍ଟଗୋଳ ନାରାବାଜି ଅବ୍ୟାହତ ରହିବା ଯୋଗୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। କଂଗ୍ରେସର ସ୍ୱାଧୀକାର ଭଙ୍ଗ ନୋଟିସ୍‌କୁ ମୁଖ୍ୟବିରୋଧୀ ଦଳ ବିଜେଡ଼ି ସମର୍ଥନ କରିବା ଫଳରେ ଗୃହରେ ଅଚଳାବସ୍ଥା ଦେଖାଦେଇଥିଲା। ଯେଉଁଥିପାଇଁ ବାଚସ୍ପତି ସୁରମା ପାଢୀ ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଆଲୋଚନା ଥିବା ଦୃଷ୍ଟିରୁ ଗୃହ ମଝିକୁ ଆସିଥିବା କଂଗ୍ରେସ ବିଧାୟକମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ଏବଂ ନିଜ ନିଜ ଆସନକୁ ଫେରିଯିବା ପାଇଁ



ବାରମ୍ବାର ନିବେଦନ କରି ବିଫଳ ହେବାରୁ ଉଭୟ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ବୈଠକରେ ଏକାଧିକ ବାର ବୈଠକ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ।

ଶୂନ୍ୟକାଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ବାଚସ୍ପତିଙ୍କ ଅନୁମତିକ୍ରମେ ବିବୃତ୍ତି ପାଠ କରିଥିଲେ। ଏହି ବିବୃତ୍ତିରେ ଡଃ ମହାଲିଙ୍ଗ ମୁଖ୍ୟମନ୍ତ୍ରୀ ପୂର୍ବରୁ ଅଗ୍ନିବୀରଙ୍କୁ ଓଡ଼ିଶାର ୟୁନିଫର୍ମ ସେବାରେ ୧୦ ପ୍ରତିଶତ ସଂରକ୍ଷଣ ଏବଂ ସେମାନଙ୍କ ପାଇଁ ବୟସସୀମା ୫ ବର୍ଷ କୋହଳ କରିବା ନେଇ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ କହିଥିଲେ। ତେବେ ଏହି ସମୟରେ କଂଗ୍ରେସ ଦଳର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଏହାର ଦୃଢ ବିରୋଧ କରିବା ସହ ଗୃହର ମଧ ମଧଭାଗକୁ ଚାଲି ଆସିଥିଲେ। ସେ ଦର୍ଶାଇଥିଲେ ଯେ, ବିଧାନସଭା ଅଧିବେଶନ ଚାଲିଥିବା ବେଳେ ଗୃହ ବାହାରେ ମୁଖ୍ୟମନ୍ତ୍ରୀ ଅଗ୍ନିବୀରଙ୍କୁ ନିଯୁକ୍ତିରେ ସଂରକ୍ଷଣ ଓ ବୟସସୀମା କୋହଳ ନେଇ ଯେଉଁ ଘୋଷଣା କରିଛନ୍ତି, ତାହା ପବିତ୍ର ଗୃହର ମର୍ଯ୍ୟାଦାହାନୀ ଘଟାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଏଥିପାଇଁ କଂଗ୍ରେସ ଦଳ ତରଫରୁ ଆମେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଛୁ, ଏହାକୁ ଗ୍ରହଣ କରାଯାଉ ଏବଂ (ପୃଷ୍ଠା ୭ରେ)

## ସରକାରଙ୍କୁ ନବୀନଙ୍କ କଡ଼ା ସମାଲୋଚନା

# ବଜେଟ ଗେମ୍ ଚେଞ୍ଜର ନୁହେଁ, ନେମ ଚେଞ୍ଜର

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ବାର୍ଷିକ ବଜେଟ୍ ଉପରେ ସୋମବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ବକ୍ତବ୍ୟ ପ୍ରଦାନ ବେଳେ ନୂଆ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ରାଜ୍ୟ ବଜେଟ୍ ଉପରେ ପ୍ରଥମେ ବିରୋଧି ଦଳ ନେତା ଶ୍ରୀ ପଟ୍ଟନାୟକ ଆଲୋଚନା ଆରମ୍ଭ କରି ନୂଆ ସରକାରଙ୍କୁ ତାଙ୍କର ପ୍ରଥମ ବଜେଟ ଉପସ୍ଥାପନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ପୂର୍ବରୁ ଆମ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ୮୦ ପ୍ରତିଶତରୁ ଅଧିକ ଯୋଜନାକୁ ନୂଆ ସରକାର ପୁନର୍ବାର ଚଳାଇଛନ୍ତି ଏବଂ ବଜେଟର ୮୦ ପ୍ରତିଶତରୁ ଅଧିକ ଅର୍ଥ ବ୍ୟବସ୍ଥାର ମାର୍ଗ ପ୍ରସ୍ତୁତ କରିଥିବାରୁ ସ୍ୱତନ୍ତ୍ର ଅଭିନନ୍ଦନ। ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶାର ଲୋକଙ୍କୁ ପ୍ରତିଶ୍ରୁତି ଦେଇ ବିଜେପି



ରାଜ୍ୟରେ ନୂଆ ସରକାର ଗଠନ କରିଛନ୍ତି। ହେଲେ ବଜେଟ ନଥିକୁ ଦେଖିଲେ, କିଛିଟା ଅନୁଧ୍ୟାନ କଲେ ଜଣାପଡୁଛି ଯେ, ଏ ସରକାର ୪୫ ଯୋଜନାର ନାମ ପରିବର୍ତ୍ତନ କରିଛନ୍ତି। ସେମାନେ ଗେମ ଚେଞ୍ଜର ନୁହେଁ, ନେମ ଚେଞ୍ଜର ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ଏହା ଦୁର୍ଭାଗ୍ୟର ବିଷୟ ବୋଲି କହିଥିଲେ। ବିଜେପି ତାଙ୍କ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଯେଉଁ ସୁଭଦ୍ରା ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛନ୍ତି ବଜେଟରେ ସେଥିପାଇଁ ମାତ୍ର ୧୦ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି। ହେଲେ ୨କୋଟିରୁ ଅଧିକ ମହିଳା ଓଡ଼ିଶାରେ ରହୁଥିବାରୁ ସେମାନଙ୍କ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ସେଥିପାଇଁ ୧ଲକ୍ଷ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏଥିପାଇଁ ଆବଶ୍ୟକ ଅବଶିଷ୍ଟ ୧ କୋଟି (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା : ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଥିବା ବେଳେ ଆଗାମୀ ୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଆଦି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି (ପୃଷ୍ଠା ୭ରେ)



# ରତ୍ନଭଣ୍ଡାର ଭିତର ଖାଲି ଆଲମିରା କଢ଼ାଯିବ

ପୁରୀ, ୨୯।୭ : ନ୍ୟୁଜ୍ ବ୍ୟୁରୋ

ସୋମବାର ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହାର ଯାଞ୍ଚ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ପରେ ଜଷ୍ଟିସ୍ ରଥ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ପ୍ରଥମେ ରତ୍ନଭଣ୍ଡାର ଭିତରେ ଥିବା ଖାଲି ଆଲମିରାକୁ କଢ଼ାଯିବ । ଏହା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଯେଉଁ



ପ୍ରକୋଷ୍ଠ ନିର୍ଦ୍ଧାରଣ କରାଯାଇଛି ସେଠାକୁ ସ୍ଥାନାନ୍ତର କରାଯିବ। ଏହା ଏସ୍ଓପିରେ ନ ଥିଲା ବୋଲି ସରକାରଙ୍କୁ (ପୃଷ୍ଠା ୭ରେ)

# ୧୦ ବର୍ଷରେ ୪୮ ହାଜତ ମୃତ୍ୟୁ

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୪୮ ହାଜତ ମୃତ୍ୟୁ ହୋଇଛି । ସୋମବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଅନୁସାରେ ୨୦୧୪ରେ (ପୃଷ୍ଠା ୭ରେ)

## ଏକାଳ ସକାଳ



ପରସ୍ପର କଥା ବାଧୁଛି ବହୁତ
ସେପାଇଁ ପ୍ରଶ୍ନ ବାଣ
ସରକାର ଅପଦସ୍ତ ହେଲେ
ବିରୋଧୀ ଘା’ରେ ଲୁଣ
ଶୁଣ ଜନେ ସବୁ ଶୁଣ
ଔଷଧ ରାଗରେ ତାଟିଆ କାମୁଡା
ତାଙ୍କର ପୁରୁଣା ଗୁଣ।

# ହୀରାକୁଦ ଡ୍ୟାମ ନିଷିଦ୍ଧାଞ୍ଚଳରେ ଉଡ଼ିଲା ଡ୍ରୋନ

ସମ୍ବଲପୁର, ୨୯।୭
ନ୍ୟୁଜ୍ ବ୍ୟୁରୋ

ହୀରାକୁଦ ଡ୍ୟାମ ନିଷିଦ୍ଧାଞ୍ଚଳରେ ଉଡ଼ିଲା ଡ୍ରୋନ୍। ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଅପରେସନ ଗ୍ୟାଲେରୀର ଭିଡିଓ। ଖାଲି ସେତିକି ନୁହେଁ ରବିବାର ହୀରାକୁଦ ଡ୍ୟାମ’ର ଗେଟ ଖୋଲିବା ସମୟର ଭିଡିଓ ମଧ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଯାହାକୁ ନେଇ ଏବେ ହୀରାକୁଦ ଡ୍ୟାମର



ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ହୀରାକୁଦରେ ସୁରକ୍ଷା କର୍ମୀ ୨୪ ଘଣ୍ଟା ମୁତୟନ ଥିଲେ ମଧ (ପୃଷ୍ଠା ୭ରେ)

# ଚୀନ ସହ ଭାରତର ସମ୍ପର୍କ ଭଲ ନାହିଁ : ଜୟଶଙ୍କର

ନୂଆଦିଲ୍ଲୀ, ୨୯।୭

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ସୋମବାର ଟୋକିଓରେ କ୍ୱାଡ ମନ୍ତ୍ରୀସ୍ତରୀୟ ବୈଠକକୁ ସମ୍ବୋଧିତ କରିଛନ୍ତି। ଏହି ଅଭିଭାଷଣରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଭାରତ-ଚୀନ ପ୍ରକୃତ ପ୍ରସଙ୍ଗ ଉଠାଇଥିଲେ । ଚୀନ ସହ ଆମର ଏକ ସମସ୍ୟା ରହିଛି ଏବଂ ଏହାକୁ ଆମେ ଦୁହେଁ ସମାଧାନ କରିବା ଦରକାର। ଏଥିରେ



କୌଣସି ତୃତୀୟ ପକ୍ଷଙ୍କୁ ସାମିଲ କରାଯିବ ନାହିଁ। ଭାରତ-ଚୀନ ସୀମା ବିବାଦରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଖଣ୍ଡନ କରିଛନ୍ତି । ଭାରତ ଓ ଚୀନ ମଧ୍ୟରେ ପ୍ରକୃତ ସମସ୍ୟାର ସମାଧାନ ପାଇଁ ଆମେ ଅନ୍ୟ ଦେଶକୁ ଦେଖୁନାହୁଁ ବୋଲି ସେ କହିଛନ୍ତି। କ୍ୱାଡ ଗୋଷ୍ଠୀର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେବାକୁ ଆସିଥିବା ଜୟଶଙ୍କର ଏହା ମଧ କହିଛନ୍ତି ଯେ ଚୀନ ସହ ଭାରତର ସମ୍ପର୍କ ଭଲ ନାହିଁ । ଆମ ମଧ୍ୟରେ ଉତ୍ତେଜନା (ପୃଷ୍ଠା ୭ରେ)

# ଅଗଷ୍ଟ ୩ ସୁଦ୍ଧା ପ୍ରତିଦିନ ସୁପ୍ରିମକୋର୍ଟରେ ଚାଲିବ ଲୋକ ଅଦାଲତ

ନୂଆଦିଲ୍ଲୀ, ୨୯।୭

ସୁପ୍ରିମକୋର୍ଟ ସୋମବାର ନିଜର ପ୍ରଥମ ସ୍ୱତନ୍ତ୍ର ଲୋକ ଅଦାଲତର ଶୁଭାରମ୍ଭ କରିଛନ୍ତି। ଏହି ଲୋକ ଅଦାଲତ ଜରିଆରେ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ସମସ୍ତ ମାମଲାର ଶୁଣାଣି ଖୁବ ଶୀଘ୍ର କରିବାକୁ ଚେଷ୍ଟା କରାଯାଉଛି । ସୋମବାରଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ (ପୃଷ୍ଠା ୭ରେ)

# ୬ ଅଫିସରଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ୬ ଜଣ ଅଫିସରଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ କରିଛନ୍ତି । ଆଇଏଏସ୍ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଗୃହ, ଅର୍ଥ, ସାଧାରଣ ପ୍ରଶାସନ , ଶିଳ୍ପ , ଆଇନ୍ , ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅରିନ୍ଦମ ଡାକୁଆଙ୍କୁ ପଞ୍ଚାୟତିରାଜ, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ, ପୂର୍ତ୍ତ ବାଣିଜ୍ୟ ଓ ପରିବହନ, ଶକ୍ତି , ଇସ୍ପାତ ଓ ଖଣି, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ହସ୍ତଶିଳ୍ପ ବିଭାଗର ଦାୟିତ୍ୱ ଦିଆଯାଇଛି। ଆଇଏଏସ୍ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ଶାହାଙ୍କୁ ରାଜସ୍ୱ, ସୂଚନା ଓ ଲୋକସମ୍ପର୍କ, ଗଣଶିକ୍ଷା ଓ ଉଚ୍ଚଶିକ୍ଷା,ଦକ୍ଷତା ବିକାଶ , ସ୍ୱାସ୍ଥ୍ୟ, ଆଇଟି, କ୍ରୀଡା ଆଦି ବିଭାଗର ଦାୟିତ୍ୱ ମିଳିଛି।

ସେହିପରି ଓଏଏସ୍ ଅଧିକାରୀ ପ୍ରସନ୍ନ ଷଡଙ୍ଗୀଙ୍କୁ ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ଅବକାରୀ ବିଭାଗ , ଚିତ୍ରସେନ ରାଉତଙ୍କୁ କୃଷି, ମତ୍ସ୍ୟ ସମ୍ପଦ, ସମବାୟ, ଖାଦ୍ୟ ଯୋଗାଣ ଏବଂ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗର ଦାୟିତ୍ୱ ମିଳିଛି।

# ରାଜ୍ୟରେ ୧୦୦୦ ପାର କଲାଣି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

ଭୁବନେଶ୍ୱର, ୨୯।୭ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନସୁଦ୍ଧା ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୦୦୦ ପାର କଲାଣି। ଗତବର୍ଷ ଏହି ସମୟ ସୁଦ୍ଧା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୬୦୦ ଥିଲା । ଏହି ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୧୦୭୬ ରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧାରେ ସର୍ବାଧିକ ୨୯୦ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡରେ ୨୧୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେପଟେ ଲଗାଣ ବର୍ଷାରେ (ପୃଷ୍ଠା ୭ରେ)



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁଲାଇ ୨୦୨୪ ମଙ୍ଗଳବାର





# ଖୋଲିଲା ବାଇଶିପାହାଚ ଆନନ୍ଦବଜାର ଦ୍ୱାର: ୨୦୧୮ ମସିହାରୁ ତାଲା ପଡ଼ିଥିଲା

**ପୁରୀ, ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ଆନନ୍ଦବଜାର ବାଇଶିପାହାଚ ଦ୍ୱାର ଭକ୍ତ ଓ ସେବାୟତଙ୍କ ପାଇଁ ଉନମୁକ୍ତ କରାଯାଇଛି। ପ୍ରଶାସନିକ ନିଷ୍ପତ୍ତିକ୍ରମେ ଗତ ୮ ବର୍ଷ ଧରି ତାଲା ପଡ଼ିରହିଥିବା ଏହି ଦ୍ୱାରକୁ ତାଲା ଖୋଲାଯାଇଛି। ଯାହା ଭକ୍ତ ଓ ସେବାୟତଙ୍କ ମହାପ୍ରସାଦ ନେବା ଆଣିବା ବ୍ୟବସ୍ଥାକୁ ସହଜ କରିଛି। ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ।

ଶ୍ରୀମନ୍ଦିର ଆନନ୍ଦବଜାର ଆରମ୍ଭରୁ ରହିଥିଲା ଏହି ବାଇଶିପାହାଚ ଦ୍ୱାର। ଯେଉଁ ଭକ୍ତମାନେ କେବଳ ମହାପ୍ରସାଦ ଆଣିବାକୁ ଯାଉଥିଲେ, ସେମାନେ ସିଂହଦ୍ୱାର ବାଇଶିପାହାଚ ଦେଇ ପ୍ରବେଶ ବେଳେ ଭିତର ବେଢ଼ାକୁ ନ ଯାଇ ବାଇଶିପାହାଚରୁ ସିଧାସଳଖ ଆନନ୍ଦବଜାରକୁ ପ୍ରବେଶ କରୁଥିଲେ। ଫଳରେ ଶ୍ରୀମନ୍ଦିର ଭିତର ଭିଡ଼ ସେତେଟା ହେଉନଥିଲା। କିନ୍ତୁ ଧାଡ଼ି ଦର୍ଶନ ଆଳରେ ପୁଲିସ ପ୍ରଶାସନର ପରାମର୍ଶକ୍ରମେ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଆଧାରରେ ୨୦୧୮ ମସିହାରେ ଏହି ଦ୍ୱାରରେ ତାଲା ପକାଇ ଦିଆଯାଇଥିଲା। ପରେ କେବଳ ସିଂହଦ୍ୱାରରେ ଭକ୍ତଙ୍କୁ ଛଡ଼ାଯାଇଥିଲା। ଅନ୍ୟ ତିନିଦ୍ୱାରରେ ଭକ୍ତଙ୍କୁ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିଲା। ଏଣୁ ଯେଉଁ ଭକ୍ତମାନେ ମହାପ୍ରସାଦ ଆଣିବାକୁ ଯାଉଥିଲେ, ସେମାନଙ୍କୁ ଶ୍ରୀମନ୍ଦିର ଭିତର ବେଢ଼ାକୁ ଯାଇ ଆନନ୍ଦବଜାରକୁ ଯିବାକୁ ପଡୁଥିଲା। ନଚେତ ଦଲାଲଙ୍କ ଶୋଷଣର ଶିକାର ହେବାକୁ ପଡୁଥିଲା। ବହୁଦିନର ଦାବି ପରେ ଶେଷରେ ଏହି ଦ୍ୱାରକୁ ଖୋଲି ଦିଆଯାଇଛି। ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଂପାଦକ ନାରାୟଣ ମହାସୁଆର କହିଛନ୍ତି, ବାଇଶିପାହାଚ ଦ୍ୱାର ଖୋଲିବା ନିଷ୍ପତ୍ତି, ଏକ ବଡ଼ ନିଷ୍ପତ୍ତି। ୮ ବର୍ଷ ହେଲା ବନ୍ଦ ରହିଥିବା ବାଇଶିପାହାଚ ଦ୍ୱାର ଖୋଲାଯିବା ନିଷ୍ପତ୍ତି ନୂଆ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭକ୍ତ ଓ ସେବାୟତଙ୍କ ସୁବିଧା ପ୍ରତି ସମ୍ବେଦନଶୀଳ ଥିବା ସ୍ପଷ୍ଟ କରୁଛି ବୋଲି ଶ୍ରୀ ମହାସୁଆର କହିଛନ୍ତି।

# ନଦୀକୂଳରେ ମାଫିଆଙ୍କ ରାଜ : ବେଧଡକ ଚାଲିଛି ବାଲି ଚୋରା ଚାଲାଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେବୀ ନଦୀକୂଳରୁ ଉଠୁଛି ଟନ ଟନ ବାଲି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଟ୍ କରୁଛନ୍ତି ବାଲି ମାଫିଆ। ପୁରୀ କାକଟପୁରରୁ କିଛି ଦୂରରେ ଥିବା ବାଲିକୂଳ ନଦୀପଠାରେ ବାଲି ମାଫିଆଙ୍କ ରାଜ। ନିର୍ଦ୍ଧାରିତ ଲିଜ ଏରିଆକୁ ବାଦ ଦେଇ ମାଫିଆ ବାଲି ଉଠାଉଥିବା ଅଭିଯୋଗ। ନଦୀଗର୍ଭରେ ସୃଷ୍ଟି ହେଉଛି ବଡ଼ ବଡ଼ ଗାତ। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି ନଦୀ କୂଳିଆ ବାସିନ୍ଦା। ଦେବୀ ନଦୀକୂଳରେ ବାଲି ମାଫିଆଙ୍କ ରାଜ। ରାତି ହେଲେ ବେଧଡକ ଚାଲିଛି ବାଲି ଚୋରା ଚାଲାଣ। କିଟ୍ ମିଟ୍ ଅନ୍ଧାରରେ ଚାଲିଛି କୋଟି କୋଟି ଟଙ୍କାର ଖେଳ। ରାତି ସହିତ ଯେମିତି ଶୋଇଯାଇଛି ପ୍ରଶାସନ। ଲୁଟ୍ ହେଉଛି ହଜାର ହଜାର ଟ୍ରାକ୍ଟର ବାଲି। ଦେବୀ ନଦୀ କୂଳ କାକଟପୁର ଓ ଜଗତସିଂହପୁର ଜିଲ୍ଲା ସଂଲଗ୍ନ ଅଞ୍ଚଳ। ନଦୀପଠାରେ ଲାଗିଛି ଏକାଧିକ ଟ୍ରକ ଓ ଟ୍ରାକ୍ଟର। କେତେ ବେଖାତିର ଓ ବେଫିକର ବାଲି ମାଫିଆ। ଯୁଆଡେ ଚାହିଁବେ କେବଳ ବଡ଼ ବଡ଼ ଗର୍ତ୍ତ। ସତେ ଯେମିତି ପୋଖରୀ ଖୋଳାଯାଇଛି। ଦିନ ହେଉ କି ରାତି ଜେସିବି ଟ୍ରାକ୍ଟର ଲଗାଇ ଲୁଟ୍ କରୁଛନ୍ତି ବାଲି। ଏହାର ପ୍ରତିବାଦରେ ବାଲି ମାଫିଆ ମାନେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ରାତି ହେଉକି ଦିନ ମାଫିଆ ରାଜ ସହ ଚାଲିଛି ବାଲି ଚୋରା ଚାଲାଣ। ଫଳରେ ଭଣ୍ଡିସାହି, ବାଲିକୂଳ, ମୁତୁଣିଆ, ଡାହାଣୀଖିଆ, ତାଳଦା ପର୍ଯ୍ୟନ୍ତ ଦେବୀ ନଦୀ ସଲଗ୍ନ ବାଲିବନ୍ତ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ବାଲି ମାଫିଆଙ୍କ ରାଜ ବନ୍ଦ କରିବାକୁ ପ୍ରଶାସନ ସହ ଆଲୋଚନା କରିବେ ବୋଲି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। ସ୍ଥିତି ଅନୁଧ୍ୟାନ କଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି କାକଟପୁର ତହସିଲଦାର।

# ବର୍ଷାରେ ଭିଜୁଛନ୍ତି ଦିଅଁ: ପ୍ରଭୁ ଲିଙ୍ଗରାଜଙ୍କ ସମେତ ଅଧିକାଂଶ ମନ୍ଦିରରେ ଗଳୁଛି ପାଣି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ସମେତ ମନ୍ଦିର ବେଢ଼ା ପରିସରରେ ଥିବା ଅଧିକାଂଶ ମନ୍ଦିରରୁ ପାଣି ଗଳୁଛି। ପ୍ରାୟ ବର୍ଷା ଚାରିମାସ ପାଣିରେ ଭିଜୁଛନ୍ତି ଦିଅଁ। ଏପଟେ ରକ୍ଷଣାବେକ୍ଷଣ ଅଭାବରୁ ବର୍ଷାପାଣି ଖାଇ ମନ୍ଦିର ଭିତର ଓ ବାହାର କାରୁକାର୍ଯ୍ୟପୂର୍ଣ୍ଣ ପଥର ନଷ୍ଟ ହେଉଛି। ଦଶନ୍ଧି ଦଶନ୍ଧି ଧରି ଏ ସମସ୍ୟା ଲାଗି ରହିଥିଲେ ହେଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଲଗାତାର ଅଣଦେଖା ଜାରି ରହିଛି। ମନ୍ଦିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏଏସ୍ଆଇ ଯେ କେତେ ନିଷ୍ଠାବାନ ଏଥିରୁ ପ୍ରମାଣିତ ହେଉଛି ପ୍ରତିବର୍ଷ। ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ପରିସରରେ ୧୦୮ଟି ଛୋଟ ବଡ଼ ମନ୍ଦିର ରହିଛି। ଏଥି ମଧ୍ୟରୁ ପ୍ରାୟ ୭୦ଟି ଶିବ ମନ୍ଦିର। ଅଧିକାଂଶ ମନ୍ଦିରରେ ପାଣି ଗଳୁଛି। ଏଥିମଧ୍ୟରୁ ପ୍ରଭୁ ଲିଙ୍ଗରାଜଙ୍କ ମୁଖ୍ୟ ମନ୍ଦିରର ଭୋଗ ମଣ୍ଡପରେ ଏକାଧିକ ସ୍ଥାନରେ ପାଣି ଗଳୁଛି। ଏବେ ଶ୍ରଦ୍ଧାଳୁ ନାଟ ମଣ୍ଡପ ଦେଇ ଦର୍ଶନ ପାଇଁ ଯାଉଛନ୍ତି। ତେଣୁ ଭୋଗ ମଣ୍ଡପରେ ଠାକୁରଙ୍କ ବିମାନ ଓ ଅନ୍ୟାନ୍ୟ ଉପକରଣ ରଖାଯାଇଛି। ବର୍ଷା ପଡ଼ି କିଛି ଅଂଶରେ ସେସବୁ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ମା' ପାର୍ବତୀଙ୍କ ମନ୍ଦିର କବାଟ ପାଖରେ ପାଣି ଗଳୁଛି। ମା' ଭୁବନେଶ୍ୱରରୀ ମନ୍ଦିରରେ ମା'ଙ୍କ ମୂର୍ତ୍ତି ସମ୍ମୁଖରେ ପାଣି ଗଳୁଛି। ଲକ୍ଷ୍ମୀ ନୃସିଂହ ମନ୍ଦିରର ଦଧିନଉତି ଭାଙ୍ଗି ଯାଇଛି। ମନ୍ଦିରକୁ ଲାଗି ଏକ ଆଜବେଷ୍ଟ ପଡ଼ିଛି। ତଥାପି ବର୍ଷା ପାଣିରେ ମନ୍ଦିର ପରିସର ସନ୍ତସନ୍ତିଆ ହୋଇଛି। ଏଥିସହ ବିଶ୍ୱକର୍ମା ମନ୍ଦିର, ବିଷ୍ଣୁ ମନ୍ଦିର, ବୈଷ୍ଣବ ମନ୍ଦିର, କାଶୀ ବିଶ୍ୱନାଥ ମନ୍ଦିର, ପାତାଳେଶ୍ୱର ମନ୍ଦିର, ଇଶାନେଶ୍ୱର ମନ୍ଦିର, ସର୍ବେଶ୍ୱର ମନ୍ଦିର, ଓମ୍କାରେଶ୍ୱର ମନ୍ଦିର, ତାରକେଶ୍ୱର ମନ୍ଦିର ଭଳି ଅଧିକାଂଶ ମନ୍ଦିରରେ ପାଣି ଗଳୁଛି। ବର୍ଷା ସତ୍ତ୍ୱେ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ମନ୍ଦିରକୁ ଆସୁଛନ୍ତି। ହେଲେ ମନ୍ଦିର ଭିତରେ ଏଭଳି ଦୟନୀୟ ସ୍ଥିତି ଦେଖି ପର୍ଯ୍ୟଟକ ଚିନ୍ତାରେ ଯେତିକି ପଡୁଛନ୍ତି ତା'ଠୁ ଅଧିକ ଆଶ୍ଚର୍ଯ୍ୟ ହେଉଛନ୍ତି।

# ପଦା ହେଲାଣି ଜଙ୍ଗଲ : ସାଢ଼େ ୪ବର୍ଷରେ ୪୫୦ ଜଣଙ୍କ ନାଁରେ ମାମଲା

## ୩ ବନଖଣ୍ଡରେ ମାତ୍ର ୨୦୦ ଘନଫୁଟ୍ କାଠ ଜବତ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଅନୁଗୁଳ ଜିଲ୍ଲାର ବିଭିନ୍ନ ବନଖଣ୍ଡରେ ମାତିଛନ୍ତି ଚୋରା କାଠମାଫିଆ। ସଂରକ୍ଷିତ ଜଙ୍ଗଲକୁ ବି ସେମାନେ ଛାଡୁନାହାନ୍ତି। ଗ୍ରାମ୍ୟ ଜଙ୍ଗଲ, ରାଜସ୍ୱ ଜଙ୍ଗଲ ପଦା ହେବାକୁ ବସିଲାଣି। ବନବିଭାଗର କଟକଣା ଯେମିତି ମାଫିଆ ମାନିବାକୁ ରାଜି ନାହାନ୍ତି। ମୂଲ୍ୟବାନ ଗଛ କାଟି ଚୋରାଚାଲାଣ ହେଉଥିଲାବେଳେ ବନବିଭାଗ ଆଖିଦୃଶିଆ ପଦକ୍ଷେପ ନେଇପାରୁନି। ଏପରିକି ଗାଁ ଗହଳିରୁ ତାଳଗଛ ବି ମୂଳପୋଛ ହେଲାଣି। ସ୍ଥାନୀୟ ଅଞ୍ଚଳର କାଠ ବେପାରୀଙ୍କ ସହ ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁ କିଛି ବର୍ଷ ଭିତରେ ଜଙ୍ଗଲ ନିଶ୍ଚିହ୍ନ ହେବା ଥୟ। ବନ କର୍ମଚାରୀଙ୍କ ପରୋକ୍ଷ ସହଯୋଗ, ପାଟ୍ରୋଲିଂ ଅଭାବ କାଠମାଫିଆଙ୍କ ବିଶାଳ ସାମ୍ରାଜ୍ୟ ଛିଡ଼ା କରିଛି। ଲାଗୁଛି ଯେମିତି ଜିଲ୍ଲାରେ ମାଳମାଳ ପୁଷ୍ପା ମାତିଛନ୍ତି। ଯେଉଁମାନେ ଆଖି ପିଛୁଳାକେ କାଟି ନେଉଛନ୍ତି ମୂଲ୍ୟବାନ ଗଛ। ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଦେଇଥିବା ତଥ୍ୟରେ ଅନୁଗୁଳରେ କାଠଚୋରି ସାମ୍ରାଜ୍ୟର ଗୁମର ଫିଟିଛି। ତଥ୍ୟ ମୁତାବକ, ଅନୁଗୁଳ ସର୍କଲ୍‌ର ଅନୁଗୁଳ ଡିଭିଜନ୍‌ରେ ୨୦୧୯ରେ ୩.୪୭୦୧ ଘନଫୁଟ୍



କାଠ ଜବତ ହୋଇଛି। ୨୦୨୦ରେ ୧୦୯.୯୬୧ ଘନଫୁଟ୍, ୨୦୨୧ରେ ୧୨.୮୪୪୯ ଘନଫୁଟ୍, ୨୦୨୨ରେ ୩୫.୪୩୩୯ ଘନଫୁଟ୍ କାଠ ଜବତ କରିଛି ବନବିଭାଗ। ଗତବର୍ଷ ୫.୦୯୬୧ ଘନଫୁଟ୍ ଓ ୨୦୨୪ ଆରମ୍ଭରୁ ଜୁନ ମାସ ଭିତରେ ୦.୭୩୨୫ ଘନଫୁଟ୍ କାଠ ଜବତ ହୋଇଥିବା ଜଣାପଡ଼ିଛି। ସେହିପରି ୨୦୧୯ରେ ଆଠମଲ୍ଲିକ ଡିଭିଜନ୍‌ରେ ୪.୫୫୬୧ ଘନଫୁଟ୍, ୨୦୨୦ରେ ୪.୪୦୩୮ ଘନଫୁଟ୍, ୨୦୨୧ରେ ୫.୩୯୫୬ ଘନଫୁଟ୍, ୨୦୨୨ରେ ୬.୫୦୬୩ ଘନଫୁଟ୍ ଓ ୨୦୨୩ ମସିହାରେ ୩.୨୧୪୭ ଘନଫୁଟ୍ କାଠ ଜବତ ହୋଇଛି। ସାତକୋଶିଆ ଡିଭିଜନ୍‌ରେ ୨୦୧୯ ମସିହାରେ ୦.୩୬୩୪ ଘନଫୁଟ୍, ୨୦୨୦ରେ ୨.୧୭୫୮ ଘନଫୁଟ୍, ୨୦୨୧ରେ ୨.୧୭୩ ଘନଫୁଟ୍, ୨୦୨୨ରେ ୦.୫୫୯୩ ଘନଫୁଟ୍ ଓ ୨୦୨୩ରେ ୦.୨୫୨୨ ଘନଫୁଟ୍ କାଠ ବନବିଭାଗ ଦ୍ୱାରା ଜବତ ହୋଇଛି। ୨୦୨୪ ଆରମ୍ଭରୁ ଜୁନ ଭିତରେ ୦.୫୧୧୨ ଘନଫୁଟ୍ କାଠ ଜବତ ହୋଇଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି। ଅନୁଗୁଳରେ ସାତକୋଶିଆ ସଂରକ୍ଷିତ ଜଙ୍ଗଲ ସହିତ ଆଠମଲ୍ଲିକ ଓ ଅନୁଗୁଳ ବନଖଣ୍ଡରେ ବହୁ ସଂଖ୍ୟାରେ ଛୋଟମୋଟ ଜଙ୍ଗଲ ରହିଛି। ଗ୍ରାମ୍ୟ ଜଙ୍ଗଲ ଓ ରାଜସ୍ୱ ଜଙ୍ଗଲରେ ବି ମୂଲ୍ୟବାନ ଗଛମାନ ରହିଛି। ପୂର୍ବରୁ ଅନୁଗୁଳ ଜିଲ୍ଲାକୁ ସବୁଜ ଜଙ୍ଗଲ ଘେରି ରହିଥିଲା। ହେଲେ ଖଣିଖାଦାନ, କାରଖାନା ଓ ଶିଳ୍ପ ପ୍ରତିଷ୍ଠା ନାଁରେ ସେସବୁ ପଦା ହୋଇଗଲା। ବାକି ଯାହା ଥିଲା, ତା' ଉପରେ ପଡ଼ିଲା କାଠମାଫିଆଙ୍କ ନଜର। ସେହିପରି କୁଇଓ, ଗୁରଙ୍ଗ, ମନ୍ଦରଗିରି, କୁମୁଣ୍ଡା, ବଡ଼କନ୍ତକୂଳ, କଞ୍ଚା, କରାବିରାଖୋଲ ଆଦି ଜଙ୍ଗଲ ଅନୁଗୁଳ ବନଖଣ୍ଡରେ ରହିଛି। କିନ୍ତୁ କାଠମାଫିଆଙ୍କ ଚୋରାଚାଲାଣ ଯୋଗୁ ଗଛସଂଖ୍ୟା କମି ଆସିଲାଣି। ଏହାର ସିଧାସଳଖ ପ୍ରଭାବ ବନ୍ୟଜନ୍ତୁଙ୍କ ଉପରେ ପଡ଼ିଛି। ହାତୀ, ବାଘ, ଭାଲୁ, ହରିଣ, ବାରହା ଆଦି ବନ୍ୟଜନ୍ତୁ ଆଉ ଜଙ୍ଗଲରେ ନ ରହି ସହର ଓ ଜନବସତିମୁହାଁ ହେଉଛନ୍ତି। ଏପରିକି ଅଜଗର, ଅହିରାଜ ବି ସହରର ଗଳିକନ୍ଦିରେ ପଶିଲେଣି। ସେହିପରି ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀମାନଙ୍କ ଜୀବିକା ବି ବେଶ୍ ପ୍ରଭାବିତ ହୋଇଛି। ସୂଚନାଯୋଗ୍ୟ, ଗତ ୫ବର୍ଷରେ ଅନୁଗୁଳ ଜିଲ୍ଲାର ୩ ବନଖଣ୍ଡରେ ବିପୁଳ ପରିମାଣର କାଠ ଓ କେନ୍ଦୁପତ୍ର ଜବତ ହୋଇଛି। ଏଥିସହ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ୨୦୧୯ ମସିହାରେ ୮୫ଜଣ, ୨୦୨୦ରେ ୭୦ଜଣ, ୨୦୨୧ରେ ୯୨ଜଣ, ୨୦୨୨ରେ ୧୨୬ ଜଣ ଓ ୨୦୨୩ରେ ୬୧ ଜଣ ଓ ୨୦୨୪ ଜାନୁଆରିରୁ ଜୁନ ମାସ ମଧ୍ୟରେ ୨୦ଜଣଙ୍କ ନାଁରେ ବନବିଭାଗ ମାମଲା ରୁଜୁ କରିଛି। ତେବେ ସେମାନଙ୍କ ମଧ୍ୟରୁ ଏଯାଏଁ ଜଣଙ୍କୁ ବି ଦୋଷୀସାବ୍ୟସ୍ତ କରାଯାଇନାହିଁ କିମ୍ବା ଅଦାଲତ ଦଣ୍ଡବିଧାନ କରିନାହାନ୍ତି।

# ଆଉ ପାଦେ ଆଗେଇଲା କଳା ବାଘ ସଫାରି ଡିଜାଇନ୍‌କୁ ସିଜେଡ୍ଏର ଅନୁମୋଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ନିକଟରେ ପ୍ରତିଷ୍ଠା ହେବାକୁ ଥିବା ମେଲାନିଷ୍ଟିକ୍ ଟାଇଗର (କଳା ବାଘ) ସଫାରି ଆଉ ପାଦେ ଆଗେଇଛି। ବିଶ୍ୱର ପ୍ରଥମ ମେଲାନିଷ୍ଟିକ୍ ଟାଇଗର ସଫାରିକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ଙ୍କ ଅନୁମତି ମିଳିସାରିଛି। ଏଥିସହ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍ଏ)ଙ୍କ ଦ୍ୱାରା ପ୍ରକଳ୍ପର ଡିଜାଇନ୍ ଅନୁମୋଦିତ ହୋଇଛି। ଏବେ କେବଳ ସିଜେଡ୍ଏର ଚୂଡ଼ାନ୍ତ ମୋହର ବାଜିବାକୁ ବାକି ରହିଛି। ଗୋଟିଏ ପଟେ ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ ଥିବା ବେଳେ ଅନ୍ୟପଟେ କଳା ବାଘ ସଫାରିରେ ବାଘ ଛାଡ଼ିବାକୁ ବନ ବିଭାଗ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରଥମ ପର୍ଯ୍ୟାୟରେ ୫ଟି କଳା ବାଘଙ୍କୁ ଏହି ସଫାରିରେ ଛାଡ଼ିବାକୁ ନିଷ୍ପତ୍ତି ହୋଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ୩ଟି କଳା ବାଘଙ୍କୁ ମେଲାନିଷ୍ଟିକ୍ ଟାଇଗର ସଫାରିକୁ ଯିବେ। ଏହାବ୍ୟତୀତ ଚଳିତ ମାସରେ ରାଞ୍ଚିସ୍ଥିତ ଭଗବାନ ବିର୍ସା ମୁଣ୍ଡା ପ୍ରାଣୀ ସଂଗ୍ରହାଳୟରୁ ନନ୍ଦନକାନନ ଆସିଥିବା ଦୁଇଟି ବାଘୁଣୀକୁ ସେଠାକୁ ପଠାଯିବ। କଳା ବାଘ ଓ ବାଘୁଣୀଙ୍କ ମିଳନ କରାଯାଇ ମେଲାନିଷ୍ଟିକ୍ ଟାଇଗର ସଫାରିକୁ ସମୃଦ୍ଧ କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଆସନ୍ତା ପର୍ଯ୍ୟଟନ ଋତୁ ଅର୍ଥାତ୍ ଅକ୍ଟୋବର ମାସ ବେଳକୁ ଏହି ସଫାରି ଖୋଲିବାକୁ ବନ ବିଭାଗ ଲକ୍ଷ୍ୟ ରଖିଥିଲା। ତେବେ ବିଭିନ୍ନ କାରଣ ଯୋଗୁଁ ଏଥିରେ ସାମାନ୍ୟ ବିଳମ୍ବ ହୋଇଛି। ତଥାପି ୨୦୨୫ ଜାନୁଆରିରେ ଏହି ସଫାରି କାର୍ଯ୍ୟ ଶେଷ କରିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଲକ୍ଷ୍ୟ ରଖିଛି। ମୟୂରଭଞ୍ଜ ଜିଲ୍ଲା ବାରିପଦା ନିକଟରେ ୨୦୦ ହେକ୍ଟର ଅଞ୍ଚଳରେ ଏହି ସଫାରିର ବିକାଶ କରାଯାଉଛି। ଜାତୀୟ ରାଜପଥ-୧୮ ନିକଟରେ ଚିହ୍ନଟ ହୋଇଥିବା ୨୦୦ ହେକ୍ଟର ମଧ୍ୟରୁ ୧୦୦ ହେକ୍ଟର ଅଞ୍ଚଳରେ ବାଘଙ୍କୁ ରଖାଯିବ। ବାକି ଅଞ୍ଚଳକୁ ପ୍ରାଣୀ ଚିକିତ୍ସା ସୁବିଧା କେନ୍ଦ୍ର ଭାବେ ବ୍ୟବହାର କରାଯିବ। ଯେଉଁଥିରେ ଉଦ୍ଧାର କେନ୍ଦ୍ର, କର୍ମଚାରୀଙ୍କ ଭିତ୍ତିଭୂମି ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ଉପଲବ୍ଧ ହେବ। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟଠାରୁ ୧୫ କିଲୋମିଟର ଦୂରରେ ଥିବା ଏହି ଅଞ୍ଚଳରେ ବାଘଗୁଡ଼ିକୁ ଖୋଲା ରଖାଯିବ। ଏହାବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇ ଆସୁଥିବା ମହାବଳ ଏବଂ ଜଙ୍ଗଲରେ ରହିବାକୁ ଯୋଗ୍ୟ ନ ଥିବା ଏବଂ ପ୍ରଦର୍ଶନୀ ପାଇଁ ଯୋଗ୍ୟ ଥିବା ବାଘଗୁଡ଼ିକୁ ସଫାରିର ଖୋଲା ଏନ୍‌କ୍ଲୋଜରରେ ରଖାଯିବ। ଓଡ଼ିଶାରେ ବନ୍ୟପ୍ରାଣୀ ପର୍ଯ୍ୟଟନ କ୍ଷେତ୍ରକୁ ଉତ୍ସାହିତ କରିବାରେ ଏହି ସଫାରି ବେଶ୍ ସହାୟକ ହେବ। ଏଭଳି ପଦକ୍ଷେପ ଦ୍ୱାରା ପରିବେଶବିତ୍, ଗବେଷକ, ବନ୍ୟପ୍ରାଣୀ କ୍ଷେତ୍ରରେ ଉତ୍ସାହିତ ବ୍ୟକ୍ତି ଓ ସାଧାରଣ ଲୋକେ କଳା ବାଘଙ୍କୁ ନିକଟରୁ ଦେଖିବା ସହ ସେମାନଙ୍କ ସଂରକ୍ଷଣ ସମ୍ପର୍କରେ ଜାଣିପାରିବେ। ଶିମିଳିପାଳ ଅଭୟାରଣ୍ୟ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଏହି ସଫାରି ଭ୍ରମଣ କରିପାରିବେ। ସାରା ବିଶ୍ୱରେ ଶିମିଳିପାଳ ଏକମାତ୍ର ଅଭୟାରଣ୍ୟ, ଯେଉଁଠାରେ କଳାବାଘ ଦୃଶ୍ୟମାନ ହୋଇଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ପକ୍ଷରୁ ୨୦୨୨ରେ ପ୍ରକାଶିତ ବ୍ୟାଘ୍ର ଗଣନା ରିପୋର୍ଟରେ ଶିମିଳିପାଳରେ କେବଳ ମେଲାନିଷ୍ଟିକ୍ ଟାଇଗର ଚିହ୍ନଟ ହୋଇଥିଲା।

# ବଢୁଛି ସଫେଇ କର୍ମଚାରୀଙ୍କ ଦୌରାତ୍ମ୍ୟ : ସଫେଇ ପାଇଁ ଅର୍ଥ ଦାବି, ନ ଦେଲେ ଦୁର୍ବ୍ୟବହାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ସଫେଇ କର୍ମଚାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏମାନେ ଅଳିଆ ଉଠାଇବାକୁ ଆସିଲେ ଲୋକଙ୍କୁ ଟଙ୍କା ମାଗୁଛନ୍ତି। ପ୍ରଥମେ ଭଦ୍ରାମିର ସହ ଟଙ୍କା ଦିଅ ବୋଲି କହୁଛନ୍ତି। ମନାକଲେ ବଡ଼ ପାଟିରେ କଥାବାର୍ତ୍ତା କରୁଛନ୍ତି। ଧୀରେ ଧୀରେ ବ୍ୟବହାର ଖରାପ କରିବାକୁ ବି ପଛାଉ ନାହାନ୍ତି। ଟଙ୍କା ଦେବାକୁ ମନାକଲେ ନିଶାସକ୍ତ ଅବସ୍ଥାରେ କେତେବେଳେ ଘର ସାମ୍ନାରେ ପରିସ୍ରା କରି ଦେଉଛନ୍ତି ତ ପୁଣି କେତେବେଳେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି। ଏଭଳି ଅନେକ ଘଟଣାରେ ଭୁବନେଶ୍ୱରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୱାର୍ଡ ନମ୍ବର ୬୫ର ଡୁମୁଡୁମା ହାଉସିଂ ବୋର୍ଡ ଅଞ୍ଚଳରେ ଜଣେ ସଫେଇ କର୍ମଚାରୀ ସେନାର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଛନ୍ତି ବୋଲି ଅଭିଯୋଗ ହୋଇଛି। ନିଶାସକ୍ତ ଅବସ୍ଥାରେ ସେ ଗାଳିଗୁଲଜ କରିବାକୁ ନେଇ ତାଙ୍କ ପୁଅ ଅଭିଯୋଗ କରିବା ସହ ବିଏମ୍‌ସି ଏବଂ ସିଏମ୍ଓଙ୍କୁ ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ'ରେ ଅଭିଯୋଗ କରିଛନ୍ତି। ସେହିପରି ଗତ ବର୍ଷ ଦଶହରା ସମୟରେ ନୟାପଲ୍ଲୀ ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ସଫେଇ କର୍ମଚାରୀ ଜଣଙ୍କ ଦଶହରା ବକ୍ସିସ୍ ମାଗିଥିଲେ। ହେଲେ ସେ ନ ଦେବାରୁ ସମ୍ପୃକ୍ତ ସଫେଇ କର୍ମଚାରୀ ଜଣଙ୍କ ତାଙ୍କ ଘରେ ପରିସ୍ରା କରି ଦେଇଥିଲେ। ସେହିପରି ମୃତ ଗୋରୁ କିମ୍ବା କୁକୁର ପଡ଼ି ରହିଲେ ଏହାକୁ ବିଏସିର ପରିମଳ ବିଭାଗ କିମ୍ବା ସ୍ୱାସ୍ଥ୍ୟ ବିଭାଗ କିଏ ଉଠାଇବ ବୋଲି ଟଣାଓଟରା ଲାଗିଯାଉଛି। ଟଙ୍କା ନ ଦେବା ପର୍ଯ୍ୟନ୍ତ କେହି ଉଠାଉ ନାହାନ୍ତି। ସେମିତି ପଡ଼ି ରହୁଛି। ଗନ୍ଧ ହେଉଛି। ଟଙ୍କା ଦେବା ମାତ୍ରେ ତୁରନ୍ତ ଉଠିଯାଉଛି। ମୃତ କୁକୁର କିମ୍ବା ଗୋରୁ ଉଠାଉଥିବା କର୍ମଚାରୀଙ୍କ ଏଭଳି ବ୍ୟବହାର ଲୋକଙ୍କୁ ବରକ୍ତ କରୁଛି। କେବଳ ଅସଲି ସଫେଇ କର୍ମଚାରୀ ନୁହନ୍ତି, ନକଲି ସଫେଇ କର୍ମଚାରୀ ମଧ୍ୟ ରାଜଧାନୀରେ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ଅଛନ୍ତି। ବିଏମ୍‌ସି ଗୋଟିଏ ସ୍ଥାନ ସଫା କରି ଯିବା ପରେ ଏମାନେ ଉକ୍ତ ଅଞ୍ଚଳରେ ସଫେଇ ଆଳରେ ଟଙ୍କା ମାଗୁଛନ୍ତି। ଏପରିକି କିଛିଦିନ ତଳେ ପରିମଳ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ଜଣେ ନକଲି ସଫେଇ କର୍ମଚାରୀ ସଫେଇ ଆଳରେ ଟଙ୍କା ମାଗିଥିଲା। ଗତ କିଛିଦିନ ମଧ୍ୟରେ ବିଭିନ୍ନ ୱାର୍ଡରୁ ବିଏମ୍‌ସିକୁ ଏଭଳି ଅଭିଯୋଗ ଆସିବାରେ ଲାଗିଛି। ଯାହା ବିଏମ୍‌ସି ପାଇଁ ଏବେ ଚିନ୍ତାର କାରଣ ପାଲଟିଲାଣି। ଏନେଇ ବିଏମ୍‌ସି ପରିମଳ ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ସାହୁ କହିଛନ୍ତି ସଫେଇ ପାଇଁ କୌଣସି ପ୍ରକାର ଟଙ୍କା ମାଗିବା ଘଟଣାକୁ ବିଏମ୍‌ସି ଆଦୌ ବରଦାସ୍ତ କରିବ ନାହିଁ। ଯିଏ ମଧ୍ୟ ଏଭଳି କାର୍ଯ୍ୟରେ ଲିପ୍ତ ରହିବ ସେମାନଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମେ ବିଶେଷ କରି ଦଶହରା ସମୟରେ ବକ୍ସିସ୍ ନ ଦେବାକୁ ଲୋକଙ୍କୁ ସଚେତନ କରାଇଥିଲୁ। ଏଜେନ୍ସି ଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ନେଇ ତାଗିଦ କରିଥିଲୁ। ଏଘଟଣାର ଅଭିଯୋଗ ଆମର ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ।

# ଡବଲ ଇଞ୍ଜିନ୍ ସରକାରରେ ବିକାଶର ଗତି ଡବଲ ହେବ : ବିଜେପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କଂଗ୍ରେସର ୧୦ ବର୍ଷ ଶାସନରେ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ବାବଦରେ ମାତ୍ର ଲକ୍ଷେ ୧୪ହଜାର କୋଟି ଟଙ୍କା ପାଇଥିଲାବେଳେ ମୋଦି ସରକାରଙ୍କ ୧୦ବର୍ଷରେ ୪ଗୁଣ ବଢ଼ି ୪ଲକ୍ଷ ୫୭ ହଜାର କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ରେଳ ଅନୁଦାନରେ କଂଗ୍ରେସ ୧୦ବର୍ଷରେ କେବେ ବି ବାର୍ଷିକ ଅନୁଦାନ ହଜାରେ କୋଟି ଛୁଇଁ ନଥିଲା କିନ୍ତୁ ମୋଦି ସରକାରରେ ଚଳିତ ରେଳ ବଜେଟ୍‌ରେ ଓଡ଼ିଶାକୁ ୧୦ହଜାର ୫୦୦କୋଟି ଟଙ୍କାରୁ ଅଧିକ କେନ୍ଦ୍ରୀୟ ଅନୁଦାନ ମିଳିଛି ବୋଲି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କଂଗ୍ରେସ ସରକାରରେ ଓଡ଼ିଶା ଅବହେଳିତ ହେଉଥିବା ବେଳେ ମୋଦି ସରକାରରେ ଓଡ଼ିଶା ତା'ର ନ୍ୟାର୍ଯ୍ୟ ହକ୍ ପାଇଛି। ଚଳିତ ବଜେଟ୍‌ରେ ଓଡ଼ିଶାର ପର୍ଯ୍ୟଟନର ବିକାଶ ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି ଆଗାମୀ ଦିନରେ ଏହା ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏକ ମାଇଲଷ୍ଟୋନ ଭୂମିକା ନେବ ବୋଲି କହିଛନ୍ତି। ଶ୍ରୀ ପଣ୍ଡା ଆହୁରି କହିଛନ୍ତି ଯେ ମୋଦି ସରକାର ବଜେଟ୍‌ରେ ୪ଟି କ୍ଷେତ୍ର ଗରିବ, ମହିଳା, ଯୁବକ ଓ କୃଷକଙ୍କୁ ଗୁରୁତ୍ୱ ଦେଇଛନ୍ତି। କଂଗ୍ରେସ ସରକାର ସମୟରେ ୧୦ବର୍ଷ ତଳେ ଘର ନିର୍ମାଣ କ୍ଷେତ୍ରରେ ମାତ୍ର ୧୦, ୫୬୭ କୋଟି ଟଙ୍କା ଦିଆଯାଇଥିଲା, କିନ୍ତୁ ୨୦୧୪-୨୫ରେ ଏହା ୮୨୫୭୬ କୋଟି ଟଙ୍କା ହୋଇଛି। ସେହିଭଳି ଭିତ୍ତିଭୂମି, ସଡ଼କ ପରିବହନ ଓ ରାଜପଥ, ଗ୍ରାମୀଣ କ୍ଷେତ୍ର, ଶିକ୍ଷା ଆଦି କ୍ଷେତ୍ରରେ ବ୍ୟୟବରାଦ ବହୁ ପରିମାଣରେ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। କଂଗ୍ରେସ ସରକାର ପୂର୍ବଭାରତ ଓ ଉତ୍ତର ପୂର୍ବ ଭାରତକୁ ମାତ୍ରାଧିକ ଅବହେଳା କରୁଥିଲା। ଉତ୍ତର ପୂର୍ବ ଭାରତକୁ ମୋଦି ୧୦ବର୍ଷରେ ୯୦ଥର ଗସ୍ତ କରିଛନ୍ତି ବୋଲି ସେ କହିଛନ୍ତି।

# ବ୍ୟବସାୟୀଙ୍କ ଘର ଉପରକୁ ବୋମା ମାଡ

**ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳରେ ବୋମାମାଡ଼। ଟାଉନଥାନା ଖମାର ସାହିରେ ସୁଶାନ୍ତ କୁମାର ସାହୁଙ୍କ ଘରକୁ ବୋମାମାଡ ହୋଇଛି। ଦୁଇ ଯୁବକ ବୋମାମାଡ କରି ଫେରାର ହୋଇଯାଇଛନ୍ତି। ବୋମାମାଡରେ ସୁଶାନ୍ତଙ୍କ ଘର ଗେଟ ଭାଙ୍ଗିଯାଇଛି। ବୋମାମାଡର କିଛି ସମୟ ପୂର୍ବରୁ ଦୁର୍ବୃତ୍ତମାନେ ସୁଶାନ୍ତଙ୍କୁ ଫୋନରେ ଧମକ ଦେଇଥିଲେ। କିଏ ଓ କାହିଁକି ବୋମାମାଡ଼ କରିଛି ସେନେଇ ସ୍ପଷ୍ଟ ସୂଚନା ମିଳିପାରିନି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛି।

## ସୀମାନ୍ତରେ ଭୁଶୁଡିବାରେ ଲାଗିଛି ମାଓ ଗଡ

# ୧୯ଲକ୍ଷ ଇନାମ ଥିବା ୫ ମାଓବାଦୀ କଲେ ଆତ୍ମସମର୍ପଣ



**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବସ୍ତରରେ ମାଓ ସଂଗଠନକୁ ଶକ୍ତ ଧକ୍କା ଲାଗିଛି। ସେଠାରେ ସକ୍ରିୟ ମାଓ ସଂଗଠନର ପ୍ଲାଟୁନ୍ ନମ୍ବର ୩୦ର ଡେପୁଟି କମାଣ୍ଡରଙ୍କ ସମେତ ପାଞ୍ଚ ଜଣ କୁଖ୍ୟାତ ମାଓବାଦୀ ରବିବାର ସୁକମା ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୩ ମହିଳା ଏବଂ ୨ ପୁରୁଷ ଥିବା ଜଣା ପଡିଛି। ଆତ୍ମସମର୍ପଣକାରୀ ମାଓବାଦୀଙ୍କ ନାମରେ ମୋଟ ୧୯ଲକ୍ଷ ଟଙ୍କାର ଇନାମ ମଧ୍ୟ ଘୋଷଣା କରାଯାଇଥିଲା ବୋଲି ପୋଲିସ ପକ୍ଷରୁ ଜଣାପଡିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାରେ ଥିବା ଛତିଶଗଡରେ ସକ୍ରିୟ ଭବାଏ ମାଓ ସଂଗଠନରେ କାର୍ଯ୍ୟ କରୁଥିବା ୫ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣ କରିଥିବା ୫ ଜଣ ନକ୍ସଲଙ୍କ ମଧ୍ୟରେ ମାଓବାଦୀ ସଂଗଠନର ଡେପୁଟି କମାଣ୍ଡର ତଥା ପିପିସିଏମ୍ ସଦସ୍ୟ କାୱାସୀ ଦୁଲା ସାମିଲ ଥିବା ବେଳେ ତା'ଉପରେ ପୂର୍ବରୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ପ୍ଲାଟୁନ୍ ନମ୍ବର ୩୦ର ସେକ୍ସନ୍ କମାଣ୍ଡର ସୋଡି ବୁଦ୍ଧ୍ରା, କୁଖ୍ୟାତ ମାଓବାଦୀ ମାଡାକମ୍ ଗାଙ୍ଗୀ ରହିଥିବା ବେଳେ ଏମାନଙ୍କ ନାମରେ ମଧ୍ୟ ୫ ଲକ୍ଷ ଲେଖାଏଁ ପୁରସ୍କାର ରାଶି ଘୋଷଣା ହୋଇଥିଲା। ସେହିପରି ଏଥିରେ ଅନ୍ୟ ଦୁଇ ମାଓବାଦୀ ହେଲେ ପୋଡିୟମ୍ ସୋମଡି ଓ ମାଡାକମ୍ ଆୟତୁ ମଧ୍ୟ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ନାମରେ ୨ ଲକ୍ଷ ଲେଖାଏଁ ପୁରସ୍କାର ରାଶି ଘୋଷଣା ହୋଇଥିଲା। ପୋଲିସ ଆଗରେ ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀମାନେ ଗତ ୧୦ ବର୍ଷ ମଧ୍ୟରେ ପ୍ରମୁଖ ନକ୍ସଲ ଅପରାଧରେ ସାମିଲ ଥିବା ନେଇ ସୁକୁମା ଏସ୍‌ପି କିରଣ ଚୌହ୍ୱାନ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହିତ ଖୁବ୍‌ଶୀଘ୍ର ସେମାନଙ୍କୁ ପୁନର୍ବାସ ନୀତି ଅଧୀନରେ ଅନ୍ୟାନ୍ୟ ସୁବିଧା ଦିଆଯିବ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି।

# କମ୍ ବୟସରେ ୪.୫% କିଶୋରୀ ଗର୍ଭବତୀ ହେଉଛନ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



## ◆ ବୟସ ବଢ଼ାଇ ଦେଉଛନ୍ତି 'ମମତା' ଯୋଜନା ପାଇବା ପାଇଁ

ରାଜ୍ୟରେ କମ୍ ବୟସରେ ବହୁ କିଶୋରୀ ଗର୍ଭବତୀ ହେଉଛନ୍ତି। ପ୍ରତିବର୍ଷ ରାଜ୍ୟରେ ଯେତିକି ସଂଖ୍ୟକ ଗର୍ଭବତୀ ମହିଳା ପଞ୍ଜୀକୃତ ହେଉଛନ୍ତି ସେଥିରୁ ଏମାନଙ୍କ ସଂଖ୍ୟା ପ୍ରାୟ ସାଢ଼େ ୪ ପ୍ରତିଶତ। ବାଲ୍ୟବିବାହ ଏହା ପଛର ଏକ ପ୍ରମୁଖ କାରଣ। ସାମାଜିକ କର୍ମୀମାନେ ଦାବି କରୁଛନ୍ତି ଯେ ଏହି ସଂଖ୍ୟା ଆହୁରି ଅଧିକ। ହେଲେ ଏ ସଂକ୍ରାନ୍ତ ସବିଶେଷ ତଥ୍ୟ ରାଜ୍ୟ ସରକାରଙ୍କ ନିକଟରେ ନାହିଁ।

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ଭାରତ ସମେତ ଏସିଆ ମହାଦେଶରେ ୬୦ଲକ୍ଷ କିଶୋରୀ ପ୍ରତିବର୍ଷ ଗର୍ଭଧାରଣ କରୁଥିବା ସୂଚନା ଦିଆଯାଇଛି। ଏମାନଙ୍କ ବୟସ ୧୫-୧୯ବର୍ଷ ଭିତରେ। 'ହୁ'ର ରିପୋର୍ଟ ଅନୁସାରେ, ଏହି ବର୍ଗର ଯୁବତୀ ଗର୍ଭଧାରଣ କରିବା ଫଳରେ ସେମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ୨୦ବର୍ଷ ବୟସର ଜଣେ ଯୁବତୀ ଗର୍ଭଧାରଣ କଲେ ଯେତିକି ବିପଦ ରହିଥାଏ ୧୬ବର୍ଷର କିଶୋରୀଠାରେ ଏହି ହାର ୪ଗୁଣା ଅଧିକ। ଯୌନ ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ସଂପର୍କରେ ସେମାନଙ୍କ ନିକଟରେ ଯଥେଷ୍ଟ ସୂଚନା ପହଞ୍ଚିପାରୁ ନ ଥିବା ଏହା ପଛର ପ୍ରମୁଖ କାରଣ। ଏହାସହ କମ୍ ବୟସର ମା'ଠାରୁ ଯେଉଁ ଶିଶୁ ଜନ୍ମ ନେଉଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବଡ଼ ବିପଦ ରହିଛି। ସେମାନଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ମିଳିପାରୁ ନ ଥିବା 'ହୁ'ର ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ରାଜ୍ୟରେ ୬ଲକ୍ଷ ୪୫ହଜାର ୫୭୬ ଗର୍ଭବତୀ ମହିଳାଙ୍କ ପ୍ରସବ ହୋଇଛି। ତହିଁରୁ ୧୫ବର୍ଷରୁ କମ୍ କିଶୋରୀଙ୍କ ସଂଖ୍ୟା ହେଉଛି ୫୫୬। ଏହାସହ ୧୫-୧୯ବର୍ଷ ଭିତରେ ୨୭ହଜାର ୫୨୪। ଯାହାକି ପ୍ରସବ ପାଇଁ ପଞ୍ଜୀକୃତ ହୋଇଥିବା ମହିଳାଙ୍କ ସଂଖ୍ୟାର ୪.୪%। ଯଦି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪କୁ ବିଚାରକୁ ନିଆଯାଏ ତାହାଲେ ଏହି ସଂଖ୍ୟା ହେଉଛି ୭.୬%। ଏହି ସଂଖ୍ୟାରେ ଏତେ ତାରତମ୍ୟ ଦେଖାଯିବା ପଛର ଏକ ପ୍ରମୁଖ କାରଣ ହେଉଛି ଅନେକ ଗର୍ଭବତୀ କିଶୋରୀ ସେମାନଙ୍କ ବୟସ ଲୁଚାଉଛନ୍ତି। ରାଜ୍ୟରେ ଗର୍ଭବତୀ ମହିଳା ଓ ଶିଶୁର ଯତ୍ନ ପାଇଁ ଓଡ଼ିଶାରେ 'ମମତା' ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରଥମ କିସ୍ତିରେ ୬ହଜାର ଓ ଦ୍ୱିତୀୟ କିସ୍ତିରେ ୪ହଜାରକୁ ମିଶାଇ ୧୦ହଜାର ଟଙ୍କା ଦିଆଯାଉଛି। ତେଣୁ ଗ୍ରାମାଞ୍ଚଳରେ ଗର୍ଭଧାରଣ କରୁଥିବା କମ୍ ବୟସର ଅନେକ ଯୁବତୀ ଏହି ଅର୍ଥ ପାଇବା ଲାଗି ସେମାନଙ୍କ ପରିବାର ପ୍ରକୃତ ବୟସ ଲୁଚାଉଥିବା ସ୍ୱାସ୍ଥ୍ୟ ବିଭାଗ ସନ୍ଦେହ କରୁଛି। ତେଣୁ ଗର୍ଭବତୀଙ୍କ ପ୍ରକୃତ ବୟସ ଜାଣିବା ଲାଗି ଲେବର ରୁମ୍‌ରୁ ବୟସଜନିତ ତଥ୍ୟ ସଂଗ୍ରହ କରିବା ଲାଗି ଚେଷ୍ଟା କରାଯାଉଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାରୀଙ୍କ ମତରେ ଗର୍ଭଧାରଣ କରୁଥିବା ଅନେକ କିଶୋରୀଙ୍କୁ ଗର୍ଭଧାରଣ ସମୟରେ ଯେଉଁ କାର୍ଡ ଦିଆଯାଉଛି ସେଥିରେ ଅନେକ ନିଜର ବୟସ ଲୁଚାଉଛନ୍ତି। ତେଣୁ ରାଜ୍ୟରେ ପ୍ରକୃତରେ ୧୮ବର୍ଷରୁ କମ୍ କିଶୋରୀ ଗର୍ଭଧାରଣ କରୁଛନ୍ତି ତାହା ଜାଣିବା କଷ୍ଟକର। ଯେଉଁ ସଂଖ୍ୟା ମିଳୁଛି ତାହା ଲେବର ରୁମ୍‌କୁ ସଂଗୃହୀତ ତଥ୍ୟ। ଏହାସହ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟ କମ୍ ବୟସର ଯୁବତୀଙ୍କ ଗର୍ଭଧାରଣ ତଥ୍ୟ ସଂଗ୍ରହ କରୁଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଅପରପକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗକୁ ଏ ସଂପର୍କରେ ଯୋଗାଯୋଗ କରାଯାଇଥିଲେ ହେଁ ବିଭାଗ ପକ୍ଷରୁ ଏ ସଂପର୍କିତ କୌଣସି ତଥ୍ୟ ଦେବାକୁ ମନା କରାଯାଇଥିଲା।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁଲାଇ ୨୦୨୪ ମଙ୍ଗଳବାର





# କୋରାପୁଟରୁ ହଟିବେ ବିଏସ୍ଏଫ୍ !

**କୋରାପୁଟ, ନ୍ୟୁଜ୍**

ଦିର୍ଘ ୧୩/ ୧୪ ବର୍ଷ ପରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ବିଏସ୍ଏଫ୍ କ୍ୟାମ୍ପ ହଟିବା ସମ୍ଭାବନା ଦେଖାଦେଇଛି । ପର୍ଯ୍ୟାୟକ୍ରମେ ଏହିସବୁ କ୍ୟାମ୍ପ ଉଠାଇବା ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ଏକଦା ମାଓ ଉପଦ୍ରୁତ ଅଞ୍ଚଳ ରୁପେ ପରିଚିତ କୋରପୁଟ ଜିଲ୍ଲାରେ ଆନ୍ତଃ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏସ୍ଏଫ୍ ଜବାନ ମାନଙ୍କୁ ମୁତୟନ କରାଯାଇଥିଲା । ୨୦୦୯ ମସିହାରୁ ଜିଲ୍ଲାରେ ମାଓ ଉପଦ୍ରବ ବୃଦ୍ଧି ପାଇଥିଲା । ବିଶେଷ କରି ନାରାୟଣପାଟଣା, ବନ୍ଧୁଗାଁ, ପଟାଂଗି, ବୈପାରିଗୁଡା, ଲମତାପୁଟ, ସେମିଳିଗୁଡା ଆଦି ବ୍ଲକ ଅଞ୍ଚଳରେ ମାଓ କାର୍ଯ୍ୟକଳାପ ଦେଖାଇଥିଲା । ଏହାକୁ ପ୍ରତିହତ କରିବା ପାଇଁ ବିଏସ୍ଏଫ୍ ଜବାନ ମାନଙ୍କୁ ମୁତୟନ କରାଯାଇଥିଲା । ଦିର୍ଘ କିଛି ବର୍ଷ ହେଲା କୋରାପୁଟ ଜିଲ୍ଲାରେ ମାଓ ଗତିବିଧି ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି । ଫଳରେ ମାଓ ଅଞ୍ଚଳରୁ ବାଦ୍ ପଡିଛି କୋରାପୁଟ ଜିଲ୍ଲା । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁତୟନ ଥିବା ବିଏସ୍ଏଫ୍ ଜବାନ ମାନଙ୍କୁ ଫେରେଇ ନେବାର ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି । ତେବେ ପର୍ଯ୍ୟାୟକ୍ରମେ ବିଏସ୍ଏଫ୍ ଜବାନ ମାନଙ୍କୁ ଫେରେଇ ନିଆଯିବ ବୋଲି ଜଣାପଡିଛି । ସାଧାରଣତଃ ଆନ୍ଧ୍ର ସୀମାବର୍ତ୍ତି ଅଞ୍ଚଳରେ ବିଏସ୍ଏଫ୍ ଜବାନ ମାନଙ୍କୁ ମୁତୟନ କରାଯାଇଥିଲା । ଏବେ ଆନ୍ଧ୍ର ସୀମାନ୍ତରେ ମାଓ କାର୍ଯ୍ୟକଳାପ ହ୍ରାସ ପାଇଥିବାରୁ ଏହିଭଳି ପଦକ୍ଷେପ ନିଆଯାଉଥିବା ମତ ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଏକ ବାଟାଲିୟନ୍ ବିଏସ୍ଏଫ୍ ଜବାନଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡିଛି । ପରବର୍ତ୍ତି ସମୟରେ ଅନ୍ୟ ବିଏସ୍ଏଫ୍ ଜବାନ ମାନଙ୍କୁ ଫେରେଇ ନିଆଯିବ । ତେବେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟରେ ଏବେବି ମାଓ କାର୍ଯ୍ୟକଳାପ ଜାରି ରହିଥିବାରୁ ମାଲକାଗିରି ଅଞ୍ଚଳରୁ ବିଏସ୍ଏଫ୍ ଜବାନ ଫେରେଇ ନିଆଯିବ ନା ନାହିଁ ସନ୍ଦେହ ପ୍ରକାଶ ପାଇଛି । ତେବେ ଛତିଶଗଡ ସୀମାନ୍ତ ଅଞ୍ଚଳ ବ୍ୟତିତ ଅନ୍ୟ ସ୍ଥାନରେ ଥିବା ବିଏସ୍ଏଫ୍ ଜବାନ୍ ମାନଙ୍କୁ ଫେରେଇ ନେବାର ସମ୍ଭାବନା ଦେଖାଦେଇଛି ।

## ।।।।।।।।।।।। ୧୦ ଲକ୍ଷ ଦାବି କରି ୨ ଯୁବକଙ୍କୁ ଅପହରଣ ।।।।।।।।।।।।

# ୩ ଅପହରଣକାରୀ ଗିରଫ:କାର୍ ଓ ବାଇକ୍ ଜବତ୍

**ତାଳଚେର, ନ୍ୟୁଜ୍ ବ୍ୟୁରୋ**

ତାଳଚେର ମୋଚିସାହି ଅଞ୍ଚଳର ଜଣେ ଯୁବକ ଓ ତାଙ୍କ ସାଥୀଙ୍କୁ ୧୦ ଲକ୍ଷ ଟଙ୍କା ଦାବି କରି ଦୁଇଦିନ ତଳେ ହୋଇଥିବା ଅପହରଣ ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି । ପୋଲିସ ଅପହରଣକାରୀଙ୍କ କବଳରୁ ଦୁଇ ଯୁବକଙ୍କୁ ଉଦ୍ଧାର କରିଛି । ଏହାସହ ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଅପହରଣ କାଳରେ ବ୍ୟବହୃତ ଏକ କାର୍ ଓ ଏକ ମୋଟରସାଇକେଲ୍‌କୁ ଜବତ କରିଛି । ଗତ ୨୬ ତାରିଖ ସନ୍ଧ୍ୟା ୬ଟା ବେଳେ ଅଭିଯୋଗକାରୀ ଚନ୍ଦନ ମେହେରଙ୍କ ସାନଭାଇ ରାଜେଶ ମେହେର ଓ ତାଙ୍କ ସାଥୀ ଅଜିତ ନାଏକ ନିଜ ମୋଟର ସାଇକେଲରେ ହାଟତୋଟା ଅଞ୍ଚଳକୁ ବୁଲିବାକୁ ଯାଇଥିଲେ । ପୂର୍ବରୁ ଯୋଜନା କରିଥିବା ଅପହରଣକାରୀମାନେ ହାଟତୋଟା ସ୍ଥିତ ହନୁମାନ ମନ୍ଦିର ନିକଟରୁ ରାଜେଶ ମେହେର (୨୦) ଓ ଗଉଳିଆକୁଡା ଅଞ୍ଚଳର ଅଜିତ ନାଏକ (୨୦)ଙ୍କୁ ଅପହରଣ କରିନେଇ ସେମାନଙ୍କ ମୋଟରସାଇକେଲକୁ ସେଠାରେ ଛାଡ଼ି ଦେଇଥିଲେ । ଅପହରଣକାରୀମାନେ ଆଣିଥିବା ୱାଗନର୍ ଗାଡ଼ି ଓ ସ୍କୁଟିରେ ଉଭୟଙ୍କୁ ନେଇଯାଇ ରାଜେଶର ମୋବାଇଲ୍‌କୁ ସୁଇଚ୍ ଅଫ୍ କରିଦେଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ରାଜେଶଙ୍କୁ ପାଇନଥିଲେ । ସେହିଦିନ ରାତି ପ୍ରାୟ ୯ଟା ବେଳେ ଜଣେ ଜଣା ବ୍ୟକ୍ତି ରାଜେଶଙ୍କ ମୋବାଇଲ୍‌ରୁ ତାଙ୍କ ପରିବାରକୁ ଫୋନ୍ କରି ୧୦ ଲକ୍ଷ ଟଙ୍କା ଦାବି କରିଥିଲେ । ଟଙ୍କା ନଦେଲେ ପୁଅକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ପୋଲିସ ଏହି ଫୋନ୍‌କୁ ଟ୍ରାକିଂ କରି ସମଲ ଥାନା ଅନ୍ତର୍ଗତ ଗହମ ନିକଟରେ ଥିବା ରେଳ ଟନେଲ ରାସ୍ତା ଭିତରୁ ଉଭୟ ରାଜେଶ ଓ ତାର ସାଥୀ ଅଜିତଙ୍କୁ ଦଉଡିରେ ବନ୍ଧା ଯାଇଥିବା ଅବସ୍ଥାରେ ଉଦ୍ଧାର କରିଥିଲେ । ଅପହରଣକାରୀମାନେ ବ୍ୟବହାର କରିଥିବା ୱାଗନର୍ କାର୍ ଓ ସ୍କୁଟିକୁ ସେଠାରୁ ଜବତ କରିଥିଲେ । ଘଟଣାସ୍ଥଳରୁ ପୋଲିସ ଖୋଲୁଆ ଗ୍ରାମର ସୂର୍ଯ୍ୟକାନ୍ତ ନାଏକ (୧୯), ଜିଲିଣ୍ଡା ଗ୍ରାମ ନିକଟସ୍ଥ କଦଳୀପାଳ ଗ୍ରାମର ଅବିନାଶ ନାଏକ (୧୯) ଓ ଘଣ୍ଟପଡ଼ା ଗ୍ରାମର ଶିପୁ ନାଏକ (୧୯)ଙ୍କୁ ଗିରଫ କରିଥିଲା । ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତାଳଚେର ଟାଉନ୍ ଥାନା ପୋଲିସ ସୂଚନା ଦେଇଛି ।



## ସମବାୟ ମନ୍ତ୍ରୀଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପବଳ ସାମନ୍ତଙ୍କୁ ନୋଟିସ୍ କରିଛନ୍ତି ହାଇକୋର୍ଟ । ନିର୍ବାଚନ ଅନିୟମିତତା ମାମଲାରେ ନୋଟିସ୍ ଜାରି ହୋଇଛି । ସୁକିନ୍ଦାରୁ ନିର୍ବାଚିତ ହୋଇ ମନ୍ତ୍ରୀ ହୋଇଛନ୍ତି ପ୍ରଦୀପବଳ ସାମନ୍ତ । ନିର୍ବାଚନୀ ସତ୍ୟପାଠରେ ଅପରାଧିକ ତଥ୍ୟ ଲୁଚାଇଥିବା ନେଇ ଅଭିଯୋଗ ହୋଇଥିଲା । ପୂର୍ବତନ ସୁକିନ୍ଦା ବିଜେଡି ବିଧାୟକ ପ୍ରୀତିରଞ୍ଜନ ଘଡାଇ ଏହି ଅଭିଯୋଗ କରିଥିଲେ । ଏହି ମାମଲାରେ ମନ୍ତ୍ରୀଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ଆସନ୍ତା ସେପ୍ଟେମ୍ବରରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ ହାଇକୋର୍ଟ ।

# ୧୦ କାଉଡ଼ିଆ ଉଦ୍ଧାର:ଜଣେ ମୃତ, ଜଣେ ନିଖୋଜ

**କଟକ/ଯାଜପୁର ସଦର, ନ୍ୟୁଜ୍ ବ୍ୟୁରୋ**

ରବିବାର ମହାନଦୀ ଗଡ଼ଗଡ଼ିଆ ଘାଟରେ ପାଣି ସଂଗ୍ରହ ଓ ଗାଧୋଇବା ସମୟରେ ଅଘଟଣ ଘଟିଛି । ଅସାବଧାନତା କାରଣରୁ ବୁଡ଼ିଯାଇଥିବା ୯ଜଣ କାଉଡିଆଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଛି । ନିଖୋଜ କାଉଡିଆ ଜଣକ ହେଲେ ଭୁବନେଶ୍ୱର ଇନ୍ଫୋସିଟି ଥାନା ଅନ୍ତର୍ଗତ କିଟ୍ ଛକ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟସ୍ଥ ଅଞ୍ଚଳର ସୁଶାନ୍ତ ପାତ୍ରଙ୍କ ପୁଅ ସୌମ୍ୟରଞ୍ଜନ ପାତ୍ର (୨୬) । ତାଙ୍କୁ ଉଦ୍ଧାର କରାଯିବା ଲାଗି ଉଭୟ ଅଗ୍ନିଶମ ଓ ଓଡ୍ରାଫ୍ ବିଭାଗ ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲା । ହେଲେ ଅନ୍ଧକାର ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ସେହିଭଳି ଯାଜପୁର ଜିଲ୍ଲା ବୈତରଣୀ ନଦୀର ବଲ୍ଲଭିଘାଟରେ ଭାସିଯାଇ ଜଣେ କାଉଡ଼ିଆଙ୍କ ମୃତ୍ୟୁ ହୋଇଛି । ଭଣ୍ଡାରିପୋଖରୀ ଥାନା ପୁରୁଷୋତ୍ତମପୁର ଗ୍ରାମର ଦେବେନ୍ଦ୍ର ସାମଲଙ୍କ ପୁଅ ପ୍ରଶାନ୍ତ ସାମଲ (୩୨) ବଲ୍ଲଭିଘାଟରୁ ଜଳ ନେବା ସମୟରେ ଗୋଡ଼ ଖସିଯାଇ ଗଭୀର ଜଳକୁ ଚାଲିଯାଇଥିଲେ । ପ୍ରଶାନ୍ତଙ୍କୁ ଉଦ୍ଧାର କରିବାକୁ ଯାଇ ସାଥୀ ମନ୍ମଥ ସାମଲ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ମନ୍ମଥଙ୍କୁ ଉଦ୍ଧାର କରିଥିବା ବେଳେ ପ୍ରଶାନ୍ତଙ୍କୁ ଉଦ୍ଧାର କରାଯାଇନଥିଲା । ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମବାହିନୀ ପ୍ରଶାନ୍ତଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଶ୍ରାବଣ ତୃତୀୟ ସୋମବାର ପାଇଁ ମହାନଦୀ ସ୍ଥିତ ଗଡ଼ଗଡ଼ିଆ ଘାଟରେ କାଉଡିଆଙ୍କ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା । ଗଡ଼ଗଡ଼ିଆ ଘାଟରେ ଭିଡ଼ ବଢିବାରେ ଲାଗିଥିଲା । ତେବେ ଗଭୀର ଜଳ ମଧ୍ୟକୁ ନ ପଶିବା ପାଇଁ ପୋଲିସ, ଅଗ୍ନିଶମ ଓ ଓଡ୍ରାଫ୍ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ବ୍ୟାପକ ସଚେତନ ଓ ବାରଣ କରାଯିବା ସତ୍ତ୍ୱେ ଅନେକ ଏହାକୁ ମାନି ନଥିଲେ । ଫଳରେ ଅନେକ କାଉଡ଼ିଆ ସୁରକ୍ଷା ଷ୍ଟିଲ୍ ରେଲିଙ୍ଗ ଡେଇଁ ନଦୀ ଭିତରେ ପଶି ଗାଧୋଇବା ସହିତ ପାଣି ସଂଗ୍ରହ କରିଥିଲେ । ଫଳରେ ଦିନରେ ୮ଜଣ ନଦୀରେ ବୁଡିଯାଇଥିଲେ । ତେବେ ଅଗ୍ନିଶମ ଓ ଓଡ୍ରାଫ୍ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁ ସମସ୍ତଙ୍କ ଜୀବନ ଅଳ୍ପକେ ରକ୍ଷା ପାଇଯାଇଥିଲା । ସନ୍ଧ୍ୟାରେ ପଟିଆର ସୌମ୍ୟରଞ୍ଜନ ଓ ତାଙ୍କ ସାଙ୍ଗ ଜ୍ୟୋତିପ୍ରକାଶ ବସ୍ତିଆ ନଦୀରୁ ଜଳ ସଂଗ୍ରହ କରିଥିଲେ । ଏହି ସମୟରେ ସୌମ୍ୟରଞ୍ଜନ ଓ ଜ୍ୟୋତିପ୍ରକାଶ ବୁଡି ଯାଇଥିଲେ । ଏହା ଆଗ୍ନିକ ଗଗନ ପରିଡ଼ାଙ୍କ ନଜର ଆସିବାରୁ ଉଭୟଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁ ଥିଲେ । ପ୍ରଥମେ ସେ ଜ୍ୟୋତିପ୍ରକାଶଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ସୌମ୍ୟରଞ୍ଜନ ଦୂରକୁ ଭାସିଯିବା ସହିତ ବୁଡି ଯାଇଥିଲେ । ଅନ୍ଧକାର କାରଣରୁ ଉଦ୍ଧାର କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା । ଫଳରେ ସକାଳେ ପୁଣି ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ଜିଲ୍ଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ବୈତରଣୀ ନଦୀର ବଲ୍ଲଭିଘାଟ ୩ ଦଶାଶ୍ୱମେଧ ଘାଟରୁ ଶ୍ରାବଣ ମାସରେ କାଉଡ଼ିଆ ଜଳ ନେଇ ବିଭିନ୍ନ ଶୈବପୀଠକୁ ଯିବାକୁ ଭିଡ଼ କରିଥାନ୍ତି । ଏହି ଦୁଇଟି ଘାଟରେ କାଉଡ଼ିଆଙ୍କ ଭିଡ଼ ଲାଗି ରହିଥାଏ । କାଉଡ଼ିଆଙ୍କୁ ସଚେତନ କଲା ଭଳି ସେପରି କିଛି ନଦୀ ପାର୍ଶ୍ୱରେ ବ୍ୟବସ୍ଥା କରାଯାଇନଥିବା ଯୋଗୁ ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ନେଇ ଅଶାଳୀନ ମନ୍ତବ୍ୟ ଦେଇଥିବା ଯୁବକ ବିରୋଧରେ ଥାନାରେ ଏତଲା



**କେନ୍ଦୁଝର, ନ୍ୟୁଜ୍**

ମୁଖ୍ୟମନ୍ତ୍ରୀଙ୍କ ଉପରେ ଆଶାଳୀନ ମନ୍ତବ୍ୟ ଦେଇଥିବା ଯୁବକ ବିରୋଧରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସାଇବର ଥାନାରେ ଏତେଲା ଦିଆଯାଇଥିବାର ଜଣାପଡିଛି । ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ଜିଲ୍ଲାର ଲୋକପ୍ରିୟ ନେତା ମୋହନ ଚରଣ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାପରେ ଜନତାଙ୍କୁ ସିଧାସଳଖ ଭେଟିବା ସହିତ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଉଥିବା ବେଳେ ଜଣେ ଆଦିବାସୀ ନେତା ଭାବରେ କେନ୍ଦୁଝରର ଚାରି ଚାରି ଥର ବିଧାୟକ ହେବା ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସାଜିଛନ୍ତି ମୋହନ ମାଝୀ । ଓଡ଼ିଶାବାସୀ ନିଜ ମୁଖ୍ୟମନ୍ତ୍ରୀଙ୍କୁ ନେଇ ବେଶ୍ ଖୁସିଥିବା ବେଳେ କିଛି ଅସାମାଜିକ ଗୋଷ୍ଠୀ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରିବା ଦେଖିବାକୁ ମିଳୁଛି । କିଏ ମୁଖ୍ୟମନ୍ତ୍ରୀଙ୍କ ଜାତିକୁ ନେଇ କଥା କହୁଛି ତ କିଏ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କଟାକ୍ଷ କରୁଛି । କିନ୍ତୁ ଜଣେ ଆଦିବାସୀ ଯୁବକ ଚତୁର୍ଥ ଥର ପାଇଁ ବିଧାୟକ ହେବା ସହିତ ବିଜେଡ଼ି ସରକାର ସମୟରେ ବିରୋଧୀ ଦଳର ମୁଖ୍ୟ ସଚେତକ ସହିତ ପିଏସି କମିଟି ଅଧ୍ୟକ୍ଷ ଭଳି ଗୁରୁ ଦାୟିତ୍ୱ ତୁଲାଇବା ଏବଂ ମୁଖ୍ୟମନ୍ତ୍ରୀ ହେବା ଆଦିବାସୀ ସମାଜ ପାଇଁ ଗର୍ବର ବିଷୟ ସାଜିଛି । କିନ୍ତୁ ମିଷ୍ଟର ବେବଫା ନାମରେ ଇନ୍‌ଷ୍ଟାଗ୍ରାମ୍‌ର ଆଇଡି ଧାରୀ ଜଣେ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ଜାତିଆଣ ଆକ୍ଷେପ ଲଗେଇ ଜୀବନରେ ମାରି ଦେବାର ଭିଡ଼ିଓ କରି ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଧମକ ଦେବା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି ବୋଲି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପ୍ରକାଶ । ଏହି ଘଟଣାକୁ କେନ୍ଦ୍ର କରି କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶଙ୍କ ନେତୃତ୍ୱରେ ଏକ ଟିମ୍ କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବା ସହିତ ସାଇବର ଥାନାରେ ଉକ୍ତ ଯୁବକ ନାମରେ ଲିଖିତ ଏତଲା ଦେଇଛନ୍ତି । ଦୋଷୀକୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଯୁବମୋର୍ଚ୍ଚା କେନ୍ଦୁଝର ନିବେଦନ କରିଛି । ଯୁବମୋର୍ଚ୍ଚା ପକ୍ଷରୁ ସବୀର ଦାଶଙ୍କ ସହିତ ପ୍ରେମ ପ୍ରକାଶ ମୁଣ୍ଡା, ଅଶ୍ୱିନୀ ମହାନ୍ତ, ରାଜା ଗୁପ୍ତା, ରୁପେଶ ରଣା, ବିଷ୍ଣୁ ଗୁପ୍ତ ପ୍ରସାଦ, ବୁବୁ ସାହୁ, ତପନ ପାତ୍ର, ବିଷ୍ଣୁ ତ୍ରିପାଠୀ, ଭାରତ ଭୂଷଣ କୁଅଁର, ଯୁଧିଷ୍ଠିର ମହାନ୍ତ, ପରମଜିତ ସି, ମାନସୁର ଆଲମ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ଆଇ.ଟି ଶିଳ୍ପ ବିକାଶ ସମ୍ଭାବନା:ଆଶା ଓ ଆଶଙ୍କା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବହୁ ନାମୀ ଦାମୀ ଆଇଟି କମ୍ପାନୀମାନେ ଓଡ଼ିଶାରେ ଶାଖା ଖୋଲିବାରେ ଲାଗିଛନ୍ତି । ଏ ଦିଗରେ ଅଧିକ ଧ୍ୟାନ ଦେଇ ସରକାର କାର୍ଯ୍ୟ କଲେ ସଫଳ ଅବସମ୍ଭବ୍ୟ । ପୂର୍ବତନ ଏନଆଇସି ନିର୍ଦ୍ଦେଶକ ତଥା ସଂପ୍ରତି ସାଂସଦ ରବୀନ୍ଦ୍ର ନାଥ ବେହେରା ଥିଙ୍କର୍ସ କ୍ଲବର ୧୦୬ ତମ ଆଭସି ଆଲୋଚନାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୂଚନା ଓ ପ୍ରଯୁକ୍ତି ଶିଳ୍ପ ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବିଶେଷ ସହାୟତାରେ ଆଗକୁ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କର ବିଗତ ୩୦ ବର୍ଷର ଅଭିଜ୍ଞତାକୁ ଆଧାର କରି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହଯୋଗରେ ଓଡ଼ିଶାରେ ଟେଲିକମ୍ୟୁନିକେସନ୍ ଆଇଟି ଶିଳ୍ପର ପ୍ରସାର ପାଇଁ ବିଶେଷଜ୍ଞ ମାନଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପକୁ ତ୍ୱରାନ୍ୱିତ କରାଯିବ ବୋଲି ସେ ବଦ୍ଧ ପରିକର । ଓଡ଼ିଶା ଆଇଟି କମ୍ପାନୀ ତାର ପରିଚଳନା ନିର୍ଦ୍ଦେଶକ ଅୟସକାନ୍ତ ମହାନ୍ତି, ବେଙ୍ଗାଲୁରୁ ଉଇ ପ୍ରୋଟଲେଣ୍ଟ ସ୍କିଲିଂ ମୁଖ୍ୟ ସୂର୍ଯ୍ୟ ପ୍ରକାଶ ମହାପାତ୍ର, ଜାପାନ ରକୁଟେନ ଆଇଏନସିର ବରିଷ୍ଠ ଆଇଟି ଯନ୍ତ୍ରୀ କଳିପଦ ତ୍ରିପାଠୀ, ଲଣ୍ଡନରୁ ୱାଟଫର୍ଡ କମ୍ପାନୀ ଆଇଟି ଯନ୍ତ୍ରୀ ମାନଗୋବିନ୍ଦ ସେଠୀ ଆଲୋଚନାରେ ମୁଖ୍ୟତ ଅଂଶଗ୍ରହଣ କରି ଆଇଟି ଶିଳ୍ପ ପ୍ରତିଷ୍ଠା ଦିଗରେ ବିଭିନ୍ନ ପରାମର୍ଶ ଦେଇ ସଂପ୍ରତି ସବୁ କ୍ଷେତ୍ରରେ ଆଇଟିର ଆବଶ୍ୟକତାକୁ ବୁଝାଇଥିଲେ । ଥିଙ୍କର୍ସ କ୍ଲବର ସଭାପତି ବରଦା ଦାସ ଅନୁଷ୍ଠାନର ୧୦୬ ତମ ଆଲୋଚନାରେ ଅଧ୍ୟକ୍ଷତା କରି କହିଲେ ଆଇଟି ଶିଳ୍ପ ପ୍ରଦୂଷଣ ମୁକ୍ତ । ମାତ୍ର ଓଡ଼ିଶାରେ କିପରି କ୍ରମାଗତ ବାତ୍ୟା ବନ୍ୟାକୁ ପ୍ରତିରୋଧ କରାଯାଇପାରିବ ଯଦ୍ୱାରା ଆଇଟି ଶିଳ୍ପ କ୍ଷତିଗ୍ରସ୍ତ ହେବନି ସେ ଦିଗରେ ଅଧିକ ବୈଷୟିକ ଜ୍ଞାନ ସମ୍ପନ୍ନ ବୈଜ୍ଞାନିକ ମାନଙ୍କ ପରାମର୍ଶ ନେଇ କାର୍ଯ୍ୟକୁ ଆଗକୁ ନେବାକୁ ହେବ । ବେଙ୍ଗଲୁରୁରୁ ଯନ୍ତ୍ରୀ ବିଭୁ ଦତ୍ତ ମହାନ୍ତି, ଜ୍ଞାନରଞ୍ଜନ, ସୁଶାନ୍ତ ରାଉତ, ଚେନ୍ନାଇରୁ ଶାନ୍ତନୁ ଜେନା, ଥାଇଲାଣ୍ଡରୁ ଆଦ୍ରିସ ବ୍ରହ୍ମଦତ, ଟିସିଏସରୁ ପ୍ରିୟଙ୍କା ସିଂଦେଓ, ବାହାରିନରୁ ସୁବାସ ସାହୁ, ଭିଏତ୍‌ନାମ୍‌ରୁ ମଦନ ମୋହନ ସେଠୀ ଇତ୍ୟାଦି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ସାଂସଦ ରବୀନ୍ଦ୍ରନାଥ ବେହେରାଙ୍କ ନେତୃତ୍ୱରେ ପ୍ରଧାନ ମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବାକୁ ସର୍ବ ସମ୍ମତିରେ ନିଷ୍ପତ୍ତି କରାଗଲା । ପୁରୀରେ ଆନ୍ତର୍ଜାତିକ ବିମାନ ବନ୍ଦର କାର୍ଯ୍ୟ ସରିଗଲେ ଏ ଦିଗରେ ଅଧିକ ସଫଳତା ମିଳିବ ବୋଲି ଆଶା କରାଯାଏ । ଶେଷରେ ବିଶ୍ୱର ବିଶିଷ୍ଟ ଯନ୍ତ୍ରୀ ଓ ବ୍ୟକ୍ତିମାନେ ଆଲୋଚନାଟିକୁ ସଫଳ କରିଥିବାରୁ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଶିମିଳିପାଳରେ ବାଘ ବଂଶବୃଦ୍ଧି ନିମନ୍ତେ ଅନ୍ୟ ଅଭୟାରଣ୍ୟରୁ ଅଣାଯିବ ବାଘୁଣୀ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**





ଏସିଆର ୨ୟ ବୃହତ୍ତମ ଅଭୟାରଣ୍ୟ ଭାବରେ ପରିଚିତ ମୟୂରଭଞ୍ଜର ଶିମିଳିପାଳ ମହାବଳ ବାଘ ଅଭୟାରଣ୍ୟ ପାଇଁ ବେଶ୍ ପରିଚିତ । ତେବେ ବିଗତ ଦୁଇ ଦଶନ୍ଧି ପୂର୍ବରୁ ଶିମିଳିପାଳରେ ଶତାଧିକ ମହାବଳ ବାଘ ରହିଥିବା ନେଇ ସୂଚନା ରହିଥିବା ବେଳେ ୨୦୧୪ ମସିହା ବାଘ ଗଣନାର ରିପୋର୍ଟ ଅନୁସାରେ ଅଚାନକ ବାଘସଂଖ୍ୟା କମି ୮କୁ ଖସିଯାଇଥିଲା । ଏହାକୁ ନେଇ ଏନ୍‌ଟିସିଏ ସହ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଆସୁଥିଲେ । ମାତ୍ର ନିକଟରେ ୨୦୨୩ ମସିହାରେ ପ୍ରକାଶିତ ବାଘଗଣନା ରିପୋର୍ଟ ଅନୁସାରେ ଶିମିଳିପାଳରେ ୨୭ଟି ପ୍ରାପ୍ତ ବୟସ୍କ ବାଘ ରହିଥିବା ବେଳେ ୮ଟି ବାଘଛୁଆ ଥିବାର ଜଣାପଡିଥିଲା । ପରେ ଟ୍ରାପ୍ କ୍ୟାମେରାରେ ୮ ବଦଳରେ ୧୨ଟି ବାଘ ଛୁଆଥିବା ଜଣାପଡିଥିଲା । ତେଣୁ ଏବେ ଶିମିଳିପାଳରେ ମୋଟ ୩୯ଟି ବାଘ ରହିଥିବା ଜଣାଯାଇଛି । ଯାହା ପରିବେଶବିତ୍ ମାନଙ୍କୁ ଅଶ୍ୱସ୍ତ କରିଛି । ଶିମିଳିପାଳରେ ମହାବଳ ବାଘ ମଧ୍ୟରେ ଅଧିକ ସଂଖ୍ୟକ ମିଲେନିଷ୍ଟିକ (କଳାବାଘ) ବାଘ ରହିଥିବା ବିଭାଗ ପକ୍ଷରୁ ଜଣାଯାଇଛି । ମହାବଳ ବାଘର ଏଭଳି ଅଚାନକ ରଙ୍ଗ ପରିବର୍ତ୍ତନକୁ ଜେନେଟିକ୍ ପରିବର୍ତ୍ତନ ବୋଲି ବିଶେଷଜ୍ଞମାନେ ମତ ଦେଇଥିବା ବେଳେ ଗୋଟିଏ ପୁରୁଷ ମହାବଳ ବାଘ ପାଖରୁ ବଂଶବୃଦ୍ଧି ଯୋଗୁଁ ଏପରି ପରିବର୍ତ୍ତନ ହୋଇଥାଇପାରେ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି । ତେବେ ଅନ୍ୟ ସ୍ଥାନରୁ ପୁରୁଷ ବାଘ ଆଣି ରଖିଲେ ଏଠାରେ ଥିବା ପୁରୁଷ ବାଘ ଏବଂ ଅଗନ୍ତୁକ ପୁରୁଷ ବାଘ ମଧ୍ୟରେ ଲଢେଇ ହେବ ଏବଂ ବାଘ ବଂଶ ବୃଦ୍ଧିରେ ବ୍ୟାଘାତ ଘଟିବ । ତେଣୁ ଅନ୍ୟ ସ୍ଥାନରୁ ମାଇବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକ୍‌ରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିବ ବୋଲି ବିଶେଷଜ୍ଞ ମାନେ ସୂଚନା ଦେଇଛନ୍ତି । ବର୍ତ୍ତମାନ ଏପରି ଯୋଜନା ହାତକୁ ନିଆଯାଇଛି । ଏନେଇ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ ) ଗତ ୩ ମାସ ତଳେ ଏନ୍‌ଟିସିଏକୁ ଆବେଦନ ପତ୍ର ପଠେଇବା ପରେ କିଛିଦିନ ପୂର୍ବରୁ ଏନ୍‌ଟିସିଏ ପକ୍ଷରୁ ଏନେଇ ଗ୍ରୀନ୍ ସିଗ୍‌ନାଲ୍ ଆସିସାରିଛି । ଏବେ କେବଳ ଅପେକ୍ଷା କେନ୍ଦ୍ରୀୟ ଟିମ୍‌କୁ । କେନ୍ଦ୍ର ଟେକ୍‌ନିକାଲ୍ ଟିମ୍‌ର ଅନୁମୋଦନ ଆସିବା ପରେ ଅନ୍ୟ ବ୍ୟାଘ୍ର ଅଭୟାରଣ୍ୟରୁ ୨ଟି ବାଘୁଣୀ ଅଣାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ଡାକ୍ତର ପ୍ରକାଶ ଚନ୍ଦ ଗୋଗିନେନି କହିଛନ୍ତି । ତେବେ ପୂର୍ବରୁ ଓଡ଼ିଶାର ସାତ କୋଶିଆ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ବାହାରୁ ବାଘୁଣୀ ଅଣାଯାଇଥିଲା । ମାତ୍ର ଏହି ଯୋଜନା ଫେଲ୍ ମାରିଥିଲା । ତେବେ ଶିମିଳିପାଳକୁ ବାହାରୁ ବାଘ ଆଣିବା ଯୋଜନା ସଫଳ ହେବ କି ନାହିଁ ସେନେଇ ପରିବେଶବିତ୍ ମାନେ ସନ୍ଦିହାନ ଥିବାର କହିଛନ୍ତି ।

## ୩ ଜୁଆଡ଼ି ଗିରଫ:୨୦ ହଜାର ଟଙ୍କା ଜବତ

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗନଗର ପୋଲିସ ଧମଣାଗାଡ଼ିଆ ଖେଳ ପଡିଆରୁ ୩ ଜୁଆଡ଼ିକୁ ଗିରଫ କରିଛି । ୩ ଜୁଆଡ଼ି ହେଲେ ଏହି ଥାନା ଅନ୍ତର୍ଗତ ଧମଣାଗାଡିଆ ଝେମତାହୁଡ଼ିର ରାଜେନ୍ଦ୍ର ବାଲମୁଚ (୩୫) ଓ କାରୁମୁ ମହନ୍ତ (୨୫), ଖଣ୍ଡରାର ଚନ୍ଦ୍ରମଣି ପୂର୍ତ୍ତି (୪୨) । ଏନେଇ ପୋଲିସ୍ କେସ୍‌ନଂ ୧୭୩/୨୦୨୪ରେ ମାମଲା ରୁଜୁ କରିଛି । ଅପରପକ୍ଷରେ ଘଟଣାସ୍ଥଳରୁ ପୋଲିସ ଗୋଟିଏ ପାଲ, ଗେଟି, ଡାଲା ଓ ୨୦,୧୨୦ ଟଙ୍କା ଜବତ କରିଛି । ଜୁଆ ଖେଳୁଥିବା ସମୟରେ ସେମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି ।

## ୪୦ କୋଟି ବ୍ୟୟରେ ଧୋୟାଞ୍ଚଳରେ ନିର୍ମାଣ ହେବ ୧୧ କି.ମି. ରାସ୍ତା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଧୋୟା ଅଞ୍ଚଳରେ ସବୁବେଳେ ରାସ୍ତା ସମସ୍ୟା ଲାଗି ରହିଛି । ସ୍ୱାଧୀନତା ପରେ ମଧ୍ୟ ଏହି ଅଞ୍ଚଳରେ ଥିବା ପଞ୍ଚାୟତ ଗୁଡିକୁ ଗମନାଗମନର ସୁବିଧା କରାଯାଇ ନଥିବାରୁ ଅଞ୍ଚଳ ବାସିନ୍ଦାମାନେ ବର୍ଷସାରା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ଷା ଋତୁରେ ଓ ବନ୍ୟା ସମୟରେ ଏହି ଅଞ୍ଚଳ ସଂପୂର୍ଣ୍ଣ ଭାବେ ଜିଲ୍ଲା ସଦର ମହକୁମାରୁ ଓ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘ ଦିନରୁ ଦାବି ହେଉଥିବା ବେଳେ ବିଧାୟକ ଗଣେଶ୍ୱର ବେହେରା ବିଭାଗୀୟ ଅଧିକାରୀ ମାନଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରି ଜଗନ୍ନାଥପୁର ଠାରୁ ଦାମୋଦରପାଟଣା ପର୍ଯ୍ୟନ୍ତ ୧୧ କିମି ରାସ୍ତା ନିର୍ମାଣ ପାଇଁ ନିଷ୍ପତି ନେଇଛନ୍ତି । ଏଥିପାଇଁ ପ୍ରାୟ ୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ୧୧ କିମି ରାସ୍ତା ନିର୍ମାଣ ହେଲେ ୩ଟି ବ୍ଲକ ପଟ୍ଟାମୁଣ୍ଡାଇ, ଆଳି, ବରୀ ବ୍ଲକ୍‌କୁ ସଂଯୋଗ କରିବ । ଏହାଦ୍ୱାରା କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହୀ ପ୍ରଭୃତି ୭ଟି ପଞ୍ଚାୟତର ୫୦ ହଜାର ଲୋକ ଉପକୃତ ହେବେ । ବିଧାୟକଙ୍କ ଏହି ସମୀକ୍ଷା ସମୟରେ ପୂର୍ତ୍ତ ବିଭାଗର ଜେଇ ଜ୍ୟୋତି ରଂଜନ ବେହେରା, ଏସଡିଓ ରାଜଶ୍ରୀ ବେହେରାଙ୍କ ସମେତ ୭ଟି ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟା, ସମିତି ସଭ୍ୟଙ୍କ ସହ ବ୍ଲକ ସଭାପତି ଆଲୋକ ସାହୁଙ୍କ ସହ ଗ୍ରାମର ବହୁ ମୁରବୀ ଲୋକ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୧ ବୃହସ୍ପତି ୧୨ | ୧୦ | ରାହୁ ୯ ଶନି ୮ |
| ରଲଶୁ | ୩ / ୨ | ୭ |
| ୨ ବୁ ୩ କେ | ୪ | ୬ ୫ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୩୦।୭।୨୦୨୪, ଶ୍ରାବଣ ଦି୧୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୧।୪୮** **ଚନ୍ଦ୍ରୋଦୟ- ରାଘ ୧ ।୧୧।୦୨**

**ଦଶମୀ-** ଦିଘ ୪।୪୬ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର -** ଦିଘ ୧୦।୨୪ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମଶାଗ ଦିଘ ୪।୪୬ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୯ ଗତେ ଘ ୧୦।୩୫ ମଧ୍ୟେ, ଦିଘ ୪।୪୪ ଗତେ ଘ ୫।୨୯ ମଧ୍ୟେ ।

**ମେଷ:** ଲାଗି ରହିଥିବା ବିବାଦର ସମାଧାନ ହେବ । ଭ୍ରମଣ ଯୋଗ ରହିଛି । ମହିଳାମାନେ ସଫଳତା ହାସଲ କରିବେ । ଆୟ ଯୋଗ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**ବୃଷ:** ଶରୀର ସୁସ୍ଥ ରହିବ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଆନନ୍ଦ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଦେବ ଦର୍ଶନ ସହ ପୂଜା ମଧ୍ୟ କରିପାରନ୍ତି ।

**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । କର୍ମକ୍ଷେତ୍ରରେ ନୂତନ କର୍ମାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ପିଲାମାନେ ପାଠପଢ଼ାରେ ମନଦେବେ ।

**କର୍କଟ:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ଅର୍ଥ ପ୍ରାପ୍ତି ହୋଇପାରେ । ବ୍ୟବସାୟରେ ଲାଭବାନ୍ ହେବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ଦର୍ଶନ ସହିତ ଖୁସି ଜମିବ ।

**ସିଂହ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହୋଇପାରନ୍ତି ।

**କନ୍ୟା:** ସମସ୍ତ କ୍ଷେତ୍ରରେ ବିଜୟ ହାସଲ କରିବେ । ନୂତନ କର୍ମାରମ୍ଭ ମଧ୍ୟ କରିପାରନ୍ତି । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।

**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ଘଟିବ । ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଚାକିରୀ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।

**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଖର୍ଚ୍ଚର ମାତ୍ରା ଅଧିକ ହେବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।

**ଧନୁ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ପରୋପକାର କରି ଆନନ୍ଦିତ ହେବେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ଦେବ ଦର୍ଶନ ସହିତ ଭ୍ରମଣ କରିବାର ସୁଯୋଗ ।

**ମକର:** ଦେହ ଭଲ ରହିବ । ଆୟ ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ ।

**କୁମ୍ଭ:** ବ୍ୟବସାୟରେ ସଫଳତା ମିଳିବ । ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ସୁଖ ଶାନ୍ତି ଲାଭ କରିବେ ।

**ମୀନ:** ସାମାଜିକ ସ୍ତରରେ ସମ୍ମାନିତ ହେବେ । କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଆୟ ଯୋଗ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୩୧।୭।୨୦୨୪, ଶ୍ରାବଣ ଦି୧୬ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୨।୧୦** **ଚନ୍ଦ୍ରୋଦୟ- ରାଘ ୨ ।୦୬।୦୬**

**ଏକାଦଶୀ-** ଦିଘ ୩।୫୬ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର -** ଦିଘ ୧୦।୧୩ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ରାଘ ୧୦।୧୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୧୦।୧୬ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ରାଘ ୧୦।୧୬ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୩।୬୫ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୬ ଗତେ ଘ ୭।୦୯ ମଧ୍ୟେ, ଦିଘ ୨।୦୨ ଗତେ ଘ ୫।୨୮ ମଧ୍ୟେ । **ପର୍ବୋତ୍ସବ –** କାମିକା ଏକାଦଶୀ ସର୍ବ ସମ୍ମତ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# କୃଷି ଅଭିବୃଦ୍ଧି ୧.୨%କୁ ଖସିଲା

ଚଳିତ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କୃଷି କ୍ଷେତ୍ର ଚାପରେ ରହିଥିଲା। କେନ୍ଦ୍ର ସରକାର ଜାରି କରିଥିବା ଅର୍ଥନୈତିକ ଅଭିବୃଦ୍ଧି ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏହି ତିନି ମାସରେ କୃଷି କ୍ଷେତ୍ରର ଅଭିବୃଦ୍ଧି ମାତ୍ର ୧.୨ ପ୍ରତିଶତ ରହିଛି ଯାହା ତାହାର ତିନି ମାସ ପୂର୍ବରୁ ଅର୍ଥାତ୍ ଜାନୁଆରିରୁ ମାର୍ଚ୍ଚ ଭିତରେ ୩.୫ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। କୃଷି ଅଭିବୃଦ୍ଧି ହ୍ରାସ ପାଇବା ସତ୍ତ୍ୱେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଜୁଲାଇ-ସେପ୍ଟେମ୍ବରରେ ୭.୬ ପ୍ରତିଶତ ହୋଇଛି। ଫଳରେ ଅଭିବୃଦ୍ଧି କମ୍ ରହିବା ନେଇ ହୋଇଥିବା ସବୁ ଆକଳନ ଭୁଲ ପ୍ରମାଣିତ ହୋଇଛି। ଚଳିତ ବର୍ଷର ଜାନୁଆରୀ-ମାର୍ଚ୍ଚର ଅଭିବୃଦ୍ଧି ୭.୮ ପ୍ରତିଶତ ଥିଲା। ଆଲୋଚ୍ୟ ତିନି ମାସରେ ଖଣି ଓ ଖନନ, ମାନୁଫାକ୍‌ଚରିଂ ଓ ନିର୍ମାଣ କ୍ଷେତ୍ରର ପ୍ରଦର୍ଶନ ବହୁତ ଭଲ ରହିଥିଲା। ଖଣି ଓ ଖନନ କ୍ଷେତ୍ର ୧୦ ପ୍ରତିଶତ ହାରରେ ଆଗକୁ ବଢ଼ିଥିବା ବେଳେ ମାନୁଫାକ୍‌ଚରିଂ ୧୩.୯ ପ୍ରତିଶତ ଏବଂ ନିର୍ମାଣ କ୍ଷେତ୍ର ୧୩.୩ ପ୍ରତିଶତ ହାରରେ ଆଗକୁ ବଢ଼ିଛି। ବାଣିଜ୍ୟ, ହୋଟେଲ ଓ ପରିବହନ କ୍ଷେତ୍ର ୪.୩ ପ୍ରତିଶତ ଭଳି ମନ୍ଥର ଗତିରେ ଆଗକୁ ବଢ଼ିଥିବା ବେଳେ ବିଦ୍ୟୁତ କ୍ଷେତ୍ରର ଅଭିବୃଦ୍ଧି ୧୦.୧ ପ୍ରତିଶତ ଭଳି ଉତ୍ସାହଜନକ ସ୍ତରରେ ରହିଛି। ଆର୍ଥିକ ସେବା ଓ ରିଅଲ ଇଷ୍ଟେଟ୍ ୬ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା ୭.୬ ପ୍ରତିଶତ ହାରରେ ଆଗକୁ ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଜାରି କରିଥିବା ତଥ୍ୟ ଅନୁସାରେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଦେଶର ଜିଡିପି ପରିମାର ୪୧.୭୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୨-୨୩ର ସେହି ସମୟରେ ଜିଡିପି ପରିମାଣ ୩୮.୭୮ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ବର୍ଷର ଜୁଲାଇ-ସେପ୍ଟେମ୍ବର ତିନି ମାସରେ ଚାଉଳ ଉତ୍ପାଦନ ୩.୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ଘରୋଇ ଯାନବାହନ କିଣା ୦.୫ ପ୍ରତିଶତ ଏବଂ ସାମଗ୍ରୀ ଓ ସେବା ଆମଦାନି ୬.୫ ପ୍ରତିଶତ ହ୍ରାସ ପାଇଛି। ସେହି ସମୟରେ କୋଇଲା, ଅଶୋଧିତ ତୈଳ, ଇସ୍ପାତ, ଟେଲିଫୋନ୍ ଗ୍ରାହକ, କମର୍ସିଆଲ ଗାଡ଼ି ବିକ୍ରି, ବନ୍ଦରରେ ପଣ୍ୟ ପରିବହନ, ବିମାନବନ୍ଦରରେ ପଣ୍ୟ ପରିବହନ ଓ ଯାତ୍ରୀ ସଂଖ୍ୟା, ବ୍ୟାଙ୍କର ଜମା ଓ ଅଗ୍ରୀମ, ସାମଗ୍ରୀ ଓ ସେବା ରପ୍ତାନିରେ ବୃଦ୍ଧି ଘଟିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ


ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତିର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚୀନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ଯାହା ମନ ଯହିଁକି ରସେ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କଳା ଅମୂଲ ମୂଲ। କଳାକାରଟିଏ ଯୋଗଜନ୍ମା। ଉତ୍କର୍ଷ କଳା ନିପୁଣତା ତା’ ପାଇଁ ଆଣେ ଅମାପ ଯଶ-କୀର୍ତ୍ତି-ଖ୍ୟାତି। ନିଖୁଣ ଅଭିନେତା, ନିପୁଣ ଶିଳ୍ପୀ, ସୁସଙ୍ଗୀତଜ୍ଞ, ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ - ଏମାନେ ସାଧାରଣରେ ଅସାଧାରଣ। ପ୍ରାତଃ ସ୍ମରଣୀୟ ମଧ୍ୟ। ବାଣୀକଣ୍ଠ ନିମାଇଁ ଚରଣ ଅବା ସଙ୍ଗୀତ ରାଜ୍ୟର ଏକାଙ୍ଗ ଚକ୍ରବର୍ତ୍ତୀ ଗାୟକ ଶେଖର ବାଳକୃଷ୍ଣ ଦାସ, ଲବ୍ଧପ୍ରତିଷ୍ଠ ସଙ୍ଗୀତ ଲେଖକ ଗୋବିନ୍ଦ ଚନ୍ଦ୍ର ଶୂରଦେଓ - ଏମାନେ ଓଡ଼ିଶାର ଘରେ ଘରେ ପରିଚିତ। ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଗଜଲ ସୁରରେ ଲେଖିଛନ୍ତି ରାଶି ରାଶି ସଙ୍ଗୀତ। ସେ ସବୁର ଲାଳିତ୍ୟ, ସୁର ମଧୁରିମା ଭାରି ଚିତ୍ତ ଛୁଆଁ। ସମ୍ଭବତଃ ସେ ହେଉଛନ୍ତି ଓଡ଼ିଶାର ସର୍ବପ୍ରଥମ ଗଜଲ ଲେଖକ, ଓଡ଼ିଶୀ ରାସଲୀଳାର ନୂତନ ମାର୍ଗଦର୍ଶକ। ତାଙ୍କ ସଂସ୍ପର୍ଶରେ ଆସିଛନ୍ତି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ବଖାଣିଛନ୍ତି ଶୂରଦେଓଙ୍କ ଗୁଣାବଳୀ। ତାଙ୍କ ଦ୍ୱାରା ସେ ବହୁ ଭାବରେ ପ୍ରଭାବିତ ହେଇଛନ୍ତି।

ଓଡ଼ିଆରେ କଥାଟିଏ - ‘ଘର ଗୁଣେ ସନ୍ତାନ’। ବଂଶର ପ୍ରଭାବ ପୁତ୍ର, ପୌତ୍ରାଦିଙ୍କ ଉପରେ ପଡ଼େ। ସେଇଥି ପାଇଁ ଚାଟଘର ପୁଅ ଚାଟ, ଭାଟ ଘର ପୁଅ ଭାଟ। ସେମିତି, ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ କଥା। ତାଙ୍କ ଘର ତରଳାରେ, ଜାତିରେ କ୍ଷତ୍ରିୟ। ସେ ନୂଆଗଡ଼ ରାଜାଙ୍କ ଭଣଜା। ବଡ଼ କୋଠାର ଜ୍ୱାଇଁ। ତାଙ୍କ ଶ୍ୱଶୁର ବୋଧହୁଏ ଶ୍ୟାମସୁନ୍ଦର, ବଡ଼କୋଠାର ମାଲିକ ରାଧାଶ୍ୟାମ ନରେନ୍ଦ୍ରଙ୍କ ବଂଶଜ। ରାଧାଶ୍ୟାମଙ୍କୁ ନେଇ ସୁନ୍ଦର ପ୍ରବାଦଟିଏ - “ସ୍ୱର୍ଗେ ଇନ୍ଦ୍ର, ମର୍ତ୍ତ୍ୟେ ନରେନ୍ଦ୍ର।’ କେବଳ ଗୋଟେ ବିତ୍ତଶାଳୀ ଜମିଦାରକୁ ନେଇ ଉକ୍ତିଟି ସୀମିତ ନୁହେଁ। ରାଧାଶ୍ୟାମ ଥିଲେ କଳା, ନାଟକ ପ୍ରେମୀ। ଓଡ଼ିଶାର ଖ୍ୟାତନାମା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର, କର୍ମବୀର ଗୌରୀଶଙ୍କର, ଉତ୍କଳଗୌରବ ମଧୁସୂଦନ ଦାସ, ସଙ୍ଗୀତଗୁରୁ ମୋହନ ସୁନ୍ଦର ଗୋସ୍ୱାମୀ, ଗାୟକ ଶେଖର ବାଳକୃଷ୍ଣ ଦାସ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା, ବ୍ୟାସକବି ଫକୀରମୋହନ ସେନାପତି ଭଳି ଆହୁରି କେତେକ ଯଶସ୍ୱୀ ପୁରୁଷ। ସେମାନେ ବଡ଼କୋଠାରେ କିଛି କିଛି ସମୟ ବିତାଇଥିଲେ। କୋଠାଟି ମହାନ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀଙ୍କ ଗୁପ୍ତନିବାସ ପାଲଟିଥିଲା। ସେଇ ପରିବାରରେ ଜନ୍ମିତ ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ। ତାଙ୍କ ପିତୃବ୍ୟ ଗୋକୁଳଚନ୍ଦ୍ର ମଧ୍ୟ ଜଣେ ମହାନ ସଙ୍ଗୀତଜ୍ଞ। କଳା ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରିବାରେ ନରେନ୍ଦ୍ର ପରିବାର ଊଣା କରିନି। ଗୋବିନ୍ଦଚନ୍ଦ୍ର ଶୂରଦେଓ ଥରେ ଥରେ ଆସୁଥାଆନ୍ତି ଶ୍ୱଶୁରଘର, ତାଙ୍କର ଖ୍ୟାତି କାଳୀଚରଣଙ୍କୁ ବହୁଭାବରେ ପ୍ରଭାବିତ କଲା। କାଳୀ ମନବଳେଇଲେ ତାଙ୍କୁ ସାକ୍ଷାତ କରିବାକୁ। ତାଙ୍କ ପିଉସାଘର କେନ୍ଦ୍ରାପଡ଼ା ମିରପାଟଣାରେ। ପିଉସାଙ୍କ ନାଁ ବାଞ୍ଛାନିଧି ଦାସ। ତାଙ୍କ ପୁଅ କାଳୀଙ୍କ ସହପାଠୀ, ବୟସରେ ସାମାନ୍ୟ ବଡ଼। ତେଣୁ କାଳୀଚରଣଙ୍କର ସେ ଗୋପାଳଭାଇ। ତାଙ୍କରି ସାଙ୍ଗରେ କାଳୀଚରଣ ଯାତ୍ରାକଲେ କେନ୍ଦ୍ରାପଡ଼ା।

ସେବେକା କେନ୍ଦ୍ରାପଡ଼ା, ନ ଥିଲା ବସ୍ ମୋଟରଗାଡ଼ି। ଅଗ୍ନି ବୋଟ୍‌ରେ ଯିବା ଆସିବା। କଟକର ଯୋବ୍ରାରୁ ବୋଟ୍ ବାହାରେ। କେନ୍ଦ୍ରାପଡ଼ାରେ ପହଞ୍ଚିବା ଓଳିକରୁ ବେଶି ସମୟ ଲାଗେ। ଯୋବ୍ରାଠରୁ ବାହାରିଛି ଗୋବରୀ କେନାଲ, ବାଟରେ କେତୋଟି ଲକ୍ ପଡ଼େ। କେନାଲରେ ସବୁ ସମୟରେ ପାଣି। ପାଖ ଗାଁ ଲୋକେ କାକୁଡ଼ି ଚାଷ କରନ୍ତି, ଅଧା ପହଁରା ହେଇ ଆସନ୍ତି, ମୁଣ୍ଡରେ କଣ୍ଢିଆଳି କାକୁଡ଼ି ବୋଝ। ବୋଟ୍ ଯାତ୍ରୀଙ୍କୁ ବିକନ୍ତି। ସେଦିନ କାଳୀ ଥାଆନ୍ତି ବୋଟ୍‌ରେ, ପାଖରେ ରଘୁ ଭାଇନା। ବୋଟ୍‌ରେ ଆଉ ଜଣେ ସୁନ୍ଦର ପୁରୁଷ, ମୁଣ୍ଡରେ ଫିରେଇକଟା କୁଞ୍ଚୁକୁଞ୍ଚିଆ କେଶ। କାଳୀଚରଣ ସେତେବେଳକୁ ସଙ୍ଗୀତ ନାଟକ ପ୍ରେମରେ। ବସିଥିବା ବ୍ୟକ୍ତି ଜଣକ ଜଣେ କଳାକାର। ତାଙ୍କ ଭାବ ଭଙ୍ଗୀରୁ ବେଶ୍ ଠଉରେଇ ହେଉଥିଲା। କାଳୀଚରଣ ସହଯାତ୍ରୀଙ୍କ ଠାରୁ ଜାଣିଲେ, ସେଇ ସୁଠାମ ଠାଣି ମାଣିର ବ୍ୟକ୍ତି ଜଣକ ଗୋବିନ୍ଦ ଚନ୍ଦ୍ର ଶୂରଦେଓ। ତାଙ୍କ କଥା ସେ ବହୁ ଆଗରୁ ଶୁଣିଥିଲେ। ସତେ ଯେମିତି ମଣିକାଞ୍ଚନ ସଂଯୋଗ ! କାଳୀଚରଣ ଉତ୍‌ଫୁଲ୍ଲିତ। ଶୂରଦେଓଙ୍କ ସଙ୍ଗେ ଚିହ୍ନାପରିଚୟ ହେଲା। ଆରମ୍ଭ ହେଲା କଥୋପକଥନ। ସେତେବେଳକୁ ଶୂରଦେଓ ଜଣେ ନାଁକରା ଗୀତଲେଖକ। ଶଗଡ଼ିଆ ଠାରୁ ଆରମ୍ଭ କରି ସଙ୍ଗୀତସାଧକଙ୍କ ମୁହଁରେ ତାଙ୍କରି ଗୀତ। ଗଜଲ ଗୁଡ଼ିକର ସୁର ଚମତ୍କାର, ଲାଳିତ୍ୟପୂର୍ଣ୍ଣ ଲେଖା ତାଙ୍କର। କଟକ ସହର ଭିତରେ ଗଡୁଥାଏ ଶଗଡ଼ଟିଏ, ଶୂରଦେଓଙ୍କ ଗୀତ ପଦେ ଗାଉଥିଲା ଶଗଡ଼ିଆ। ଗୀତଟି କାଳୀଙ୍କ ମନରେ ଲାଖି ରହିଥିଲା। ସେଇ ଗୀତରୁ ପଦଟିଏ - “କାହିଁ ମୋ ଆଶା ସାରିକା / ମାନସ କୁଞ୍ଜ ନାୟିକା... / ଆଉ-ପ୍ରେମ ଜାଣେ କି ଦିନରାତି / ଚିର ଅନ୍ଧ ବୋଲି ଯାର ଖ୍ୟାତି...।” ବୋଟ୍ ଚାଲିଥାଏ, ଶୂରଦେଓଙ୍କ ଆଡ଼େ ତାଙ୍କ ଆଖି। ସେ ବୋଟ୍‌ରେ ବସିଥାଆନ୍ତି। କାଗଜ ଖଣ୍ଡକ ଉପରେ କ’ଣ ଲେଖୁଥାଆନ୍ତି। କେତେବେଳେ ପେନ୍‌ସିଲ୍ - ମୁଣ୍ଡ ତୁଣ୍ଡ ଛୁଉଁଥାଏ। ଭାବ ସାଗରରେ ପୂରା ନିମଜ୍ଜିତ। ଶୁଣାକଥାଟା ଷୋହଳପଣ ସତ, ଏକଥା କାଳୀଚରଣଙ୍କ ହୃଦ୍‌ବୋଧ ହେଲା। ସତରେ ଶୂରଦେଓ ଜଣେ ମହାନ କବି !

ଶୂରଦେଓ କାଳୀଙ୍କଠାରୁ ବୟୋଧିକ। ଲେଖୁଥାନ୍ତି ଗୀତଟେ। କାଳୀଙ୍କର ଉତ୍ସୁକତା ଶତଗୁଣିତ ହେଲା। ସେଇ କାଗଜ ଉପରେ ତାଙ୍କର ନିଘା। ଶୂରଦେଓ ତାଙ୍କ ମନ ପଢ଼ିନେଲେ, କାଗଜ ଖଣ୍ଡକ ବଢ଼େଇ ଦେଲେ ହାତକୁ। ଲେଖା ଯାଇଥିବା ଗୀତଟି ଏହିପରି - “ପାହିଥିଲା ରାତିଟା କେଡ଼େ ଦୁରୁଯୋଗରେ / ଅଗିନୀ ବୋଇତକି ପକ୍ଷୀ ମେଲାଇ / ଚାଲିଛି ଆଗକୁ ଡେଣା ହଲାଇ / ତା’ ପଛେ ମୋ ମନ ନାଆ ଚାଲିଛି କି ବେଗରେ...।” କଥାବାର୍ତ୍ତାରେ ବାଟ ଜଣା ପଡ଼ିଲାନି। ସନ୍ଧ୍ୟା ସମୟ। ବଡ଼କୋଠାରେ ଶୂରଦେଓଙ୍କୁ କାଳୀ ସାକ୍ଷାତ୍ କଲେ। କେନ୍ଦ୍ରାପଡ଼ାରେ ରାସ ଦଳଟିଏ ଥାଏ, ନିର୍ମାତା ଶୂରଦେଓ। ସେତେବେଳେ ସାକ୍ଷୀଗୋପାଳ ‘ଓତା’ ଘର ରାସଲୀଳା ଖୁବ୍ ପ୍ରସିଦ୍ଧ। ରଣପୁରରେ ବି ରାସଲୀଳା ଚାଲେ। କାଳୀଚରଣ ଏସବୁ ଦେଖିଛନ୍ତି। କେନ୍ଦ୍ରାପଡ଼ା ରାସଲୀଳା ଦଳ ସେଇ ଢାଞ୍ଚାରେ ହେଇଥିବ। କାଳୀଚରଣ ସେୟା ଭାବିଲେ। କିନ୍ତୁ ତାଙ୍କ ଧାରଣା ବଦଳି ଗଲା। ଶୂରଦେଓ ଥିଲେ ଜଣେ ସ୍ୱତନ୍ତ୍ର କଳାକାର। ପ୍ରତିଟିରେ ତାଙ୍କର ନିଜସ୍ୱ ପରିକଳ୍ପନା ଥାଏ। ତାଙ୍କ ରାସଦଳରେ ୧୦/୧୧ ଜଣ ପିଲା, ବୟସ ୧୬ ରୁ ୧୭ ଭିତରେ। ପିଲେ ଗୋଟେ ପାଖରେ ବସିଥାଆନ୍ତି, ଶୂରଦେଓ ସମ୍ମୁଖରେ, ହାତରେ ହାର୍‌ମୋନିୟମ୍। ତବଲା, ଖୋଳ, ଝାଞ୍ଜ ଇତ୍ୟାଦି ବାଦ୍ୟ ଯନ୍ତ୍ର ବଜାଳି, ସମସ୍ତେ ପ୍ରସ୍ତୁତ। ତବଲା ବାଦକ ଆରତ ପାତ୍ର। ରାସ ରିହର୍ସାଲ ଆରମ୍ଭ ହେଲା। ତାହା ଅପୂର୍ବ, ଅଭିନବ ପ୍ରକାର ରାସ। ପିଲାଏ ବଚନିକା କରୁଥାଆନ୍ତି। ଗୀତ ଗାଉ ଥାଆନ୍ତି, ଦୃଶ୍ୟରେ ତାଙ୍କର ବି ମୁଖ୍ୟ ଭୂମିକା, ରୀତିମତ ମଞ୍ଚ ଅଭିନୟ। ସିନ୍‌ସିନାରୀ ସାଜସଜ୍ଜା। ରାଧା, ଲଳିତା, ବିଶାଖା ଆଦି ଅଷ୍ଟସଖୀ, ଭୂମିକାରେ ସମସ୍ତେ ପୁଅ। ତାଙ୍କ ପାଇଁ ପୋଷାକ ପତ୍ର ତିଆରି ସରିଥାଏ। ମୁଣ୍ଡ ପରଚୂଳା, କାଳୀଚରଣ ଆଗରୁ ଦେଖିଥିଲେ କେତେ ଜାଗାରେ, ଏ ପରଚୂଳା ନୂଆ ଢଙ୍ଗରେ ତିଆରି। ସ୍ୱୟଂ ଶୂରଦେଓଙ୍କର ନୂଆ ଭିଆଣ। କେତେଗୁଡ଼ାଏ ଗେଞ୍ଜି, କଟା ଯାଉଛି, ସବୁଥିରେ କଳାରଙ୍ଗ, ତା’ ତଳେ ସୋଲ ଇତ୍ୟାଦି ମଥା ମାପରେ। ସିଲାଇ ହେଇଛି, ବେଣୀଥାଇ ଏ ପ୍ରକାର ନୂଆ ପରଚୂଳା। କାଳୀ ଚକିତ ହେଲେ। ଖାଲି ସେତିକି ନୁହେଁ। ବେଣୀଉପରେ କାଚକଣ୍ଠିରେ ରାଗଡ଼ି ଚନ୍ଦ୍ର ତିଆରି ହୋଇ ସିଲେଇ ହୋଇଛି। ଏୟା ବାଦ୍ ଗୀତ, ଅତି ସୁନ୍ଦର ସ୍ୱରରେ ରଚିତ। ପିଲେ ଗାଆନ୍ତି। ଶୂରଦେଓ ଲେଖନ୍ତି, ତାଙ୍କ ଗାଇବା ଘରେ ଊଣା। ତଥାପି ଗୁଣୁଗୁଣୁ କରି ବତାଇ ଦିଅନ୍ତି। ନାଚ ଜାଣନ୍ତିନି, କାଠି ଦିଖଣ୍ଡ ଧରି ନାଚ ବତାନ୍ତି - ଏ ସବୁ ନୂଆ କିସମର। ଏବେ ଅସଲ ରାସଲୀଳା ପ୍ରଦର୍ଶନ। ବଡ଼କୋଠାର ଗୋବିନ୍ଦଜୀଉ ମନ୍ଦିର। ଆଗରେ ମଞ୍ଚବନ୍ଧା ହେଲା। କଟକର ସାଙ୍ଗଲି ଥିଏଟର, ପାର୍ଶୀ ଥିଏଟର ହେବାର କାଳୀଚରଣ ଶୁଣିଥିଲେ। ତାଙ୍କ ସିନ୍ ସିନାରୀ ଦର୍ଶକଙ୍କ ମନହାରୀ। କେନ୍ଦ୍ରାପଡ଼ା ରାସଲୀଳା ବି କିଛି କମ୍ ନ ଥିଲା। ସିନ୍‌ସିନାରୀ ଆଙ୍କିବା, ପିଲାଙ୍କୁ ବେଶ, ମୁଖ ସିଂହାର କରିବା, ବଚନିକା, ଗୀତ, ନାଚ ଶିଖାଇବା - ସବୁ ଶ୍ରେୟ ଶୂରଦେଓଙ୍କର। ରାସଲୀଳା ଅଭିନୟ ହେଲା, ପାଇଲା ଅନନ୍ୟ ସଫଳତା। ସମସ୍ତଙ୍କ ମୁହଁରେ ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ପ୍ରଶଂସା। ତାଙ୍କ ସହ ଓଡ଼ିଶାରେ ଆଉ କେହି ତୁଳନୀୟ ନୁହନ୍ତି। କାଳୀଚରଣଙ୍କ ଖଣ୍ଡପଡ଼ାରେ ଚାକିରି। ରାଜାଙ୍କର ସେ ଗେଲବସରିଆ, ଘିଅ ଦୁଧରେ ଭାସୁ ଥାଆନ୍ତି। ସେତେବେଳକୁ ପିଲାଦିନ ନାଚ, ଗୀତ, ଅଭିନୟ, କରଛଡ଼ା ଦେଲାଣି। ଆସିଲା ସୁବର୍ଣ୍ଣ ସୁଯୋଗ। କାଳୀଙ୍କ ଘନିଷ୍ଠ ବନ୍ଧୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ଆସିଲେ ଖଣ୍ଡପଡ଼ା। ରାଜା ଭାରି ସଙ୍ଗୀତପ୍ରିୟ। ଶୂରଦେଓ ରାସଲୀଳା ପରିବେଷଣ କଲେ। ଦରଲିଭା ପାଉଁଶ ତଳ ନିଆଁ, ଦିକି ଦିକି ଜଳୁଥିଲା, ସେଇ ରଡ଼ରେ କୁହୁଳା ପକେଇଲେ ଶୂରଦେଓ। ପୁଣି କାଳୀଙ୍କ ମନ ବଳିଲା କଳାଆଡ଼େ। ସବୁ ଠିକ୍ ଠାକ୍, ଉଆସ ମେଲାରେ ବନ୍ଧାହେଲା ରଙ୍ଗମଞ୍ଚ। ରାସଦଳର ସେଇ ପୁରୁଣା ଟୋକା - ଫକିରା, ପାଣୁଆ, ଟୁଷା - ଅପୂର୍ବ ଏମାନଙ୍କର ଅଭିନୟ। ଫକିରା କୃଷ୍ଣ ଭୂମିକାରେ, ତା’ର ମହୁଝରା କଣ୍ଠ, କାଳୀଚରଣ କାହିଁକି ତାଙ୍କ ସମବୟସିଆଙ୍କୁ ଆଚ୍ଛନ୍ନ କଲା ଢେର୍ କାଳ। କାଳୀଚରଣଙ୍କ ପୁରୁଣା ବିସୋରା କଥା, ଚେଇଁ ଉଠିଲା। ଶୂରଦେଓଙ୍କ ସଙ୍ଗେ ଏକାଠି ବସାଉଠା, ଆଠ/ ଦଶ ଦିନ, ଖିଆପିଆ ବି। କଷି ବାଇଗଣ, ଗୁଡ଼ ତେନ୍ତୁଳି ଦିଆ ରାଇତା, ଶୂରଦେଓ ନିଜେ ତିଆରି କରନ୍ତି। ଥରେ ଚାଖିଲେ ପାଟିରୁ ଛାଡ଼ିବନି। କାଳୀ ଏସବୁ ପାସୋରି ନଥିଲେ। ଆସିଲା ଶୂରଦେଓଙ୍କ ମେଲାଣି ବେଳ। ରାଜା ଯଥାବିଧି ସମ୍ମାନ କଲେ। ବିଧିମତ ଦୋଶାଲ, ପାଟ, ଯଥା ବାଟଖର୍ଚ୍ଚ ଇତ୍ୟାଦି, ତା’ ସହ ପ୍ରଶଂସା ଉପରେ ପ୍ରଶଂସା, ବଧାଇ ଦେବାରେ ଊଣା ପଡ଼ିଲାନି। ଆସିଲା କେଇଖଣ୍ଡ ଶଗଡ଼ଗାଡ଼ି। ହାତୀ ଅମାରୀ କଷା ହେଇ ଠିଆ ହେଲା। ଶୂରଦେଓଙ୍କୁ ଦିଆଗଲା ଭବ୍ୟ ସମ୍ବର୍ଦ୍ଧନା। ଖଣ୍ଡପଡ଼ା ରାଜାଙ୍କ ଏ ଥିଲା କଳାପ୍ରୀତି - କାଳୀଚରଣ ଢେର୍‌ଦିନ ମନେ ରଖିଲେ ସେ କଥା। ୧୯୧୦ ମସିହା, ସ୍ୱର୍ଗତ କୁଞ୍ଜବିହାରୀ ବୋଷ ବାସନ୍ତୀ ମଞ୍ଚ ତିଆରି କଲେ। ବାସନ୍ତୀରେ ଅଭିନୀତ ଅନେକ ନାଟକ ବଙ୍ଗଳାରେ ଲେଖା। କଟକର ଅନେକ ବଙ୍ଗାଳୀ ଏଥିରେ ଭାଗ ନେଇଥିଲେ। କଲିକତାରୁ ଆସୁଥିଲେ ଜହରଲାଲ ପାନ୍ନାଲାଲ। ସେ ସିନ୍ ଚିତ୍ର ଆଙ୍କନ୍ତି। ଏତିକି ବେଳେ ଉଷା ଥିଏଟର ଦଳ ଗଢ଼ାହେଲା। ନାଟୁବାବୁ ଏହାର ସ୍ରଷ୍ଟା, ସେତେବେଳେ ଭାରି ନାଁ କରିଥିଲେ। ସିନ୍‌ସିନାରୀ ଜାକଜମକ, ପରିଉଡ଼ିବା, ଚକ୍ର ବୁଲିବା ଆଦି ମନଲୋଭା ଦୃଶ୍ୟ, ଦର୍ଶକ ମନମୋହି ନେଉଥିଲା। ଡେ ଲାଇଟ୍, ପଞ୍ଚଲାଇଟ - ଏସବୁ ଉପରେ ଟିଣ ପରଦା ଦେଇ ମଞ୍ଚ ଅନ୍ଧାର କରାଯାଉଥିଲା। ଷ୍ଟେଜ୍ ସାଜସଜ୍ଜା ଅତୀବ ସୁନ୍ଦର। ସେଇ ମଞ୍ଚରେ ଉଷା ଥିଏଟର ବେଳେବେଳେ ଅଭିନୟ କରେ। ସେଥର କଟକ ଆସିଲେ ଗୋବିନ୍ଦ ଶୂରଦେଓ। ସାଥିରେ କେନ୍ଦ୍ରାପଡ଼ା ରାସଦଳ। ମ୍ୟୁନ୍‌ସିପାଲଟିର ସେଇ ଚାଳଘର, ରାସ ଅଭିନୟ ହେଲା। ଓଡ଼ିଶାରେ ଏହି ରାସ ଏକ ଅଭିନବ ପ୍ରଦର୍ଶନ। ହାର୍‌ମୋନିୟମ୍ ବଜାଉଥିଲେ ଶୂରଦେଓ, ଗୀତ ଗଣତିରେ ୨୦-୫୦ଟି। ଏଗୁଡ଼ିକର ସୁର ପୁରୁଣା ଓଡ଼ିଶୀ ଢଙ୍ଗର, ଛାନ୍ଦ ବୃତ୍ତ ଧାଡ଼ିରେ, ସ୍ଥାନକୁ ମନାଇ ଅନେକ ହିନ୍ଦୁସ୍ତାନୀ ଚୁଟୁକି ଗୀତ। ସବୁ ଗଜଲ ଗୀତ ସ୍ୱରରେ, ଏଥିରେ କର୍ଣ୍ଣାଟକୀ ଢଙ୍ଗର କାହିଁ ହେଲେ ଅନୁକୃତି ନ ଥିଲା। ଦର୍ଶକଙ୍କ ଆନନ୍ଦ କହିଲେ ନ ସରେ। ଶୂରଦେଓଙ୍କ ରାସ ଅଭିନୟ, କେବଳ କଟକ ନୁହେଁ, ସାରା ଓଡ଼ିଶାରେ ଚହଳ ପକାଇଲା। ଗୁଣ ଚିହ୍ନେ ଗୁଣିଆ। ବହୁ ପ୍ରଥିତଯଶାଙ୍କ ଆଡ଼େ ସାହିତ୍ୟ ପ୍ରାଣ, କଳା ସଂସ୍କୃତିମନସ୍କ ମାନେ ଆକର୍ଷିତ। ସେଇପରି ଜଣେ ସାହିତ୍ୟ ସଙ୍ଗୀତ ରସିକ ସ୍ୱର୍ଗତ ବ୍ରଜସୁନ୍ଦର ଦାସ, ମୁକୁର ପତ୍ରିକାର ସମ୍ପାଦକ। ମୁଗ୍ଧହେଲେ ଶୂରଦେଓଙ୍କ ରାସଲୀଳାଭିନୟରେ। ତାଙ୍କୁ ସମ୍ବର୍ଦ୍ଧିତ କଲେ, ଗୋଟେ ସ୍ୱର୍ଣ୍ଣ ପଦକ ପୁରସ୍କାର ସ୍ୱରୂପ ପ୍ରଦାନ କଲେ। କାଳୀଚରଣ ବି ଶୂରଦେଓଙ୍କର ହେଇଗଲେ ବିହ୍ୱଳ ପ୍ରଶଂସକ। କଟକ ବାସନ୍ତୀ ରଙ୍ଗମଞ୍ଚରେ ଅନେକବାର ଶୂରଦେଓଙ୍କ ରାସଲୀଳା ସେ ଦେଖିଛନ୍ତି। ଆତ୍ମହରା ହୋଇଛନ୍ତି। ଶୂରଦେଓଙ୍କୁ ବନ୍ଧୁପଣରେ ଆଦରିଛନ୍ତି, ମନେ ମନେ ତାଙ୍କୁ ଗୁରୁ କରି ନେଇଛନ୍ତି। କାଳୀଚରଣଙ୍କ ରାସ ନିଶା ବହୁଗୁଣିତ ହୋଇଛି। ଏକଦା ସେ ‘ମୁକୁର’ ପତ୍ରିକାର ସମ୍ପାଦକ। ଅବୈତନିକ ଭାବେ କାମକଲେ। ଗୋବିନ୍ଦ ଶୂରଦେଓ ରହୁଥାଆନ୍ତି ଜଗନ୍ନାଥ ବଲ୍ଲଭରେ, ସେଇଠି ପରେ ହେଲା ଲକ୍ଷ୍ମୀ ନାରାୟଣ ପ୍ରେସ୍। ମହମ୍ମଦିଆ ବଜାର ଲକ୍ଷ୍ମୀନାରାୟଣ ମନ୍ଦିର, ପାଖରେ କାଳୀଚରଣଙ୍କ ପିଉସାଘର। ସେଇଠି ସେ ରହୁଥାଆନ୍ତି। ପ୍ରାୟ ଦେଖାସାକ୍ଷାତ୍ ହୁଏ ଶୂରଦେଓଙ୍କ ସହ। କାଳୀ ତାଙ୍କରି ବାଟ ଧରିଲେ, ରୀତିମତ ରିହର୍ସାଲ, ସିନ୍‌ସିନାରୀ, ଉଇଙ୍ଗସ୍ ଇତ୍ୟାଦି ଅନେକ କଥା ଶିଖିଲେ। ଗୋବିନ୍ଦଚନ୍ଦ୍ର ଶୂରଦେଓ ତାଙ୍କ ମନରେ ଗାର ହେଇ ରହିଗଲେ। କଥାରେ ଅଛି - “ଯାହା ମନ ଯହିଁକି ରସେ।” ରାସଲୀଳାରେ ରସିଗଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ।

# ବୃକ୍ଷ ହିଁ ଜୀବନ



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ-୯୯୩୮୧୧୩୨୨୬

ଯେତେବେଳେ ଗଛ ଜଣେ ଲଗାଉଛି, କେବଳ ଚାରା ରୋପଣ କରୁନାହିଁ ବରଂ ଭଲ ପାଇଁ ଆଶା କରୁଛି । ଆମେ ଶିଖିଛୁ ଯେ ଗଛଗୁଡିକ ଆମ ବଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଅଧିକ ଅଟ୍ଟାଳିକା ପାଇଁ ସ୍ଥାନ ଦେବା ପାଇଁ ଆମେ ପୃଥିବୀକୁ ଜଙ୍ଗଲ ନଷ୍ଟ କରି ଆରମ୍ଭ କଲୁ । ପରେ, ଯେତେବେଳେ ଆମେ ପରିବେଶର ଅବନତି ଦେଖିବା ଆରମ୍ଭ କଲୁ ସେଇ ସମୟରେ ଆମେ “ବୃକ୍ଷରୋପଣ” ସହିତ ପରିଚିତ ହେଲୁ, ଏକ ଉତ୍ତମ ଭବିଷ୍ୟତ ପାଇଁ ଅଧିକ ବୃକ୍ଷ ରୋପଣ କରିବାର ଏକ ସରଳ ପ୍ରକ୍ରିୟା । ସେମାନେ ବିନା ସର୍ତ୍ତରେ ଆମକୁ ଖାଦ୍ୟ, ଅମ୍ଳଜାନ ଏବଂ ମାନବ ବଞ୍ଚିବା ପାଇଁ ବିଭିନ୍ନ ଆବଶ୍ୟକତା ଯୋଗାଇ ଦେଇଛନ୍ତି, ଯେପରିକି ଆଶ୍ରୟ, ଉପକରଣ ଇତ୍ୟାଦି । ଅମ୍ଳଜାନ ଯୋଗାଇବା, ବାୟୁ ଗୁଣବତ୍ତା, ଜଳବାୟୁ ଉନ୍ନତି, ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ ଏବଂ ବନ୍ୟଜନ୍ତୁକୁ ସମର୍ଥନ କରି ବୃକ୍ଷଗୁଡ଼ିକ ଦୀର୍ଘ ସମୟ ଧରି ସେମାନଙ୍କ ପରିବେଶରେ ସହଯୋଗ କରନ୍ତି । ବୃକ୍ଷ ରୋପଣର ପ୍ରାସଙ୍ଗିକତା ଏବଂ ଗୁରୁତ୍ୱ କେବଳ ଦିନକୁ ଦିନ ବୃଦ୍ଧି ପାଇଛି । ଆମର ଗ୍ରହକୁ ବଞ୍ଚାଇବା ପାଇଁ ସମସ୍ତ ମାନବିକତାର ଏକ ସାମୂହିକ ପ୍ରୟାସ ଭାବରେ ଅଧିକ ବୃକ୍ଷ ରୋପଣ କରାଯିବା ଆବଶ୍ୟକ । ବୃକ୍ଷରୋପଣ ମହତ୍ତ୍ୱପୂର୍ଣ୍ଣ କାରଣ ଏହା ଖାଇବା ପାଇଁ ଭଲ ଖାଦ୍ୟ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଆମର ଆବଶ୍ୟକତା ସହିତ ଜଡିତ । ଏହି ଆବଶ୍ୟକତା ବ୍ୟତୀତ ବିବିଧତା ସଂରକ୍ଷଣ କରନ୍ତି, ଜଳ ସଂରକ୍ଷଣ କରନ୍ତି, ମାଟି ସଂରକ୍ଷଣ କରନ୍ତି ଏବଂ ଜଳବାୟୁକୁ ନିୟନ୍ତ୍ରଣ କରନ୍ତି । ବୃକ୍ଷରୋପଣ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପୃଥିବୀରେ ଜୀବନ ବଞ୍ଚିବା ପାଇଁ ତାଜା ଫଳ, ପନିପରିବା, ବାଦାମ ଏବଂ ଅନ୍ୟାନ୍ୟ ଖାଦ୍ୟ ଯୋଗାଇଥାଏ । ସେମାନେ ସମସ୍ତ ଜୀବଜନ୍ତୁ ବଞ୍ଚିବା ପାଇଁ ସେମାନେ ଉତ୍ପାଦକ ଏବଂ ଖାଦ୍ୟ ଶକ୍ତିର ଉତ୍ସ । ଏହି ଆବଶ୍ୟକତା ବ୍ୟତୀତ, ବୃକ୍ଷରୋପଣ ମଣିଷମାନଙ୍କ ପାଇଁ ସେମାନଙ୍କର ଗୃହପାଳିତ ପଶୁମାନଙ୍କ ପାଇଁ ଖାଇବାକୁ, ଘର ଉପକରଣ, ଇନ୍ଧନ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ । ବୃକ୍ଷଗୁଡ଼ିକ ଜୀବଜନ୍ତୁଙ୍କୁ ନିଶ୍ୱାସ ନେବା ଏବଂ ଶକ୍ତି ଉତ୍ପାଦନ କରିବା ପାଇଁ ନିର୍ମଳ ବାୟୁ ଯୋଗାଇଥାଏ । ଶ୍ୱାସକ୍ରିୟା ଏବଂ ପ୍ରଦୂଷଣମୁକ୍ତ ଏକ ସୁସ୍ଥ ଜୀବନ ପାଇଁ ବୃକ୍ଷରୋପଣର ଗୁରୁତ୍ୱପୂର୍ଣ୍ଣ । ଗଛଗୁଡିକ ବିଭିନ୍ନ ପ୍ରଜାତି ପାଇଁ ଏକ ପ୍ରାକୃତିକ ବାସସ୍ଥାନ ଯୋଗାଇଥାଏ । ବୃକ୍ଷରୋପଣ ସବୁଠାରୁ ଆକର୍ଷଣୀୟ, ପରିବେଶ ଅନୁକୂଳ କାର୍ଯ୍ୟକଳାପ ଭାବରେ ବିବେଚନା କରାଯାଏ ଯାହା ଗ୍ରହକୁ ଏକ ଉନ୍ନତ ସ୍ଥାନ କରିବା ପାଇଁ ଲୋକମାନେ ଅଂଶଗ୍ରହଣ କରିପାରିବେ । ହଜାର ହଜାର ବର୍ଷ ଧରି ପୃଥିବୀ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଗଛ ବ୍ୟବହାର କରିଆସୁଛି । ଗ୍ରହରେ ବୃକ୍ଷର ଉପସ୍ଥିତି ବିନା ଜୀବନ ବିଦ୍ୟମାନ ହୋଇପାରିବ ନାହିଁ । ଗଛଗୁଡିକ ଆମେ ଭାବିବା ଅପେକ୍ଷା ପରିବେଶ ପାଇଁ ଅଧିକ କରନ୍ତି । ସମୁଦ୍ର ପ୍ରାଣୀଠାରୁ ଆରମ୍ଭ କରି ସମଗ୍ର ବିଶ୍ୱରେ କାର୍ଯ୍ୟ କରୁଥିବା ଅଗଣିତ ଲୋକଙ୍କ ପର୍ଯ୍ୟନ୍ତ ଗଛର ଅସଂଖ୍ୟ ଲାଭ ଅଛି । ଏକ ବୃକ୍ଷ ରୋପଣ କେବଳ ଯେଉଁମାନେ ଏହାର ଆଖପାଖରେ ସ୍ଥାନୀୟ ଭାବରେ ବାସ କରନ୍ତି ତାହା ନୁହେଁ ବରଂ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାହାର କରି ସମଗ୍ର ଜନସଂଖ୍ୟା ପାଇଁ ଲାଭଦାୟକ । ବୃକ୍ଷ ନିକଟରେ ରହୁଥିବା ଲୋକମାନେ ସେମାନଙ୍କର ଜୀବନର ଗୁଣରେ ଉନ୍ନତି ଭଳି ଅନେକ ଲାଭ ଅନୁଭବ କରନ୍ତି । ଚାପକୁ ହ୍ରାସ କରି ଏବଂ ବାହ୍ୟ କାର୍ଯ୍ୟକଳାପକୁ ଉତ୍ସାହିତ କରି ବୃକ୍ଷ ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଗଛ ଆମକୁ ଖାଇବା ପାଇଁ ଫଳ ଦେଇଥାଏ ଏବଂ ଘର ତିଆରି କରିବା ଏବଂ କାଗଜ ତିଆରି କରିବା ପାଇଁ କାଠ ଦେଇଥାଏ । ସେମାନେ ମାଟି ସୁସ୍ଥ ରହିବାକୁ ସାହାଯ୍ୟ କରନ୍ତି ଏବଂ ନଦୀଗୁଡ଼ିକରେ ଜଳକୁ ସଫା ରଖିବାରେ ସାହାଯ୍ୟ କରନ୍ତି । ଯେତେବେଳେ ଆମେ ବୃକ୍ଷ ରୋପଣ କରୁ, ଆମେ ଆମର ଗ୍ରହ ଏବଂ ଏହା ଉପରେ ବାସ କରୁଥିବା ସମସ୍ତ ପ୍ରାଣୀଙ୍କୁ ସାହାଯ୍ୟ କରୁ । ଗଛର ଯତ୍ନ ନେବା କାରଣ ସେମାନେ ଆମର ଯତ୍ନ ନିଅନ୍ତି । ଆସନ୍ତୁ ଅଧିକ ଗଛ ଲଗାଇବା ଏବଂ ଆମ ପାଖରେ ଥିବା ଗଛକୁ ସୁରକ୍ଷା ଦେବା । ଗଛ କେବଳ ଉଦ୍ଭିଦ ନୁହେଁ; ସେମାନେ ପୃଥିବୀରେ ଆମ ପରିବାରର ଏକ ବଡ଼ ଅଂଶ ।

# ୨୦୨୪-୨୫ କେନ୍ଦ୍ରୀୟ ବଜେଟ୍-ଏକ ସମୀକ୍ଷା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ମଙ୍ଗଳବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି । ଅର୍ଥମନ୍ତ୍ରୀ ସପ୍ତମ ଥର ଲାଗି ବଜେଟ୍ ଉପସସ୍ଥାପନ କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି । ମୋଟ ବଜେଟ ଅଟକଳ ବ୍ୟୟଭାର ୪୮.୨୧ଲକ୍ଷ କୋଟି ଟଙ୍କା କରାଯାଇଥିବା ବେଳେ ସରକାର ଋଣକୁ ଛାଡି ୩୨.୦୭ ଲକ୍ଷକୋଟି ଟଙ୍କା ଆୟ କରିବେ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଏହି ବଜେଟକୁ ସ୍ୱାଗତ କରି ଏହା ବିକଶିତ ଭାରତ ଆଡକୁ ଆଗେଇ ନେବ ବୋଲି କହିଛନ୍ତି । ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ବର୍ଷର ବଜେଟ୍‌ରେ ସବୁବର୍ଗଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରିଛନ୍ତି । ଏହି ବଜେଟ୍‌ରେ ୯ଟି କ୍ଷେତ୍ର ଉପରେ ପ୍ରାଥମିକତା ଦିଆଯାଇଛି । ସେଗୁଡିକ ହେଉଛି କୃଷି, ରୋଜଗାର, ଅନ୍ତର୍ଭୁକ୍ତ ବିକାଶ, ଉତ୍ପାଦନ ଓ ସେବାକ୍ଷେତ୍ର, ନଗରଉନ୍ନୟନ, ଶକ୍ତି , ଭିତ୍ତିଭୂମି , ଉଦ୍ଭାବନ, ଗବେଷଣା ଓ ବିକାଶ, ମହିଳା ଓ ନୂଆପିଢିର ସଂସ୍କାର ।

ଚଳିତ ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ ଲୋକମାନେ ସରକାରଙ୍କ ନୀତି ଉପରେ ଭରସା କରିଛନ୍ତି । ବଜେଟ୍‌ରେ ମହିଳା, ଚାଷୀ ଓ ଯୁବବର୍ଗଙ୍କୁ ଗୁରୁତ୍ୱ ଦିଆଯାଇଛି । ମୁଦ୍ରାସ୍ଫିତି ୪ପ୍ରତିଶତ ରଖିବାକୁ ଆକଳନ କରାଯାଇଛି । ଏହି ବଜେଟ୍‌ରେ କେମିତି ଆସି ୧ଟଙ୍କା ଓ କେମିତି ଖର୍ଚ୍ଚ ହେବ ୧ଟଙ୍କା ତାହା ନିର୍ଦ୍ଧାରଣ କରାଯାଇଛି । କେମିତି ଆସିବ୧ଟଙ୍କା - ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ୨୭ପଇସା, କର୍ପୋରେସନ ଟିକସରୁ ଆସିବ ୧୭ ପଇସା, ଆୟକର ୧୯ ପଇସା, ସୀମା ଶୁଳ୍କ ୪ପଇସା, ଅଣଟିକସ ଆୟ ୯ ପଇସା, ଋଣ ଓ ଅନ୍ୟାନ୍ୟ ପୁଞ୍ଜି ଆୟ ୧୨ପଇସା, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୫ ପଇସା, ଜିଏସଟି ଓ ଅନ୍ୟଟିକସ ୧୮ ପଇସା । କେମିତି ଖର୍ଚ୍ଚ ହେବ ୧ଟଙ୍କା ପେନସନ୍ ୪ ପଇସା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ୮ ପଇସା, ଅର୍ଥକମିଶନ ଓ ଅନ୍ୟାନ୍ୟ ପାଣ୍ଠି ପ୍ରଦାନ ୯ ପଇସା, ରାଜ୍ୟମାନଙ୍କ ଟିକସ ଭାଗ ୨୧ ପଇସା, ପ୍ରତିରକ୍ଷା ୮ ପଇସା, ସବ୍‌ସିଡି ୬ପଇସା, କେନ୍ଦ୍ରୀୟ ଯୋଜନା ୧୬ ପଇସା, ସୁଧ ପ୍ରଦାନ ୧୯ ପଇସା । ଏହି ବଜେଟ୍‌ରେ କ୍ୟାନସର ଔଷଧ , ଏକ୍ସରେ ମେସିନ୍, ସୁନ, ରୂପା, ପ୍ଲାଟିନମ୍, ମୋବାଇଲ ଓ ଚାର୍ଜର, ମାଛ ପାଇଁ ଆବଶ୍ୟକ ଖାଦ୍ୟ ତଥା ସାମୁଦ୍ରିକ ଉତ୍ପାଦ, ଚମଡାରେ ପ୍ରସ୍ତୁତ ଯୋତା ଓ ଅନ୍ୟସାମଗ୍ରୀ, ପେଟ୍ରୋକେମିକାଲସ୍, ସୋଲାର ସେଲ୍ ଓ ପ୍ୟାନେଲ , ଷ୍ଟିଲ୍ ଓ କପର, ୨୫ ଗୁରୁତ୍ୱପୂର୍ଣ୍ଣ ମିନେରାଲ । ମହଙ୍ଗା ହୋଇଛି ଲବ୍ରୋଟାରୀ କେମିକାଲସ୍ ଟେଲିକମ୍ ଉପକରଣ, ପ୍ଲାଷ୍ଟିକ୍ ନିର୍ମିତ ସାମଗ୍ରୀ, ପବିସି ଫ୍ଲେକ୍ସ ବ୍ୟାନର, ପାନମସଲା, ତମାଖୁ, ସାଗାରେଟ୍ ଓ ବିମାନଯାତ୍ରା ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତା କିଛିବର୍ଷ ମଧ୍ୟରେ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ରୂପେ ଗଢିତୋଳିବାରେ ଏହି ବଜେଟ୍ ସଜାୟକ ହେବ । ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ କରାଯାଇଛି ।ସେଗୁଡିକ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ୪ , ୫୪, ୭୭୩କୋଟି ଗ୍ରାମ୍ୟ ଉନ୍ନୟନ ୨,୬.୮୦୮କୋଟି, କୃଷି ଓ ଆନୁଷଙ୍ଗିକ ୧,୫.୮୫୧କୋଟି ସ୍ୱରାଷ୍ଟ୍ର ବ୍ୟାପାର ୧,୫.୯୮୩ କୋଟି ଶିକ୍ଷା ୧,୨୫.୬୩୮କୋଟି, ଆଇଟି ଓ ଟେଲିକମ୍ ୧,୧.୩୮୪୨ କୋଟି , ସ୍ୱାସ୍ଥ୍ୟ ୮୯,୨୮୭କୋଟି, ଶକ୍ତି ୬୮,୭୬୯କୋଟି ସାମାଜିକ କଲ୍ୟାଣ ୫୬, ୫୦୧କୋଟି ବାଣିଜ୍ୟ ଓ ଶିଳ୍ପ ୪୭,୫୫୯କୋଟି ଏମଜିନରେଗା ୮୬,୦୦୦କୋଟି, ଗବେଷଣା ଓ ବିକାଶ ୧୨,୦୦୦କୋଟି ଆଣବିକ ଶକ୍ତି ପ୍ରକଳ୍ପ ୨,୨୨୮କୋଟି, ସୌରଶକ୍ତି ୧୦୦୦୦କୋଟି, ଗ୍ୟାସ ସବ୍‌ସିଡି ୧୫୦୦କୋଟି ଫାର୍ମସିଟୁକାଲ ଶିଳ୍ପ ୨୧୪୩କୋଟି ଟଙ୍କାର ବ୍ୟବରାଦ କରାଯାଇଛି ।

ଚଳିତ ବଜେଟ୍‌କୁ ନେଇ ବିଭିନ୍ନ ମହଲରେ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । କିଏ କହୁଛି ଏହି ବଜେଟରେ ସବୁବର୍ଗଙ୍କୁ ଗୁରୁତ୍ୱ ଦିଆଯାଇଛି ତ ଆଉ କିଏ କହୁଛି ଚୌକି ବଜାୟ ରଖିବା ପାଇଁ ଏହି ବଜେଟ୍ ପ୍ରସ୍ତୁତ ହୋଇଛି । ସେହିପରି ଆଉ କିଏ କହୁଛି ବଜେଟ୍‌ରେ ନୂତନତ୍ୱ କିଛି ନାହିଁ। ସେହିପରି ଆଲୋଚନା ହେଉଛି ବିହାର ଓ ଆନ୍ଧ୍ର ପ୍ରଦେଶକୁ ଅର୍ଥ ଅଜାଡି ଦିଆଯାଇଥିବା ବେଳେ ଓଡିଶା ପ୍ରତି ଅଣଦେଖା କରାଯାଇଛି । ସେ ଯାହା ହେଉନା କାହିଁକି ଏହି ବଜେଟ୍‌ରେ କୃଷି, ଦକ୍ଷତା, ଅଭିବୃଦ୍ଧି, ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି । କୃଷିକ୍ଷେତ୍ରରେ ଉତ୍ପାଦକତା ଓ ସ୍ଥିରତା ବୃଦ୍ଧି ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି । ଏଥିପାଇଁ କୃଷିକ୍ଷେତ୍ରକୁ ୧,୫୨୦୦୦କୋଟିଟଙ୍କା ବରାଦ କରାଯାଇଛି । ଏଥିସହିତ ପ୍ରାକୃତିକ ଚାଷକ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସେହିପରି ଗ୍ରାମୀଣ ଅର୍ଥନୀତିର ଦୃତ ଅଭିବୃଦ୍ଧି ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି । ନିଯୁକ୍ତି ଓ ଦକ୍ଷତା ବିକାଶ ଲାଗି ପ୍ରୋତ୍ସାହନର ବ୍ୟବସ୍ଥା ରହିଛି । ପ୍ରଥମ ଥର ପାଇଁ ନିଯୁକ୍ତି ପାଇଲେ ପ୍ରଥମ ମାସ ଦରମା ସହାୟତା ସରକାରଙ୍କ ପକ୍ଷରୁ ମିଳିବ । ସେହିପରଣ୍ଟନ୍‌ସିପ୍ ଯୋଜନା ମାଧ୍ୟମରେ ଆସନ୍ତ ୫ବର୍ଷ ମଧ୍ୟରେ ୫୦୦ବହୁବିଶିଷ୍ଟ କମ୍ପାନୀରେ ଫ୍ରେସରମାନଙ୍କୁ ଇଣ୍ଟର୍ନସିପ୍ କରିବାର ସୁଯୋଗ ମିଳିବ । ଏହି ଯୋଜନା ଏକକୋଟି ଯୁବକଙ୍କୁ ନିଯୁକ୍ତି ସୁଯୋଗ ଦେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ବଜେଟ୍‌ରେ ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀଙ୍କର ପ୍ୟାକେଜର ୫ଟି ସ୍କିମ୍ ଉପରେ ଗୁରୁତ୍ୱ ଦିଆଯାଇଛି । ଆୟକର ସ୍ଲାବ୍‌ରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ୩ଲକ୍ଷଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ ବ୍ୟବସ୍ଥା ରହିଛି । ୩ରୁ ୭ଲକ୍ଷ ଆୟ ଉପରେ ୫ପ୍ରତିଶତ, ୭ରୁ ୧୦ଲକ୍ଷ ଟଙ୍କା ଆୟ ଉପରେ ୧୦ପ୍ରତିଶତ, ୧୦ରୁ ୧୨ଲକ୍ଷ ଆୟ ଉପରେ ୧୨ ପ୍ରତିଶତ, ୧୨ ରୁ ୧୫ ଲକ୍ଷ ଟଙ୍କା ଉପରେ ୧୫ ପ୍ରତିଶତ ଏବଂ ବାର୍ଷିକ ୧୫ଲକ୍ଷ ଟଙ୍କା ଆୟ ଉପରେ ୩୦ପ୍ରତିଶତ ଟିକସ ଦେବାକୁ ପଡିବ । ଏତଦ୍ ବ୍ୟତିତ ପର୍ଯ୍ୟଟନ ବିକାଶ ଯୋଜନା , ସହରାଞ୍ଚଳ ଗୃହନିର୍ମାଣ ରିସର୍ଚ୍ଚ ପ୍ରକଳ୍ପ ଲାଗି ପ୍ରୋତ୍ସାହନ ୧୨ ନେସନାଲ ଇଣ୍ଡଷ୍ଟିଆଲ ପାର୍କ ଓ ବନ୍ୟା କ୍ଷତିଗ୍ରସ୍ତ ୫ଟି ରାଜ୍ୟକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ ଲାଗି ବଜେଟ୍‌ରେ ବ୍ୟୟବରାଦ କରାଯାଇଛି ।

ଚଳିତ ବର୍ଷର ବଜେଟ୍ ଉପରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସଂକଳ୍ପକୁ ପୂରଣ କରିବା ପାଇଁ ଏକ ଦୃଢ ମୂଳଦୁଆ ସୃଷ୍ଟି କରିବ । ଏଥିରେ ବଞ୍ଚିତ ଲୋକଙ୍କୁ ପ୍ରାଥମିକତା ଦିଆଯାଇଛି ବୋଲି ସେ ମଧ୍ୟ କହିଛନ୍ତି । ଏଥିସହିତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଏହି ବଜେଟ୍ ଦ୍ରୁତ ଅଭିବୃଦ୍ଧି ଓ ଭିତ୍ତିଭୂମିର ବିକାଶ କରିବାରେ ସଫଳ ହେବବୋଲି ମତରଖିଛନ୍ତି । କିନ୍ତୁ ବିରୋଧୀମାନେ ଏହି ବଜେଟ୍‌ରେ କେତେକ ଦିଗପ୍ରତି ଅଣଦେଖା କରାଯାଇଛି ବୋଲି କହିଛନ୍ତି । ସେ ଯାହା ହେଉନା କାହିଁକି ମୋଦୀ ସରକାରଙ୍କ ତୃତୀୟ ପାଳିର ପ୍ରଥମ ବଜେଟ୍ ମଙ୍ଗଳବାର ଉପସ୍ଥାପିତ ହୋଇଛି । ଏହା ଆମ ଅର୍ଥନୀତିରେ କେତେ ସୁଧାର ଆଣିବ ତାହା ସମୟ କହିବ ! ଆୟକର ଦାତାମାନଙ୍କୁ ଏହି ବଜେଟ୍‌ରେ ସେତେଟା ଆଶ୍ୱସ୍ତି ଦେଇନି । ଅନ୍ୟପଟେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ବଜେଟ୍ ବ୍ୟୟ ବରାଦ ଅନୁସାରେ ଯଦି କାର୍ଯ୍ୟକରାଯାଏ ତାହାଲେ ଏହାର ସୁଫଳ ମିଳିବ ବୋଲି ଆଶା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୩୦ ଜୁଲାଇ ୨୦୨୪ ମଙ୍ଗଳବାର









## ଗାଡ଼ି ମାଡ଼ିଯାଇ ୨ କାଉଡ଼ିଆଙ୍କ ମୃତ୍ୟୁ

**ସାଲେପୁର, ନ୍ୟୁଜ୍**

କଟକ ଚନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଅଫିସ ଛକରେ ଏକ କାର୍ କାଉଡିଆମାନଙ୍କ ଉପରେ ମାଡିଯିବାରୁ ଦୁଇଜଣ ମୃତ୍ୟୁବରଣ କରିଥିବା ଜଣାପଡିଛି । ତିନି ଜଣ ଗୁରୁତରଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ, ଜିଗୀନପୁର ବସୁପଦା ଗ୍ରାମରୁ ପ୍ରାୟ ୩୭ଜଣ କାଉଡିଆ ପାଣି ଉଠାଇ ନିଜ ଗ୍ରାମର ସିଦ୍ଧେଶ୍ୱର ମହାଦେବଙ୍କ ପାଖରେ ଜଳ ଲାଗି କରିବା ପାଇଁ ଯିବା ସମୟରେ ନିଶ୍ଚିନ୍ତକୋଇଲି ତହସିଲ ଛକରାସ୍ତା ଉପରେ ଛିଡା ହୋଇଥିବା ସମୟରେ ଅପରପଟୁ ଏକ କାର୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଗୁରୁତର ଆହତ ତିନି ଜଣଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଛି । ଘଟଣା ଘଟିବା ପରେ ପ୍ରଥମେ ପୋଲିସ ସହାୟତାରେ ଗୁରୁତରଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଖବରପାଇ ପରିବାର ଠାରୁ ଆରମ୍ଭ କରି ଗ୍ରାମ ଲୋକଙ୍କ ପର୍ଯ୍ୟନ୍ତ ଭିଡ଼ ଲାଗିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

## ନିମ୍ନମାନର ନିର୍ମାଣ କାର୍ଯ୍ୟ ସହ ପାହାଡ଼ରୁ ଅତଡ଼ା ଖସି ରାସ୍ତା ଅବସ୍ଥା ଶୋଚନୀୟ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ବ୍ଲକର ମାତୃଗାଁ ଠାରୁ ବେଲଘର ୨୭ କିଲୋମିଟର ଓ ବେଲଘର ଠାରୁ ଝିରିପାଣି ୧୧ କିଲୋମିଟର ରାସ୍ତା ବାଲିଗୁଡ଼ା ପୂର୍ତ୍ତ ବିଭାଗ ବିଭାଜନ ଅଧୀନରେ ରହିଛି । ଏହି ରାସ୍ତାରେ ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ କାମ ଅତ୍ୟନ୍ତ ନିମ୍ନ ମାନର ନିର୍ମାଣ କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ଲୋକ ପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି । ବେଲଘର ବ୍ରିଜ୍ ନିକଟରୁ ମେଡ଼ିକାଲ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ କଂକ୍ରିଟ ଗାର୍ଡ ୱାଲ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଥିରେ କ୍ରସର ମେଟାଲ୍ ସହ ଭଲ ବାଲି ଓ ସିମେଣ୍ଟ ବ୍ୟବହାର ପାଇଁ ଚୁକ୍ତି ନାମା ଠିକାଦାର କରିଥିବା ବେଳେ ଅତ୍ୟନ୍ତ ନିମ୍ନମାନର ମେଟାଲ୍ ଓ ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ରାସ୍ତା ପାର୍ଶ୍ୱରେ ନାଳ କଡ଼ରେ ପଡିଥିବା ସାନ ସାନ ଗେଟିକୁ ଆଣି ମେଟେଲ୍ ଭାବେ ଠିକାଦାର ବ୍ୟବହାର କରୁଛନ୍ତି । ଏହି ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ଏଠାରେ ଗୋଟିଏ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ରହିବା କଥା କିନ୍ତୁ ତାହା ଖାଲି ପଡ଼ିଛି । ଯାହାରି ଫଳରେ ବାଲିଗୁଡ଼ାର ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ସେହି କାର୍ଯ୍ୟ ତଦାରଖ କରୁଛନ୍ତି । ଉକ୍ତ ଗାର୍ଡ ୱାଲ ନିମ୍ନମାନର ନିର୍ମାଣ ସମ୍ପର୍କ ରେ ସ୍ଥାନୀୟ ନିର୍ବାହୀ ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ଏହା ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି । ଏହା ସହ ଉକ୍ତ ରାସ୍ତାରେ ବର୍ଷା ଦିନେ ପାହାଡ଼ର ମାଟି ଅତଡ଼ା ଖସି ରାସ୍ତାରେ ପଡୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଦେଖୁନଥିବାରୁ ଲୋକେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ଘାଟି ରାସ୍ତାଟିଏ ରହିଥିବା ବେଳେ ବର୍ଷା ଦିନେ ବେଳେ ଅଙ୍କା ବଙ୍କା ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ସୂଚକ ନଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି । ତେବେ କେବେ ପୂର୍ତ୍ତ ବିଭାଗ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣୁଛନ୍ତି ଓ ଏହାର ତଦାରଖ କରୁଛନ୍ତି ତାହା ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି । ଯଦି ନିମ୍ନମାନର କାର୍ଯ୍ୟକୁ ବନ୍ଦ କରାନଯାଇ ତାହାକୁ କାଢି ନୂତନ ଓ ଭଲ ମେଟାଲ ବ୍ୟବହାର ନକରନ୍ତି ଏହାର ସମ୍ପୂର୍ଣ୍ଣ ଫଟୋ ଓ ତଥ୍ୟ ସହ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ କରିବେ ବୋଲି କହିଛନ୍ତି ।



## କେନ୍ଦୁଝରରେ ଅଭାବୀ ବର୍ଷା:ଚାଷ ପାଇଁ ଚାଷୀ ଚିନ୍ତିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବର୍ଷାରେ ଆଷାଢ଼ ଶ୍ରାବଣ, ମେଘ ବରଷେ ଘନ ଘନ । ହେଲେ ଏବେ ଶ୍ରାବଣ ମାସର ଅଧା ହେଲାଣି, ଅଭାବୀ ବର୍ଷା ଚାଷୀଙ୍କ ମନକୁ ଭାଙ୍ଗି ସାରିଲାଣି । ଅଗଷ୍ଟ ମାସ ଆରମ୍ଭ ବେଳକୁ ଚାଷୀ ତଳିରୁଆ ସାରି ବିଲରେ ଘାସ ବାଛି ମଇ ଦିଆ କାମ ସାରିବା ଉପରେ ହୋଇଥାଏ । ହେଲେ ଏ ବର୍ଷ ଆଜି ଯାଏ କାହା ତଳି ଘେରାରୁ ତଳି ଉଠା କାମ ଆରମ୍ଭ ହୋଇପାରିଲାନାହିଁ । ଏବେ ଚାଷ ଆଉ ହେଇପାରିବ କି ନାହିଁ ଦ୍ୱନ୍ଦ୍ୱ ଭିତରେ । ଆଉ ବିଲ ଦେଖିବା ପାଇଁ ବି ଆସୁନାହାନ୍ତି ଚାଷୀ । ତଳି ଘେରା ଏବେ ଧାନ ତଳି କମ୍ ଘାସ ଓ ଅନାବନା ଗଛରେ ଭର୍ତ୍ତି ହୋଇସାରିଲଣି । ଯେତିକି ଝିପି ଝିପି ବର୍ଷା ହେଉଛି ତାହା ତଳି ପାଇଁ ମାଟି ଭିଜୁନଥିବା କହିଛନ୍ତି ହଳଦିଆ ଟାଙ୍ଗିରିର ପୁରୁଖା ଚାଷୀ ପଦ୍ମଲୋଚନ ନାଏକ । ସେ ନିଜ ତଳି ବଞ୍ଚେଇବା ପାଇଁ ନାଳ କାଟି ଡ୍ରେନ୍ ପାଣିକୁ ବି ବିଲ ପର୍ଯ୍ୟନ୍ତ ଆଣିବାକୁ ବାଧ୍ୟ ହେଉଛନ୍ତି । ହୀରାକୁଦ ଉପର ମୁଣ୍ଡରେ ବର୍ଷା ହୋଇ ଗେଟ୍ ପରେ ଗେଟ୍ ଖୋଲି ଜଳ ନିଷ୍କାସନ କରାଯାଉଥିବା ବେଳେ କେନ୍ଦୁଝରରେ ଅଭାବୀ ବର୍ଷା ଏବର୍ଷ ଚାଷୀଙ୍କ ଅଣ୍ଟା ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି । ଅନେକ ଚାଷ ପାଇଁ ଋଣ କରିଥିବା ବେଳେ ନିଅଣ୍ଟିଆ ବର୍ଷା ଲୋକଙ୍କ ଭାତହାଣ୍ଡି ବଞ୍ଚାଇବ କି ନାହିଁ ସେ ନେଇ ଚାଷୀଙ୍କ ଚିନ୍ତା ବଢୁଛି । ଖୁବ୍‌ଶୀଘ୍ର ବର୍ଷା ନହେଲେ ଏ ବର୍ଷର ଚାଷକର୍ଯ୍ୟ ଚାଷୀକୁ ଢେର୍ ପଛକୁ ନେଇଯିବ ଏଥିରେ ସନ୍ଦେହ ନାହିଁ ।

## କେଦାରଗୌରୀ କୁଣ୍ଡର ବଦଳିବ ରୂପରେଖ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବଦଳିବ କେଦାରଗୌରୀ କୁଣ୍ଡର ରୂପରେଖ । କୁଣ୍ଡର ପାଣିକୁ ସ୍ୱଚ୍ଛ କରିବା ସହ ଅଳିଆ ଆବର୍ଜନା ପକାଇ ଯେପରି ଦୂଷିତ କରାନଯିବ ତା' ଉପରେ ବିହିତ ପଦକ୍ଷେପ ନିଆଯିବ । ଦେବୋତ୍ତର ଆୟୁକ୍ତ ଓ ବିଏମ୍‌ସି ଆୟୁକ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ବେଢ଼ାରେ ଥିବା ଚାରି କୁଣ୍ଡର ଗରିମା ଫେରିବ । ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେବୋତ୍ତର ଆୟୁକ୍ତ ତୀର୍ଥ ପୁଷ୍କରିଣୀର ସ୍ଥିତି ଯାଞ୍ଚ ପାଇଁ ଦୁଇଜଣିଆ କମିଟି ଗଠନ କରିଥିଲେ । ଗତ ଶୁକ୍ରବାର ଦେବୋତ୍ତର ସହକାରୀ ଆୟୁକ୍ତ ଶିଶିର କୁମାର ସାହୁ, ଦେବୋତ୍ତର ନିରୀକ୍ଷକ, ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି କେଦାର ଗୌରୀ ମନ୍ଦିର ଗସ୍ତ କରି କୁଣ୍ଡର ସ୍ଥିତି ଅନୁଧ୍ୟାନ କରିଥିଲେ । ସୂଚନାଯୋଗ୍ୟ, ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶ୍ୱଶୁରାଳୟ ଭାବେ କେଦାର ଗୌରୀ ମନ୍ଦିର ପରିଚିତ । ଏହି ମନ୍ଦିର ବେଢ଼ାରେ ଚାରୋଟି ତୀର୍ଥକୁଣ୍ଡ ରହିଛି । ଗୌରୀ ମନ୍ଦିର ସାମ୍ନାରେ ରହିଥିବା କୁଣ୍ଡକୁ ଗୌରୀକୁଣ୍ଡ କୁହାଯାଏ । ସେହିପରି ଗୌରୀ କୁଣ୍ଡର ଦକ୍ଷିଣକୁ ଲାଗି ଦାନ୍ତଘଷା ଓ ସାବୁନ କୁଣ୍ଡ ରହିଛି । ସେହିପରି କେଦାରେଶ୍ୱରଙ୍କ ମନ୍ଦିରକୁ ଲାଗି ଦୁଦ୍ (ଦୁଗ୍ଧ) କୁଣ୍ଡ ରହିଛି । ସେହିପରି ରୋଷଘରକୁ ଲାଗି ଚାଉଳଧୁଆ କୁଣ୍ଡ ରହିଛି । ଦିଅଁଙ୍କ ଅନ୍ନ ଭୋଗ ପ୍ରସ୍ତୁତ ପାଇଁ ସେହି ପାଣିରେ ଚାଉଳ ଧୁଆଯାଏ । ଏହାବ୍ୟତୀତ ଚାଉଳଧୁଆ କୁଣ୍ଡର ପାଣିକୁ ଦିଅଁଙ୍କ ସ୍ନାନ ପାଇଁ ବ୍ୟବହାର ହୁଏ । ଏଠାରେ ଶ୍ରଦ୍ଧାଳୁ ପାଦ ବୁଡ଼ାଇବାକୁ ନିଷେଧ କରାଯାଇଛି । ଏବେ ଚାଉଳଧୁଆ କୁଣ୍ଡର ପାଣି ଦୂଷିତ ହୋଇପଡ଼ିଛି । ବର୍ଷା ଦିନେ ବାହାର ପାଣି କୁଣ୍ଡରେ ପଶିଥାଏ । ଏନେଇ ୨୦୧୮ରେ ଶ୍ରୀଲିଙ୍ଗରାଜଙ୍କ ସେବକ ତଥା ଆଇନଜୀବୀ ସଞ୍ଜୀବ ପୂଜାପଣ୍ଡା ସ୍ଥାୟୀ ଲୋକ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ । ମାମଲାରେ ୪ତୀର୍ଥ କୁଣ୍ଡର ପାଣି ନିଷ୍କାସନ ପଥ ପାଇଁ ନଳା ନିର୍ମାଣ ଓ ଚାଉଳଧୁଆ କୁଣ୍ଡର ପାଣିକୁ ଆବର୍ଜନା ମୁକ୍ତ ରଖିବା ପାଇଁ ତା'ର ଚାରିପଟେ ତାର ବାଡ଼ ଦେବାକୁ ଆବେଦନ କରିଥିଲେ । ପରବର୍ତ୍ତୀ ସମୟରେ ଅଦାଲତ ବିଏମ୍‌ସିକୁ ତୀର୍ଥକୁଣ୍ଡରୁ ଜଳ ନିଷ୍କାସନ ପାଇଁ ନଳା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଏମ୍‌ସି ଅର୍ଥରେ ପୂର୍ତ୍ତ ବିଭାଗ ନଳା ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ଚାଉଳଧୁଆ କୁଣ୍ଡର ଚାରିପଟେ ତାର ବାଡ଼ ବ୍ୟବସ୍ଥା ହୋଇନି । ଗତ ମେ ୧୫ରେ ବିଚାରପତି ମାମଲାର ରାୟ ପ୍ରକାଶ କରିଥିଲେ । ରାୟରେ ଦେବୋତ୍ତର ଆୟୁକ୍ତ ଓ ବିଏମ୍‌ସି ଆୟୁକ୍ତଙ୍କୁ କେଦାରଗୌରୀ ମନ୍ଦିର ବେଢ଼ାରେ ଥିବା ଚାରି କୁଣ୍ଡର ବିକାଶ ଉପରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।



## କାର୍ଗିଲ୍ ବିଜୟ ଉତ୍ସବରେ ତ୍ରିରଙ୍ଗା ଯାତ୍ରା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

୨୫ତମ କାରଗିଲ ବିଜୟ ଉତ୍ସବ ଉପଲକ୍ଷେ ଧାମନଗରରେ ତିରଙ୍ଗା ଯାତ୍ରା ଅନୁଷ୍ଠିତ ଶନିବାର ଅପରାହ୍ନରେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଭାରତର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ବୀର ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଉଦ୍ଦେଶ୍ୟରେ ଏହି ତ୍ରିରଙ୍ଗା ଯାତ୍ରା କରାଯାଇଥିବା କହିଥିଲେ ସୂର୍ଯ୍ୟବଂଶୀ । ପ୍ରଥମେ ବିଜୁ ପଟ୍ଟନାୟକ ଛକରେ କାର୍ମୀଙ୍କ ଦ୍ୱାରା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ବିଜୁ ପଟ୍ଟନାୟକ ଛକରୁ ବାହାରି ଶତାଧିକ ସଂଖ୍ୟାରେ ନେତା, କର୍ମୀଙ୍କ ଉପସ୍ଥିତିରେ ବାଇକ୍ ରାଲି କରି କ୍ଷେଣ୍ଟପୁରରେ ପହଞ୍ଚିଥିଲେ । ଏହି ସମୟରେ ବିଭିନ୍ନ ଛକ ବଜାର ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂର୍ଯ୍ୟବଂଶୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

## ଯୌତୁକ ନିର୍ଯାତନା:ଥାନାରେ ମାମଲା

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗନଗର ପତ୍ନୀଙ୍କୁ ସ୍ୱାମୀ ଯୌତୁକ ନିର୍ଯାତନା ଦେଉଥିବା ଯଖପୁରା ଥାନାରେ ଅଭିଯୋଗ ହୋଇଛି । ଏଭଳି ଏକ ଅଭାବନୀୟ ଘଟଣା ମାନତିରା ଗାଁରେ ଘଟିଛି । ଏହି ଘଟଣାରେ ପୋଲିସ୍ କେସ୍ ନଂ ୧୩୦/୨୦୨୪ରେ ମାମଲା ରୁଜୁ କରିଛି । ଉଲ୍ଲେଖଯୋଗ୍ୟ ଯେ, ଯଖପୁରା ଥାନା ଅନ୍ତର୍ଗତ ମାନତିରାର ସତ୍ୟଜିତ୍ ବେହୁରା ଢେଙ୍କାନାଳ ଗହଂଦିଆର ଗତ ୨୦୨୨ରେ ବିବାହ କରିଥିଲେ । ହେଲେ ବିବାହର କିଛିଦିନ ପରେ ୫୦ ହଜାର ଟଙ୍କା ଯୌତୁକ ଦାବି କରି ସୋନୁଙ୍କୁ ନିର୍ଯାତନା ଦେଇଥିଲେ । ନିର୍ଯାତନା ସହିନପାରି ପତ୍ନୀ ସୋନୁ ଗତ ମାର୍ଚ୍ଚ ମାସରେ ନିଜ ବାପ ଘର ଗହଂଦିଆକୁ ଚାଲି ଯାଇଥିଲେ । ହେଲେ ଶାଶୁ ଘର ପକ୍ଷରୁ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ବାଧ୍ୟ ହୋଇ ସୋନୁ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

## ପ୍ରେମ ପାଇଁ ସ୍ୱାମୀ ଓ ଝିଅକୁ ଛାଡ଼ିଲେ ମହିଳା

**ବାଲିଅନ୍ତା, ନ୍ୟୁଜ୍ ବ୍ୟୁରୋ**

୧୦ବର୍ଷ ତଳେ ପ୍ରେମ ବିବାହ କରିଥିବା ଜଣେ ମହିଳା ଏବେ ଆଉ ଜଣଙ୍କ ପ୍ରେମରେ ଏମିତି ପାଗଳ ହୋଇଯାଇଛନ୍ତି ଯେ ସ୍ୱାମୀ ଓ ୮ ବର୍ଷର ଝିଅର ମୁହଁକୁ ବି ଚାହୁଁନାହାନ୍ତି । ପ୍ରେମିକ ସହିତ ରହିବାକୁ ତାଙ୍କ ଜିଦ୍ ଆଗରେ ହାର୍ ମାନିଛନ୍ତି ସ୍ୱାମୀ, ପରିବାର ଓ ପ୍ରେମିକଙ୍କ ପରିବାର । ଏପରିକି ପୋଲିସ ମଧ୍ୟ ବୁଝାଇ ବୁଝାଇ ନୟାନ୍ତ ହୋଇଛି । ଶେଷରେ ପ୍ରେମୀ ଯୁଗଳ ଅନ୍ୟତ୍ର ରହିବାକୁ ନିଷ୍ପତ୍ତି ନେଇଥିବାବେଳେ ବିଚରା ସ୍ୱାମୀ ନିରାଶ ହୋଇ ଘରକୁ ଫେରିଛନ୍ତି । ବାଲିଅନ୍ତା ଥାନାରେ ରବିବାର ସନ୍ଧ୍ୟାରେ ଏକ ପ୍ରେମୀ ଯୁଗଳକଙ୍କ ଏଭଳି ହାଇଡ୍ରାମା ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ବାଲିଅନ୍ତା ଅଣ୍ଟିଲୋ ଗ୍ରାମର ପୁଷ୍ପାଞ୍ଜଳି (ଛଦ୍ମନାମ) ବେଣ୍ଟପୁର ଗ୍ରାମର ଜଣେ ଯୁବକଙ୍କୁ ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିଲେ । ସେମାନଙ୍କର ୮ ବର୍ଷ ବୟସର ଏକ ଝିଅ ଅଛି । ତେବେ ପୁଷ୍ପାଞ୍ଜଳି ଅନ୍ୟ ଜଣେ ଯୁବକଙ୍କ ପ୍ରେମରେ ପଡ଼ି ଗତ ୬ ଦିନ ହେଲା ତାଙ୍କ ସହ ଫେରାର୍ ହୋଇଯାଇଥିଲେ । ଏନେଇ ୨୨ ତାରିଖରେ ପୁଷ୍ପାଞ୍ଜଳି ଓ ସମ୍ପୃକ୍ତ ଯୁବକଙ୍କ ପରିବାର ପକ୍ଷରୁ ବାଲିଅନ୍ତା ଥାନାରେ ପୃଥକ୍ ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ଉଭୟ ପ୍ରେମ ପାଇଁ ଘର ଛାଡ଼ି ପଳାଇଥିବା ଜାଣିବାକୁ ପାଇଥିଲା । ରବିବାର ପ୍ରେମୀ ଯୁଗଳ ଥାନାରେ ଆସି ଆତ୍ମସମର୍ପଣ କରିଥିଲେ । ତେଣୁ ପୋଲିସ ଉଭୟଙ୍କ ପରିବାରକୁ ଥାନାକୁ ଡକାଇଥିଲା । ଉଭୟଙ୍କ ପରିବାର, ସରପଞ୍ଚ, ଗାଁର କେତେଜଣ ମୁରବୀ ଶ୍ରେଣୀର ଲୋକ ଥାନରେ ପହଞ୍ଚିଥିଲେ । ଥାନା ଆଗରେ ଏକ କାର୍‌ରେ ପ୍ରେମୀ ଯୁଗଳ ବସିଥାନ୍ତି । ମହିଳା ଓ ଯୁବକଙ୍କ ପରିବାର ଲୋକେ ଉଭୟଙ୍କୁ ବୁଝାଇବାକୁ ଲାଗିଥାନ୍ତି । ସେମାନଙ୍କୁ ଦେଖିବାକୁ ଥାନାକୁ ଅନ୍ୟ କାମରେ ଆସିଥିବା ଲୋକମାନେ ଭିଡ ଜମାଇଥାନ୍ତି । କିନ୍ତୁ ମହିଳାଙ୍କ ଗୋଟିଏ ଜିଦ୍ ପ୍ରେମ ପାଇଁ ପରିବାର ଛାଡ଼ିଛି । ଆଉ ଘରକୁ ଫେରିବି ନାହିଁ । ମୋର ସ୍ୱାମୀ କିମ୍ବା ଝିଅ ଦରକାର ନାହିଁ । ପ୍ରେମିକ ମୋ ପାଇଁ ସବୁକିଛି । ପ୍ରେମିକ ଠାରୁ ଅଲଗା କଲେ ଏଇଠି ଆତ୍ମହତ୍ୟା କରିଦେବି । ଏହା ଶୁଣି ସମସ୍ତଙ୍କ ବୁଦ୍ଧିଶୂନ୍ୟ ହୋଇଗଲା । ସେପଟେ ମା'କୁ ଝୁରି ଝୁରି ମହିଳାଙ୍କ ଝିଅ ଖାଇବା ଛାଡ଼ି ଦେଇଛି । ଏବେ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । କିଛି ସମୟ ପରେ ମହିଳାଙ୍କ ମା' ଓ ଭାଇ ପହଞ୍ଚି ଥାନା ପାର୍ଶ୍ୱ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ସରପଞ୍ଚ, ମୁରବୀ, ମହିଳାଙ୍କ ସ୍ୱାମୀ, ପ୍ରେମୀ ଯୁଗଳ, ଉଭୟଙ୍କ ବାପା, ମା'ଙ୍କୁ ଏକାଠି ବସାଇ ପୁଣି ଥରେ ବୁଝାଇଥିଲେ । ଦୁହେଁ ସମସ୍ତଙ୍କ କଥା ମାନି ଉଭୟ ପରିବାର ପାଖକୁ ଫେରିଯିବେ ବୋଲି ରାଜି ହୋଇଗଲେ । ହେଲେ ଲେଖାପଢ଼ା କରି ନିଷ୍ପତ୍ତି କରିବାକୁ କଥା ଉଠିବାରୁ ଦୁହିଁଙ୍କ ମନ ପୁଣି ବଦଳିଯାଇଥିଲା । ଉଭୟ ପରସ୍ପରକୁ ଛାଡ଼ି ରହିପାରିବେନି ବୋଲି ଥାନା ବାବୁଙ୍କୁ କହିଥିଲେ । ମହିଳା ଓ ଯୁବକଙ୍କୁ ମହିଳାଙ୍କ ଭଲ ହାତ ଉଠାଇବା ସହ ତାଗିଦ୍ କରିଥିଲେ । ତେବେ ପୋଲିସ ବାବୁ ଥାନା ବାହାରକୁ ଆସି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ସେପଟେ ଯୁବକଙ୍କୁ ତାଙ୍କ ବାପା, ମା' ଗ୍ରହଣ କରିବେନି ବୋଲି ରୋକ୍‌ଠୋକ୍ କହିଥିଲେ । ଏହା ସତ୍ତ୍ୱେ ପ୍ରେମୀଯୁଗଳ ଘରଛାଡ଼ି ବାହାରେ ଏକାଠି ରହିବେ ବୋଲି ନିଷ୍ପତ୍ତି ନେଇଥିଲେ । ଶେଷରେ ଏତେସବୁ ଦୃଶ୍ୟ ଦେଖି ଭାଙ୍ଗିପଡ଼ିଥିବା ସ୍ୱାମୀ ଜଣଙ୍କ ନିରାଶ ହୋଇ ଘରକୁ ଫେରିଥିଲେ ।



## ଚଢଉ ପରେ ମଧ୍ୟ କମୁନି ଆଳୁ ଦର:ଖାଉଟୀ ହନ୍ତସନ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ କମୁନି ଆଳୁ ଦର । ପଶ୍ଚିମବଙ୍ଗରୁ ଆଳୁ ଗାଡି ଆସୁଥିଲେ ମଧ୍ୟ ବ୍ୟବସାୟୀମାନେ ଦର କମାଇବାକୁ ରାଜି ନାହାଁନ୍ତି । କିଛିଦିନ ତଳେ ହଠାତ୍ ଆଳୁ ଦର ୪୦ ରୁ ୫୦ ଟଙ୍କା ଉପରକୁ ବଢି ଯାଇଥିଲା । ଆଳୁ ବେପାରୀ ମାନଙ୍କ କହିବା ମୁତାବକ ପଶ୍ଚିମବଙ୍ଗରୁ ଆଳୁ ଗାଡି ନଆସିବାରୁ ଆଳୁ ସଙ୍କଟ ବଢିବା ସହ ଖାଉଟୀମାନେ ଅଧିକ ବଢିବା ଆଶଙ୍କାରେ ଆଳୁ କିଣି ନେବାରୁ ବେପାରୀମାନେ ମନଇଛା ଦର ବଢାଇ ଚାଲିଲେ । ଏବେ ଆଳୁ ଗାଡି ଆସୁଥିଲେ ମଧ୍ୟ ହଠାତ୍ ବଢି ଯାଇଥିବା ଦର ଆଉ କମୁନାହିଁ । ଆଳୁ ବ୍ୟବସାୟୀ ମାନେ ୫୦ କିଲିଆ ବସ୍ତା ଆଳୁ ଦେଢ ହଜାର ଟଙ୍କାରେ କିଣୁଥିବା ବେଳେ ଏହାକୁ ଖୁଚୁରାରେ କେଜି ପ୍ରତି ୩୬ ଟଙ୍କାରୁ ୩୮ ଟଙ୍କା ମଧ୍ୟରେ ବିକ୍ରୟ କରୁଛନ୍ତି । ଏନେଇ ଖାଉଟୀମାନେ ଅସନ୍ତୋଷ ପ୍ରକାଶ କରୁଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଜିଲ୍ଲା ବେସାମରିକ ଯୋଗାଣ ବିଭାଗ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ଯୋଗାଯୋଗ କରିବାରୁ ତାଙ୍କ କହିବା ମୁତାବକ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ ମଧ୍ୟ ପଶ୍ଚିମବଙ୍ଗରୁ ଆଳୁ ଗାଡି ଆସୁନଥିବାରୁ ଦର ଉଚ୍ଚ ରହୁଛି । ଆମେ ଅଣ୍ଟ କେତେକ ଆଳୁ ବ୍ୟବସାୟୀଙ୍କ ଗୋଦାମ୍‌ରେ ଚଢଉ କରି କିଣା ଯାଇଥିବା ଦର ଓ ବିକ୍ରୟ ଦର ସମ୍ବନ୍ଧରେ ଯାଞ୍ଚ କରୁଛୁ । କଳା ବ୍ୟବସାୟୀଙ୍କ ପ୍ରତି ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ବେଳେ ଆଳୁ ଗୋଦାମ ଗୁଡିକରେ ଚଢଉ ଜୋର୍‌ଦାର୍ କରାଯିବ । ତେବେ ଆଳୁ ରେଟ୍ ନ ଖସିବାରୁ ଖାଉଟୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ସମ୍ବଲପୁରୀ ଭାଷା, ସଂସ୍କୃତି ନେଇ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଅବଦାନ ଅତୁଳନୀୟ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**



ସମ୍ବଲପୁରୀ ଦିନର ଅବ୍ୟାହତି ପୂର୍ବରୁ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ପୂର୍ଣ୍ଣଅବୟବର ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଯାଇଛି । ସମ୍ବଲପୁର ଜେଲ୍ ଛକ ନିକଟସ୍ଥ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ କେନ୍ଦ୍ର କୋଇଲା ଓ ଖଣି ବିଭାଗର ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ, ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁପସ୍ଥିତିରେ ତାଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଗୁରୁଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସମେତ ବିଭିନ୍ନ ଜିଲ୍ଲାର ସାମାଜିକ ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ସାମିଲ୍ ହୋଇଥିଲେ । ଏହା ପୂର୍ବରୁ ଅଗ୍ରଣୀ ସାମାଜିକ ସାଂସ୍କୃତିକ ସାଙ୍ଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟାନ୍ୟ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପ୍ରତିମୂର୍ତ୍ତି ସ୍ଥଳକୁ ପାଛୋଟି ଆଣିଥିଲେ । ଏହି ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇଙ୍କ ରଚିତ ସମ୍ବଲପୁରୀ ଅସ୍ମିତାର ବାଟ କଢୁଆଲ ଗୁରୁ ସତ୍ୟ ନାରାୟଣ ବହିଦାର ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କର ସମ୍ବଲପୁରୀ ଭାଷା ସଂସ୍କୃତି ପ୍ରତି ରହିଥିବା ଅବଦାନ ବିଷୟରେ ଏହି ପୁସ୍ତକକୁ ଭାରତୀ (ଦେବନାଗରୀ) ଲିପିରେ ପ୍ରକାଶିତ କରାଯାଇଛି । ପୁସ୍ତକକୁ ସମ୍ବଲପୁରୀ ଦରପନ ତରଫରୁ ଡଲିମା ଭୋଇ ପ୍ରକାଶିତ କରିଛନ୍ତି । ଏହାପରେ ସ୍ଥାନୀୟ ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀ ହଲ୍ ଠାରେ ସମ୍ବଲପୁରୀ ଦିନ ଉପଲକ୍ଷେ ହେଉଥିବା ସମ୍ବଲପୁରୀ ନନୀ କାର୍ଯ୍ୟକ୍ରମକୁ ପଞ୍ଚାୟତିରାଜ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ମୃଦୁଳା ଠାକୁର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ ।

## ରାୟଗଡ ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ୍ ବ୍ୟବସ୍ଥାକୁ ଉଦ୍‌ଘାଟନ କଲେ ଜିଲ୍ଲାପାଳ



**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରେ ଜିଲ୍ଲାପାଳ ରାୟଗଡ ମନୋଜ ସତ୍ୟବାନ ମହାଜନ ସିଟି ସ୍କାନ୍ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି । ଓଡ଼ିଶା ସରକାର ଓ ସ୍ପନ୍ଦନ ଡ଼ାଇଗ୍ନୋଷ୍ଟିକ୍ ପ୍ରାଇଭେଟ୍ ସଂସ୍ଥା ପିପିପି ମାଧ୍ୟମରେ ଏହା କାର୍ଯ୍ୟକାରୀ ହେବ । ରୋଗୀମାନଙ୍କ ନିମନ୍ତେ ଏହି ସ୍ୱାସ୍ଥ୍ୟ ସେବା ବିନା ଶୁଳ୍କ ତଥା ୨୪ ଘଣ୍ଟିଆ ଅନବରତ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ । ଜିଲ୍ଲାରେ ଏହି ସ୍ୱାସ୍ଥ୍ୟ ସୁବିଧା ନଥିବାରୁ, ରୋଗୀମାନେ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ, ବର୍ତ୍ତମାନ ଆମ ଜିଲ୍ଲାରେ ଏହି ସେବା ଉପଲବ୍ଧ ହେଉଥିବାରୁ ଜିଲ୍ଲାବାସୀ ବହୁ ପରିମାଣରେ ଉପକୃତ ହେବେ । ସମସ୍ତ ମସ୍ତିଷ୍କ ଆଘାତ ଓ ଟ୍ରମା କେଶ ଭଳି ଜରୁରୀ ସ୍ୱାସ୍ଥ୍ୟାବସ୍ଥା ଗୁଡିକ ପରୀକ୍ଷା କରାଯାଇ ଦୁଇ ଘଣ୍ଟା ମଧ୍ୟରେ ତାହାର ରିପୋର୍ଟ ପ୍ରଦାନ କରାଯିବ । ବାକି ଅନ୍ୟ ନିୟମିତ ପରୀକ୍ଷା ଗୁଡିକ ଯାହାକି ସକାଳ ୮ଘଣ୍ଟାରୁ ସନ୍ଧ୍ୟା ୬ଘଣ୍ଟା ମଧ୍ୟରେ ପରୀକ୍ଷା କରାଯାଇଛି । ତାହାର ରିପୋର୍ଟ ୬ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ ଏବଂ ସନ୍ଧ୍ୟା ୬ ଘଟିକାରୁ ସକାଳ ୮ ଘଟିକା ମଧ୍ୟରେ ଯେଉଁ କେଶ ପରୀକ୍ଷା କରାଯିବ ତାହା ୧୨ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ । ପରୀକ୍ଷା ରିପୋର୍ଟ ହାର୍ଡ କପି ଦିଆଯିବ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ରାଜେଶ୍ୱର ରାୟ ପଟ୍ଟନାୟକ, ସିଟିସ୍କନ୍ ପରିଚାଳନା ପାଇଁ ନିୟୋଜିତ ବୈଷୟକ ଟିମ୍, ସ୍ପନ୍ଦନ ଡ଼ାଇଗ୍ନୋଷ୍ଟିକ୍ସ ସଂସ୍ଥାର କର୍ମକର୍ତ୍ତା ଆଦି ଉପସ୍ଥିତ ଥିଲେ ।

## ମଧ୍ୟାହ୍ନଭୋଜନ ଡାଲମାରେ କଖାରୁ, ଗାଜର:ଆଳୁ ଓ ସବୁଜ ପନିପରିବାକୁ ଅଣ୍ଟୁନି ଅର୍ଥ

**ଖଣ୍ଡଗିରି, ନ୍ୟୁଜ୍ ବ୍ୟୁରୋ**



ବର୍ତ୍ତମାନ ବଜାରରେ ଆଳୁ ସାଙ୍ଗକୁ ସବୁଜ ପନିପରିବା ଦର ଆକାଶଛୁଆଁ ହୋଇଛି । ଆଳୁ କିଲୋ ପିଛା ୫୦ ଛୁଇଁଥିଲା । ଶନିବାର ଠାରୁ ଖାଉଟି ବଜାରକୁ ଆଳୁ ଆସିବା ସ୍ୱାଭାବିକ ହୋଇଥିଲେ ମଧ୍ୟ ଦର ୪୦ରୁ କମୁନାହିଁ । ପ୍ରାୟ ପରିବାଦର ୬୦ ଟଙ୍କା ରହିଛି । ଏବେ ବିଦ୍ୟାଳୟ ରୋଷେଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ହାତରେ ଥିବାବେଳେ ପରିବା ସହ ଆଳୁ ମହଙ୍ଗା ମାଡ଼ ଯୋଗୁ ଚିନ୍ତା ବଢ଼ିଯାଇଛି । ବିଦ୍ୟାଳୟରେ ରୋଷେଇ କରି ଯେଉଁ ଦୁଇ ପଇସା ଲାଭ ଉଠିବ ତାହା ଏକ ଗୋଷ୍ଠୀର ଉନ୍ନତି କାମରେ ଲାଗିବ ବୋଲି ମହିଳା ଗୋଷ୍ଠୀ ଆଶା ପୋଷଣ କରିଥିଲେ । କିନ୍ତୁ ଏବେ ପରିବା ଦର ଆକାଶଛୁଆଁ ଥିବାରୁ ଲାଭ ଆଶା ମଉଳି ଯାଇଛି ବୋଲି ଜଣେ ରୋଷେଇ କରୁଥିବା ମହିଳା କହିଛନ୍ତି । ପରିବା ଦର କେବେ ସ୍ୱାଭାବିକ ସ୍ତରକୁ ଆସିବ ତାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମହିଳା ଗୋଷ୍ଠୀ । ମହଙ୍ଗା ମାଡ଼ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲା ମଧ୍ୟାହ୍ନ ଭୋଜନରେ ଭାତ ସାଙ୍ଗକୁ ପାଣିଆ ଡାଲମା ଖାଇବାକୁ ବାଧ୍ୟ ହେଉଛନ୍ତି । ଏହି ଡାଲମାକୁ କଖାରୁ, ଗାଜର ସାହା ବୋଲି ଚର୍ଚ୍ଚା ହେଉଛି । ଏହି ଦୁଇଟି ପରିବା ଦର ଅପେକ୍ଷାକୃତ କମ୍‌ଥିବାରୁ ମଧ୍ୟାହ୍ନଭୋଜନ ଡାଲମାରେ ଏହା ତିଷ୍ଠି ରହିଛି । ମିଳୁଥିବା ଅର୍ଥରାଶି ସବୁଜ ପରିବା ପାଇଁ ଅଣ୍ଟୁନଥିବା ଜଣାପଡ଼ିଛି । ରାଜଧାନୀ ଉପକଣ୍ଠ ଖଣ୍ଡଗିରି ଓ ଏହାର ଆଖପାଖ ଅଞ୍ଚଳର କିଛି ବିଦ୍ୟାଳୟରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି । ଉଦାହରଣ ଭାବେ ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ମୁଣ୍ଡମୁହାଣ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନିଆଯାଇପାରେ । ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏଁ ୧୨୬ ଛାତ୍ରଛାତ୍ରୀ ଏବଂ ୬ଷ୍ଠରୁ ୮ମ ଯାଏଁ ୨୦୬ ଛାତ୍ରଛାତ୍ରୀ ମୋଟ୍ ୩୩୨ଜଣ ପଢୁଛନ୍ତି । ଦୈନିକ ପ୍ରାୟ ୨୫୦ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଆନ୍ତି । ସରକାରୀ ଦର ଅନୁସାରେ ପ୍ରଥମରୁ ପଞ୍ଚମ ଯାଏଁ ୫ଟଙ୍କା ୯୦ ପଇସା ଓ ୬ଷ୍ଠରୁ ୮ମ ଯାଏଁ ପିଲାଙ୍କ ପାଇଁ ୮ଟଙ୍କା ୮୨ ପଇସା ରହିଛି । ଏଥିରେ ଜାଳେଣି ଖର୍ଚ୍ଚ ଠାରୁ ଆରମ୍ଭ କରି ଚାଉଳ, ଡାଲି, ତେଲ, ଲୁଣ ଓ ପରିବା ସବୁ ଖର୍ଚ୍ଚ ସାମିଲ୍ ରହିଛି । ସେଥିରେ ପୁଣି ସପ୍ତାହକୁ ଥରେ ଅଣ୍ଡା ତରକାରୀ ଦେବାକୁ ପଡ଼ିବ । ଏବେ ବଜାରରେ ଅଣ୍ଡା ଦର ୬ ଟଙ୍କା ୫୦ ପଇସାରୁ କମ୍ ନାହିଁ । ଆଳୁ କେ.ଜି. ୩୫ ଟଙ୍କା, ପିଆଜ ୪୦, ବାଇଗଣ, ଝୁଡୁଙ୍ଗ, ପୋଟଳ କେ.ଜି. ପିଛା ୬୦ ଟଙ୍କାରୁ ଉର୍ଦ୍ଧ୍ୱ ରହିଛି । ଯେତେ ନିମ୍ନମାନର ଡାଲି ହେଲେବି କି.ଗ୍ରା ପିଛା ୧୫୦ ଟଙ୍କାରୁ କମ୍ ନାହିଁ । ଏହାସହ ତେଲ, ହଳଦୀ, ଫୁଟଣ ଆଦିର ଦାମ୍ ମଧ୍ୟ କମ୍ ନାହିଁ । ଏମିତି ଅବସ୍ଥାରେ ଡାଲମାରେ ଆବଶ୍ୟକ ମୁତାବକ ସବୁଜ ପନିପରିବା ପକାଇବା ସମ୍ଭବ ହେଉନାହିଁ । ଗତ କିଛି ଦିନ ହେବ କଖାରୁ ଓ ଗାଜର ମଧ୍ୟ କିଲୋ ପ୍ରତି ଦର ୪୦ ଟଙ୍କା ଛୁଇଁଛି । ତଥାପି କଷ୍ଟେମଷ୍ଟେ ମୁଣ୍ଡ ପିଛା ଫାଳେ ଆଳୁ ସାଙ୍ଗକୁ କିଛି କଖାରୁ ଓ ଗାଜର ସିଝାଇ ଡାଲମା ପ୍ରସ୍ତୁତ ହେଉଛି । ଏମିତି କଷ୍ଟେମଷ୍ଟେ ସବୁ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଚାଲିଛି । ଏଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚିନ୍ତାରେ ପଡ଼ିଛନ୍ତି । ଅଙ୍ଗନବାଡ଼ି କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା । ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମିଲ୍ ପିଛା ଦର ବଢ଼ାଇବାକୁ ଦାବି କରିଛନ୍ତି । ଏନେଇ ବିଦ୍ୟାଳୟ ଅଭିଭାବକ ସଂଘ ସଭାପତି ରଘୁନାଥ ଭୋଳ କହିଛନ୍ତି, ସରକାର ଗତ ଦୁଇ ବର୍ଷ ପୂର୍ବେ ଛାତ୍ରଛାତ୍ରୀଙ୍କ ମୁଣ୍ଡପିଛା ଦର ନିର୍ଦ୍ଧାରଣ କରିଥିଲେ । ସବୁ ଦରଦାମ୍ ବୃଦ୍ଧି ପାଉଥିବା ବେଳେ ଛାତ୍ରଛାତ୍ରୀଙ୍କ ଖାଦ୍ୟ ପାଇଁ ସହାୟତା ରାଶି ବୃଦ୍ଧି ନପାଇବା ଦୁଃଖଦ ବିଷୟ । ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ମୁଣ୍ଡ ପିଛା ଟଙ୍କାକୁ ବଢ଼ାଇବା ଆବଶ୍ୟକ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁଲାଇ ୨୦୨୪ ମଙ୍ଗଳବାର





# ପାରାଦୀପ ବନ୍ଦରରେ ୧୩ କୋଟିରୁ ଅଧିକ ଟଙ୍କାର ପ୍ରମୁଖ ପ୍ରକଳ୍ପ ସାମିଲ

**ପାରାଦ୍ୱୀପ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସଚିବ ଟି କେ ରାମଚନ୍ଦ୍ରନ ପାରାଦୀପ ବନ୍ଦର କର୍ତୃପକ୍ଷ (ପିପିଏ)କୁ ପ୍ରଥମ ଥର ପାଇଁ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ୧୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ । ପାରାଦୀପ ବନ୍ଦର ହସ୍ପିଟାଲର ନବନିର୍ମିତ ଆନେକ୍ସ ବିଲ୍ଡିଂରେ ଟ୍ରମା ଆଣ୍ଡ ବର୍ଣ୍ଣ କେୟାର (ଟିବିସି) କେନ୍ଦ୍ରକୁ ସେ ଉଦ୍ ଘାଟନ କରିଥିଲେ। ୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ପାରାଦୀପ ଓ ଏହାର ଆଖପାଖ ଅଂଚଳରେ ଟ୍ରମା ଓ ପୋଡ଼ିଯାଇଥିବା ପୀଡ଼ିତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବ। ସଚିବ ରାମଚନ୍ଦ୍ରନ ପିପିଏର ଜଳ ବିଶୋଧନ ପ୍ଲାଂଟର ଶିଳାନ୍ୟାସ କରିଥିଲେ। ୧୦.୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ ତାଳଦଣ୍ଡା କେନାଲ ଜରିଆରେ ଶୁଦ୍ଧ ପାଣି ମିଳିବ ଏବଂ ଦୈନିକ ୧୬ ନିୟୁତ ଲିଟର ପାଣି ଫିଲ୍ଟର କରିବାର କ୍ଷମତା ରହିବ। ପାରାଦୀପ ବନ୍ଦରର ଜଳ ଭିତିଭୂମିରେ ଉନ୍ନତି ଆଣିବା ଏବଂ ପୋର୍ଟ ଟାଉନସିପ୍ ର ନାଗରିକମାନଙ୍କୁ ଗୁଣାତ୍ମକ ପାନୀୟ ଜଳ ଯୋଗାଣ ପାଇଁ ୨୦୨୪ ଡିସେମ୍ବର ସୁଦ୍ଧା ଏହି କାରଖାନା ଶେଷ ହେବ ବୋଲି ଆଶା କରାଯାଉଛି। ଶ୍ରୀରାମଚନ୍ଦ୍ରନ ପିପିଏ କାର୍ଯ୍ୟର ସମୀକ୍ଷା କରିବା ସହ ବିଭାଗୀୟ ମୁଖ୍ୟ ଓ ଉପମୁଖ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ଯାନ୍ତ୍ରିକ କୋଇଲା ପରିଚାଳନା ପ୍ଲାଂଟରେ ବନ୍ଦର ପରିଚାଳନା, ଯୋଜନା ଏବଂ ସମ୍ପ୍ରସାରଣ, ଜେଏସଡବ୍ଲୁ ପିଟିପିଏଲର ଟ୍ୱିନ୍ ୱାଗନ୍ ଟିପ୍ପଲର ଏବଂ କେଆଇସିଟି ସାଇଲୋର ଯାଂଚ ଏବଂ ସମୀକ୍ଷା କରିଥିଲେ। ଉତ୍ପାଦକତା ବୃଦ୍ଧି ପାଇଁ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସେ ପରାମର୍ଶ ଦେଇଥିଲେ। ବନ୍ଦର କାର୍ଯ୍ୟର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ସଚିବ ଅନେକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ସୁପାରିସଗୁଡ଼ିକ ପାରାଦୀପ ବନ୍ଦରର ଦୀର୍ଘମିଆଦୀ ଅଭିବୃଦ୍ଧି ଓ ସଫଳତାରେ ସହାୟକ ହେବା ସହ କାର୍ଯ୍ୟପ୍ରବାହକୁ ସୁବ୍ୟବସ୍ଥିତ କରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଓଡ଼ିଶାର ପାରାଦୀପ ବନ୍ଦର ହେଉଛି ଦେଶର ସର୍ବୋଚ୍ଚ ମାଲ ପରିବହନ କରୁଥିବା ପ୍ରମୁଖ ବନ୍ଦର। ୨୦୨୩-୨୪ ଆର୍ଥିକ ବର୍ଷରେ ପିପିଏ ୧୪୫.୩୮ ନିୟୁତ ମେଟ୍ରିକ୍ ଟନ୍ (ଏମଏମଟି) ମାଲ ପରିବହନ କରି ସର୍ବୋଚ୍ଚ କାର୍ଗୋ ହ୍ୟାଣ୍ଡଲିଂ ବନ୍ଦରରେ ପରିଣତ ହୋଇଛି। ଭିଜନ ୨୦୪୭ ଅଧୀନରେ ବନ୍ଦର ପରିଚାଳନା କ୍ଷମତାକୁ ୧୦,୦୦୦ ଏମଟିପିଏକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଖୁବଶୀଘ୍ର ଏହି ଯୋଜନାର ରୂପରେଖ ଘୋଷଣା କରାଯିବ। ଘରୋଇ ଅଂଶଗ୍ରହଣ ପାଇଁ ରାସ୍ତା ରହିବ ଯାହା ଉପରେ କାମ କରାଯାଉଛି। ୨୦୪୭ ସୁଦ୍ଧା ବୃହତ୍ ବନ୍ଦରରେ ପରିଣତ ହେବା ପାଇଁ ସମସ୍ତ ବନ୍ଦର ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛନ୍ତି। ବନ୍ଦର ଭିତିଭୂମି ଓ ସୁବିଧାରେ ଉନ୍ନତି ଆଣିବା, କାର୍ଯ୍ୟ ସମୟ ହ୍ରାସ କରିବା ଏବଂ ପରିଚାଳନା କ୍ଷମତା ବୃଦ୍ଧି କରିବା ୨୦୪୭ ଲକ୍ଷ୍ୟର ମୂଳଦୁଆ ହେବ।
ସଦ୍ୟତମ ଲକ୍ଷ୍ୟ ବର୍ତ୍ତମାନ ଚାଲିଥିବା ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ ଅଧିକ ଯାହା ବନ୍ଦର କ୍ଷମତାକୁ ୮୦୦ ଏମଏମଟିପିଏ ବୃଦ୍ଧି କରି ୨୦୩୫ ସୁଦ୍ଧା ସମୁଦାୟ ୩୫୦୦ ଏମଏମଟିପିଏକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ୨୦୧୫-୨୦୩୫ ମଧ୍ୟରେ ୫.୫ ଲକ୍ଷ କୋଟି ଟଙ୍କା ବ୍ୟୟରେ ୮୦୦ରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଚିହ୍ନଟ କରାଯାଇଛି। ମେରିଟାଇମ୍ ଇଣ୍ଡିଆ ଭିଜନ (ଏମଆଇଭି) ୨୦୩୦ ରେ ଭାରତରେ ବିଶ୍ୱସ୍ତରୀୟ ବନ୍ଦରର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏମଆଇଭି ୨୦୩୦ ରେ ଭାରତୀୟ ବନ୍ଦରଗୁଡିକରେ କ୍ଷମତା ବୃଦ୍ଧି ଏବଂ ଭିତିଭୂମି ବିକାଶ ପାଇଁ ୧ ଲକ୍ଷ କୋଟିରୁ ୧.୨୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି ଆକଳନ କରାଯାଇଛି।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଭୁବନେଶ୍ୱର-ପଲାସା ରେଳ ସେକ୍ସନ ନୀରିକ୍ଷଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର-ପଲାସା ରେଳ ସେକ୍ସନକୁ ବିସ୍ତୃତ ଭାବେ ନୀରିକ୍ଷଣ କରିଛନ୍ତି। ତାଙ୍କ ସହିତ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରକଳ୍ପ କାର୍ଯ୍ୟର ନିର୍ମାଣକାରୀ ଦଳ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଏଚ୍ ଏସ ବାଜୱାଙ୍କ ନେତୃତ୍ୱରେ ମଣ୍ଡଳ ସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ। ନୀରିକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଅମୃତ ଷ୍ଟେସନ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ସପକ୍ଷରେ ଗୁରୁତ୍ୱାରୋପ କରିଥିଲେ । ଅମୃତ ଷ୍ଟେସନ ପ୍ରକଳ୍ପ ଓ ନୀରିକ୍ଷଣ କରାଯାଇଥିବା ଷ୍ଟେସନ ଗୁଡିକ ହେଉଛି ଭୁବନେଶ୍ୱର, ବାଲୁଗାଁ, ବ୍ରହ୍ମପୁର, ଛତ୍ରପୁର, ଖୋର୍ଦ୍ଧା ରୋଡ୍, ଲିଙ୍ଗରାଜ ଷ୍ଟେସନ ରୋଡ୍, ପଲାସା ଏବଂ ଇଛାପୁରମ୍ ଅନ୍ତର୍ଭୁକ୍ତ। ଏହି ଷ୍ଟେସନଗୁଡିକରେ ଚାଲିଥିବା ନିର୍ମାଣ କାର୍ଯ୍ୟର ବର୍ତମାନର ସ୍ଥିତିକୁ ମଧ୍ୟ ମହାପ୍ରବନ୍ଧକଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା।
ଏହା ସହିତ ଶ୍ରୀ ଫୁଙ୍କୱାଲ ବିଭିନ୍ନ ରେଳ ଷ୍ଟେସନରେ ଟ୍ରାଫିକ୍ ସୁବିଧା ଏବଂ ଯାତ୍ରୀମାନଙ୍କ ସୁବିଧା ସମ୍ବନ୍ଧୀୟ ଭିତିଭୂମି ଏବଂ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ମଧ୍ୟ ନିରୀକ୍ଷଣ କରିଥିଲେ। ଯାତ୍ରୀମାନଙ୍କୁ ଉନ୍ନତ ସେବା ଏବଂ ସୁବିଧା ଯୋଗାଇବାର ଗୁରୁତ୍ୱକୁ ଦର୍ଶାଇ ଏହି ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ସୁନିଶ୍ଚିତ କରିବାକୁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଧାନସଭାରେ...

ସ୍ୱାଧୀକାର କମିଟିକୁ ପଠାଯାଉ ବୋଲି ସେ ଦାବି କରିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ଅନୁରୂପ ଦାବି ଉଠାଇଥିଲେ। ବିଧାନସଭା ଇତିହାସରେ ଏଭଳି ଘଟଣା କେବେ ହୋଇନଥିଲା। ବିଧାନସଭା ଚାଲିଥିବା ବେଳେ ବାହାରେ ମୁଖ୍ୟମନ୍ତ୍ରୀ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନୀତି ଓ ନିଷ୍ପତ୍ତି ଘୋଷଣା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମୁଖ୍ୟମନ୍ତ୍ରୀ ଗୃହର ପରମ୍ପରା ଓ ମର୍ଯ୍ୟାଦାହାନୀ ଘଟାଇଛନ୍ତି ବୋଲି କହିବା ସହ ତୁରନ୍ତ ଗୃହକୁ ଆସି କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ସେହିପରି ବରିଷ୍ଠ ବିଧାୟକ ଗଣେଶ୍ୱର ବେହେରା ବିଧାନସଭା ବାହାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସମ୍ବିଧାନ ଓ ବିଧି ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି ବୋଲି କହିଥିଲେ। ଅନ୍ୟପକ୍ଷରେ ବିଜେପି ବିଧାୟକ ଇରାଶିଷ ଆର୍ଯ୍ୟ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ବିରୋଧରେ ପାଲଟା ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ନେଇ ବିରୋଧି ଦଳ ବିଧାନସଭାରେ ପ୍ରତିବାଦ କରିବ ବୋଲି ଗଣମାଧ୍ୟମକୁ ଆଗରୁ କହିବା ପରେ ଏଠି ହଟ୍ଟଗୋଳ କରୁଛନ୍ତି, ଏହା ଶୋଭନୀୟ ନୁହେଁ। ଏହି ପ୍ରସଙ୍ଗକୁ ନେଇ ଗୃହରେ ବେଶ୍ କିଛି ସମୟ ହଟ୍ଟଗୋଳ ଲାଗି ରହିଥିଲା। ବିରୋଧି କଂଗ୍ରେସ ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ନାରାବାଜି ଚଳାଇବା ବେଳେ ବିଜେଡ଼ି ବିଧାୟକମାନେ ନିଜ ନିଜ ଆସନରେ ଠିଆହୋଇ ସେମାନଙ୍କୁ ସମର୍ଥନ ଦେଇଥିଲେ। ହଟ୍ଟଗୋଳ ଜନିତ ଅଚଳାବସ୍ଥା ଏଡ଼ାଇବା ପାଇଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ବାରମ୍ବାର ସେମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ତାର କୌଣସି ସୁଫଳ ମିଳିନଥିଲା। ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଉପରେ ତର୍ଜମା କରୁଛି, ପରବର୍ତ୍ତୀ ସମୟରେ ଉତ୍ତର ଜଣାଇବି ବୋଲି ବାଚସ୍ପତି ବାରମ୍ବାର କହିବା ସତ୍ତ୍ୱେ ବିରୋଧିଙ୍କ ହଟ୍ଟଗୋଳ କମିନଥିଲା। ଯାହାଫଳରେ ବାଚସ୍ପତି ଗୃହକୁ ପ୍ରଥମେ ୧୨.୧ରୁ ୧୨.୨୧ ଏବଂ ତା'ପରେ ଦ୍ୱିତୀୟ ଥର ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ।। ଦ୍ୱିତୀୟାର୍ଦ୍ଧ ବୈଠକରେ ଗୃହରେ ଅନୁରୂପ ପରିସ୍ଥିତି ଲାଗିରହିଥିଲା। ବିରୋଧୀ କଂଗ୍ରେସ ବିଧାୟକମାନେ ବାଚସ୍ପତିଙ୍କ ନିବେଦନ ସତ୍ତ୍ୱେ ଗୃହ ମଝିରେ ସେମାନଙ୍କ ନାରାବାଜୀ ହଟ୍ଟଗୋଳ ଜାରି ରଖିଥିଲେ। ତେବେ ବିଜେଡ଼ିର ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ବାଚସ୍ପତି ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବିଧି ବ୍ୟବସ୍ଥା ଅନୁସାରେ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ବିରୋଧୀ କଂଗ୍ରେସ ବିଧାୟକଙ୍କୁ ବାଚସ୍ପତି ଗୃହ କାର୍ଯ୍ୟରେ ସହଯୋଗ ଏବଂ ବଜେଟ୍ ଆଲୋଚନାରେ ଭାଗ ନେବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେଥିପ୍ରତି ସେମାନେ କର୍ଣ୍ଣପାତ କରିନଥିଲେ। ଶେଷରେ କଂଗ୍ରେସ ବିଧାୟକମାନେ ବାଚସ୍ପତି ସେମାନଙ୍କ ସ୍ୱାଧୀକାରଭଙ୍ଗ ନୋଟିସ୍‌କୁ ସ୍ୱାଧୀକାର କମିଟିକୁ ପଠାଇବା ଦାବି ପ୍ରତି କର୍ଣ୍ଣପାତ ନ କରିବା ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ। ଏହା ପୂର୍ବରୁ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀ ପତି ବାଚସ୍ପତିଙ୍କ ପୋଡିୟମ ଉପରେ ଚଢ଼ିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା କର୍ମଚାରୀମାନେ ତାଙ୍କୁ ଅଟକାଇ ଥିଲେ।

## ହୀରାକୁଦ ଡ୍ୟାମ...

ଡ୍ରୋନ ଉଡିବାକୁ କିପରି ଚିହ୍ନଟ କରିପାରିଲେ ନାହିଁ ତାହା ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରବିବାର ହୀରାକୁଦ ଜଳଭଣ୍ଡାରର ଗେଟ ଖୋଲାଯିବା ସମୟରେ ଏହି ଡ୍ରୋନ ଉଡିଛି । ଜଣେ ବ୍ଲଗର ଡ୍ରୋନ ଉଡାଇ ଏହି ଭିଡିଓକୁ ନିଜର ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି । ଏପରିକି ଡ୍ୟାମର ସବୁ ପଟୁ ଭିଜୁଆଲ ନିଆଯାଇ ଏହାକୁ ସୋସିଆଲ ମିଡିଆରେ ସେୟାର କରାଯାଇଛି, ଯାହାକୁ ନେଇ ହୀରାକୁଦ ଡ୍ୟାମର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡ୍ୟାମ ଉପର ଭିଜୁଆଲ, ସ୍କିଲ ଓ୍ୱେ-ଭିଜୁଆଲ ଓ ଡ୍ୟାମ ଉପରେ ଥିବା ରାସ୍ତା ଉପରେ ମଧ୍ୟ ଡ୍ରୋନ ଉଡାଯାଇଛି । ମିଷ୍ଟର ଓଡିଆ ବ୍ଲଗର ନାଁରେ ଥିବା ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଭିଡିଓ ଅପଲୋଡ କରାଯାଇଛି। ତେବେ ହୀରାକୁଦ ଡ୍ୟାମ ପରିସର ନିଷିଦ୍ଧାଞ୍ଚଳ ହୋଇ ଥିବା ବେଳେ ସେଠାରେ କିଏ କେମିତି ଡ୍ରୋନ ଉଡାଇଲା ତାହାକୁ ନେଇ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ କହିଛନ୍ତି ଯେ ଏଭଳି ଭିଡିଓ ହେବା କଥା ନୁହେଁ । ସେ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପ୍ରତିକ୍ରିୟା ଦେବେ ବୋଲି କହିଛନ୍ତି। ତେବେ ସେ ଜିଲ୍ଲା ବାହାରେ ଥିବାରୁ ମଙ୍ଗଳବାର ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପ୍ରତିକ୍ରିୟା ଦେବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ରବିବାର ଠାରୁ ଖୋଲିଛି ହୀରାକୁଦ ଜଳଭଣ୍ଡାରର ୨୦ଟି ଗେଟ୍ । ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେତୁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଥିଲା, ଯାହା ପରେ ରବିବାର ଜିଲ୍ଲାପାଳ ପୂଜାର୍ଚ୍ଚନା କରିବା ପରେ ହୀରାକୁଦ ଡ୍ୟାମର ୨୦ଟି ଗେଟ୍‌କୁ ପର୍ଯ୍ୟାୟକ୍ରମେ ଖୋଲା ଯାଇଥିଲା। ସୋମବାର ସକାଳ ୯ଟା ସୁଦ୍ଧା ଜଳସ୍ତର ୬୧୬.୭୯ ଫୁଟ ଥିବାବେଳେ ଜଳଣ୍ଡାରର ଭିତରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୪୬ ହଜାର ୫୯୧ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଛି । ସେପଟେ ୨୦ ଟି ଗେଟ ଦେଇ ୩ ଲକ୍ଷ ୪୬ ହଜାର ୬୯୮ ଘନଫୁଟ ବନ୍ୟାଜଳ ନିଷ୍କାସନ କରାଯାଉଛି।

## ରାଜ୍ୟରେ ୧୦୦୦ ପାର...

ଜଳବାହିତ ରୋଗ ପାଇଁ ସଜାଗ ରହିଛି ସ୍ୱାସ୍ଥ୍ୟ ବିଭାଗ। ବନ୍ୟା ପ୍ରବଣ ଅଞ୍ଚଳରେ ଜଳ ବିଶୋଧନ ପାଇଁ ସଚେତନତା ସୃଷ୍ଟି କରାଯାଉଛି। ବର୍ଷା ଚାଲିଛି, ବନ୍ୟା ପାଣି ଆସିଲାଣି । ଏଣୁ ଲୋକେ ଅଧିକ ସତର୍କ ରହିବା ପାଇଁ କୁହାଯାଉଛି । ସାପ କାମୁଡ଼ା ଭୟ ମଧ୍ୟ ଅଧିକ ରହିଛି। ଡାକ୍ତରଖାନାରେ ଆଣ୍ଟି ଭେନମ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଜିଲ୍ଲାରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ସଜାଗ ରହିଛନ୍ତି । ରାପିଡ ରେସପନ୍ସ ଟିମ ନଜର ରଖିଛନ୍ତି । ପିଏଚସି, ସିଏଚସିରେ ବେଡ ଠାରୁ ଆରମ୍ଭ କରି ସମସ୍ତ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି ।

## ବଜେଟ ଗେମ୍ ...

୮୦ ଲକ୍ଷ ଟଙ୍କା ବାବଦରେ କିଛି କୁହାଯାଇନାହିଁ। ବିଜେପିର ପ୍ରତିଶ୍ରୁତି କେବଳ ରାଜ୍ୟବାସୀଙ୍କୁ ପ୍ରତାରଣା କରିବା ପାଇଁ ଉଦ୍ଦିଷ୍ଟ। ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭ୍ରମିତ କରି ଜିତିବା ପରେ ଓଡ଼ିଶାବାସୀଙ୍କ ପ୍ରତି ସେମାନେ ଅଣଦେଖା କରିଛନ୍ତି ବୋଲି ଉଲ୍ଲେଖକରି ଶ୍ରୀ ପଟ୍ଟନାୟକ ସରକାରଙ୍କ ସମାଲୋଚନା କରିଥିଲେ। ସେହିପରି ମାଗଣା ବିଜୁଳୀ ଯୋଗାଇବା ପ୍ରସଙ୍ଗରେ ମଧ୍ୟ ବିଜେପି ରାଜ୍ୟବାସୀଙ୍କୁ ଠକିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

## ରାଜ୍ୟରେ ପ୍ରବଳ...

କରାଯାଇଛି। ବର୍ଷା ଯୋଗୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ୫ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛନ୍ତି। ବର୍ଷା ସୋମବାର ଦିନ ତମାମ ଲାଗି ରହିବା ଫଳରେ ରାଜଧାନୀ ଭୁବନେଶ୍ୱର ସମେତ ଉପକୂଳ ଜିଲ୍ଲାର ବହୁ ଅଞ୍ଚଳରେ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ଆସନ୍ତା ୩୧ ଓ ୧ ତାରିଖରେ ଓଡ଼ିଶାରେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## ରତ୍ନଭଣ୍ଡାର ଭିତର...

ଜଣାଇଛୁ। ଦରକାର ପଡ଼ିଲେ ଖାଲି ଆଲମିରାଗୁଡ଼ିକର ମରାମତି ହେବ। ଜଷ୍ଟିସ ଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ରତ୍ନଭଣ୍ଡାରର ମରାମତି କରାଯିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

## ୧୦ ବର୍ଷରେ...

୨ ଜଣଙ୍କର ହାଜତ ମୃତ୍ୟୁ ହୋଇଥିବା ବେଳେ ୨୦୧୫ରେ ୮ ଜଣ, ୨୦୧୬ରେ ୪ ଜଣ, ୨୦୧୭ରେ ୩ ଜଣ,୨୦୧୮ରେ ୩ ଜଣ , ୨୦୧୯ରେ ୭ ଜଣ, ୨୦୨୦ରେ ୭ ଜଣ, ୨୦୨୧ରେ ୫ ଜଣ, ୨୦୨୨ରେ ୫ ଜଣ ଏବଂ ୨୦୨୩ ରେ ୪ ଜଣଙ୍କର ହାଜତରେ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି।

## ଚୀନ ସହ ଭାରତର...

ଲାଗି ରହିଛି, ନଚେତ ମୁଁ କହିପାରେ ଯେ ଭାରତ ଓ ଚୀନ ମଧ୍ୟରେ ଏକ ପ୍ରସଙ୍ଗ ରହିଛି । ମୁଁ ଭାବୁଛି ଆମେ ଦୁହେଁ ଏ ବିଷୟରେ କଥା ହେବା ଦରକାର ଏବଂ ଏହାର ସମାଧାନ ବାହାର କରିବା ଦରକାର।

## ଅଗଷ୍ଟ ୩ ସୁଦ୍ଧା...

ପ୍ରତିଦିନ ଲୋକ ଅଦାଲତ ଅନୁଷ୍ଠିତ ହେବ। ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ଼ ଏ ନେଇ ନିଜର ଅନୁଭୂତି ବାଣ୍ଟିଛନ୍ତି। ସୋମବାର ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଏ ନେଇ ସୂଚନା ଦେଇ କହିଛନ୍ତି, ଚଳିତ ସପ୍ତାହରେ ସୁପ୍ରିମ କୋର୍ଟରେ ୭ଟି ଖଣ୍ଡପୀଠ ଲୋକ ଅଦାଲତ ଆୟୋଜନ କରୁଛନ୍ତି । ଆମର ଆଜିର ଅଭିଜ୍ଞତା ହେଉଛି ଏହା ଏକ ଚମତ୍କାର ସଫଳତା ଥିଲା। ଲୋକ ଅଦାଲତକୁ ବାର, ସୁପ୍ରିମକୋର୍ଟ ବିଚାରପତିଙ୍କ ସମର୍ଥନ ରହିଛି ଏବଂ ହାଇକୋର୍ଟ, ରାଜ୍ୟ ସରକାର ଏବଂ ବୀମା କମ୍ପାନୀମାନେ ବ୍ୟାପକ ଭିତିଭୂମି କାର୍ଯ୍ୟ କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଛୋଟ ଛୋଟ ମାମଲାର ସମାଧାନ କରିବା। ସୁପ୍ରିମକୋର୍ଟରେ କେତେ ଛୋଟ ଛୋଟ ମାମଲା ଆସେ ତାହା ଲୋକେ ବୁଝିପାରୁନାହାନ୍ତି, ତେଣୁ ଆମେ ସେବା ବିବାଦ, ଶ୍ରମ ବିବାଦ, ଜମି ଅଧିଗ୍ରହଣ ମାମଲା, ମୋଟର ଦୁର୍ଘଟଣା ଦାବି ମାମଲା, ଚେକ ଅସମ୍ମାନ ମାମଲା ଭଳି ମାମଲା ଉଠାଇଛୁ।

# ଶ୍ରୀମନ୍ଦିରରେ ଧୁକୁଡ଼ି ଦ୍ୱାର ନିକଟରେ ପଡିଲା ରକ୍ତ : ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ ନୀତି



**ପୁରୀ, ନ୍ୟୁଜ ବ୍ୟୁରୋ**
ଶ୍ରୀ ମନ୍ଦିରରେ ଅଭାବନୀୟ ଘଟଣା । ଧୁକୁଡ଼ି ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ଦୃଷ୍ଟି ଗୋଚର ହେବାରୁ ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ ନୀତି । ମହାପ୍ରଭୁଙ୍କ ଅବକାଶ ପୂଜା ନୀତି ଶେଷ ହେବା ପରେ ଧୁକୁଡ଼ି ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ଦୃଷ୍ଟି ଗୋଚର ହେବାରୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ହୋଇଛି । ଫଳରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇବାରେ ବେଶ୍ ବିଳମ୍ବ ହୋଇଛି। ମହାପ୍ରଭୁଙ୍କ ଅବକାଶ ପୂଜା ନୀତି ସକାଳ ୭ ଟା ୨୫ରେ ଶେଷ ହୋଇଥିଲା । ପରେ ସେବାୟତମାନେ ଶ୍ରୀମନ୍ଦିରର ଧୁକୁଡି ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ଦେଖିଥିଲେ । ତେବେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ ମହାସ୍ନାନ ନୀତି ହୋଇଛି । ତେବେ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଜୟ ବିଜୟ ଦ୍ୱାର ସମ୍ମୁଖରୁ ଭିତର କାଠ, ଭକ୍ତ ପ୍ରତ୍ୟାବର୍ତ୍ତନ କରୁଥିବା ବେହରଣ ଦ୍ୱାର ଯାଏ କେହି ଭକ୍ତ , ସେବାୟତ ଅବା ଯେକିହି ବ୍ୟକ୍ତିଙ୍କର କିଛି ଦୁର୍ଘଟଣା ବସତ ଶରୀରରୁ ରକ୍ତ ପଡିଲେ, ବାନ୍ତି କରିଦେଲେ ଏବଂ ଛୋଟ ଛୁଆ, ବୃଦ୍ଧ ଲୋକ ପରିସ୍ରା, ମଳତ୍ୟାଗ କରିଦେଲେ ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କ ଚାଲିଥିବା ନୀତି ବନ୍ଦ କରାଯାଏ । ପରେ ଉକ୍ତ ସ୍ଥାନକୁ ଚୂନ ପାଣି ପକାଯାଇ ଶୋଧ କରାଯାଏ । ପରେ ପୂଜାପଣ୍ଡା ସେବକମାନେ ମହାପ୍ରଭୁଙ୍କ ବଡ ମହାସ୍ନାନ ନିତି କରନ୍ତି। ଏହି ସମୟରେ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଏ । ବଡ ମହାସ୍ନାନ ନୀତି ଶେଷ ପରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହେବା ସହ ଅନ୍ୟାନ୍ୟ ନିତୀ ଅନୁଷ୍ଠିତ ହେଇଥାଏ। ତେବେ ଶ୍ରୀ ମନ୍ଦିରରେ ଦର୍ଶନ ପାଇଁ ଆସୁଥିବା ଭକ୍ତ ଅନେକ ସମୟରେ ପ୍ରବଳ ଗହଳି ଯୋଗୁ ତଳେ ପଡି ଆହତ ହେବାରୁ ରକ୍ତ ଛିଟା ପଡ଼ିଥାଏ। ସେହିପରି ଅନେକ ଭକ୍ତ ଭିଡରେ ବାନ୍ତି କରିଦେଇ ଥାଆନ୍ତି। ଏଣୁ ଅନେକ ସମୟରେ ମହାପ୍ରଭୁଙ୍କ ବଡ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ।

# ଗୁଜରାଟ କ୍ୟାଡ଼ର୍ ଆଇଏ ଏସ ଅବସର ପ୍ରାପ୍ତ ଅଧିକାରୀ ଡାକ୍ତର ଏସ. କେ. ନନ୍ଦଙ୍କ ସ୍ୱର୍ଗାରୋହଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗୁଜରାଟ କାଡ଼ର୍ ଆଇଏ ଏସ ଅବସର ପ୍ରାପ୍ତ ଅଧିକାରୀ ଡାକ୍ତର ଏସ. କେ. ନନ୍ଦଙ୍କ ସ୍ୱର୍ଗାରୋହଣ ଗତ ଶୁକ୍ରବାର ଆମେରିକାରେ ତାଙ୍କ ଝିଅଙ୍କ ଘରେ ହୋଇଛି। ସେ କାର୍ଡିଆକ ଆଟାକରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ଓଡ଼ିଆ ଉଚ୍ଚ ପଦବୀଧାରି ଗୁଜରାଟର ବିଭିନ୍ନ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ସରକାର ଓ ଲୋକମାନଙ୍କର ପ୍ରିୟ ପାତ୍ର ହୋଇ ପାରିଥିଲେ। ସେ ଜଣେ ସିଦ୍ଧାନ୍ତ ବାଦି ଲୋକ ଭାବରେ ସମାଜରେ ପରିଗଣିତ। ସରକାର ଦେଇଥିବା ଦାୟିତ୍ୱକୁ ସଫଳତା ପୂର୍ବକ ସେ ଲିଭାଇଥିଲେ। ଗୁଜରାଟକୁ କର୍ମ ଭୂମି ଭାବେ ଆଦରି ଥିଲେ ବି ଜନ୍ମ ମାଟି ସହିତ ତାଙ୍କର ନିବିଡ଼ ସମ୍ପର୍କ ସୂତ୍ର ଥିଲା। ଶ୍ରୀ ଜଗନ୍ନାଥ ଓ ତାଙ୍କର ଚଳନିଙ୍କୁ ଗୁଜରାଟ ମାଟିରେ ପ୍ରଚାର କରି ବେଶ ସୁନାମ ଅର୍ଜନ କରିଥିଲେ। ଗୁଜରାଟ ବିଭିନ୍ନ ସହରରେ ଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ତାଙ୍କର ଅବଦାନ ଅବର୍ଣ୍ଣନୀୟ। ଅଡାଲଜ୍ ଅହମ୍ମଦାବାଦରେ ଥିବା ସୁନ୍ଦର ବିଶାଳ ମନ୍ଦିରର ପ୍ରତିଷ୍ଠା ଓ ପରିଚାଳନା ମୁଖ୍ୟ ଭାବରେ ସେ କାର୍ଯ୍ୟ ଭାର ତୁଲାଇ ଆସୁଥିଲେ। ତାଙ୍କର ସାଥିରେ ରହି ସୁନ୍ଦର ଭାବେ ପରିଚାଳନା କରିବା ପାଇଁ ସାହାଯ୍ୟ କରୁଥିଲେ ବହୁତ ସୁନ୍ଦର ବ୍ୟକ୍ତିତ୍ୱ। ସେ ଜଣେ ସୁନ୍ଦର କାର୍ଯ୍ୟବାହି ପଦବୀ ଧାରି ସହ ଏକ ସମାଜ ସେବକ ମଧ୍ୟ ଥିଲେ। ତାଙ୍କର ଏ ବିୟୋଗରେ ଗୁଜରାଟର ଅହମ୍ମଦାବାଦ, ବରୋଦା, ଭରୁଚ, ଅଙ୍କଲେଶ୍ୱର, ଗାନ୍ଧୀନଗର, ଗାନ୍ଧୀଧାମ ଆଦି ସମସ୍ତ ସହରରେ ଶୋକର ଲହରୀ ଖେଳିଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ପବିତ୍ର ଆତ୍ମାକୁ ସଦଗତି ଦିଅନ୍ତୁ ବୋଲି ଗୁଜରାଟର ପ୍ରବାସୀ ଓଡ଼ିଆ ଓ ଗୁଜରାଟ ଲୋକମାନଙ୍କର ବିନମ୍ର ପ୍ରାର୍ଥନା। ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ମଧ୍ୟ ସାହାସ ପ୍ରଧାନ କରନ୍ତୁ ବୋଲି ପ୍ରାର୍ଥନା। ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ ବରୋଦା ଦ୍ୱାରା ଗୋଲଡେନ ଡ୍ରିମ୍ ପ୍ରୋଜେକ୍ଟର ଜଣେ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ ବୋଲି ଆମ ଅନୁରୋଧକୁ ସମ୍ମାନ ଦେଇ ପ୍ରତିଶ୍ରୁତି ଦେଇଥିଲେ। ଉତ୍କଳିକା ବରୋଦା ପାଇଁ ମଧ୍ୟ ଏହା ଏକ ଅପୂରଣୀୟ କ୍ଷତି।

# ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇ ମଧ୍ୟ ଆଦିବାସୀଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରୁନାହାନ୍ତି : ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ସ୍ୱାର୍ଥର ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ନିକଟରେ ଶେଷ ହୋଇଥିବା ନୀତି ଆୟୋଗ ବୈଠକରେ ପୋଲାଭରମ ପ୍ରସଙ୍ଗ ନ ଉଠାଇବା ସମସ୍ତ ଓଡ଼ିଆଙ୍କୁ ବ୍ୟଥିତ କରିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ଶଙ୍ଖଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ମୁଖପାତ୍ର ପ୍ରଦୀପ ମାଝୀ। ଶ୍ରୀ ମାଝୀ କହିଛନ୍ତି ଯେ, ପୋଲାଭରମ ପ୍ରକଳ୍ପକୁ ଦୀର୍ଘ ବର୍ଷ ହେଲା ଓଡ଼ିଶା ବିରୋଧ କରି ଆସୁଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଛତିଶଗଡ ସମେତ ମାଲକାନଗିରି ଜିଲ୍ଲାର ବହୁ ଅଞ୍ଚଳ ଜଳମଗ୍ନ ହେବା ସହ ଜୀବନଜୀବିକା ପ୍ରଭାବିତ ହେବ। କିନ୍ତୁ ବିଡମ୍ବନାର ବିଷୟ ବିଜେପି ଦଳ ବା ରାଜ୍ୟ ସରକାର ଏହି ବାବଦରେ ସମ୍ପୂର୍ଣ୍ଣ ଚୁପ୍ ରହିଛନ୍ତି । ସୁପ୍ରିମକୋର୍ଟରେ ପୋଲାଭରମ ମାମଲା ବିଚାରାଧୀନ ଥିବା ସମୟରେ ଚଳିତ ବଜେଟରେ ଏକତରଫା ଭାବେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ରର ବିଜେପି ସରକାର ଅର୍ଥ ମଞ୍ଜୁର କରିବା ଦୁର୍ଭାଗ୍ୟଜନକ। ତତ୍‌ସହିତ ନିକଟରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲ ୨୦୨୬ ମାର୍ଚ୍ଚ ସୁଦ୍ଧା ପୋଲାଭରମ ପ୍ରକଳ୍ପର କାର୍ଯ୍ୟ ସଂପୂର୍ଣ୍ଣ କରାଯିବ ବୋଲି କହିଛନ୍ତି। ଏହି ପ୍ରକଳ୍ପ ହେବା ଦ୍ୱାରା ଆଦିବାସୀଙ୍କ ସ୍ୱାର୍ଥହାନୀ ହେଉଥିଲା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜଣେ ଆଦିବାସୀ ହୋଇ ମଧ୍ୟ ଚୁପ୍ ରହିବା ଦୁର୍ଭାଗ୍ୟଜନକ । ତୁରନ୍ତ ଏ ପ୍ରସଙ୍ଗରେ ହସ୍ତକ୍ଷେପ କରି ମୁଖ୍ୟମନ୍ତ୍ରୀ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଜେଡ଼ି ମୁଖପାତ୍ର ଶ୍ରୀ ମାଝୀ କହିଛନ୍ତି।

# ବ୍ୟାପୁଛି ଝାଡ଼ାବାନ୍ତି, ଦୁଇ ଦିନରେ ୧୩ ଆକ୍ରାନ୍ତ

**କୋରାପୁଟ, ନ୍ୟୁଜ ବ୍ୟୁରୋ**
ଜିଲ୍ଲା ଲମତାପୁଟ ବ୍ଲକ ଉମ୍ବେଲ୍ ପଞ୍ଚାୟତର ମେଡ଼ିପୁଟ ଗାଁରେ ଝାଡ଼ାବାନ୍ତି ଆତଙ୍କ। ଦୁଇ ଦିନରେ ଗାଁରୁ ୬ ଜଣଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ ଜଣଙ୍କୁ ବନମାଳିପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତିନିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।
ମେଡ଼ିପୁଟ ଗାଁରେ ଦୁଇଦିନ ହେଲା ୮ ରୁ ୧୦ଟି ପରିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ହନ୍ତସନ୍ତ ହେଉଛନ୍ତି। ହେଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ କୌଣସି ତତ୍ପରତା ପ୍ରକାଶ ପାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ଲଗାଣ ବର୍ଷା ସାଙ୍ଗକୁ ଦୂଷିତ ପାଣି ପିଇ ଲୋକେ ଝାଡ଼ାବାନ୍ତିର ଶିକାର ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ।

# ଶ୍ରାବଣରେ କାଉଡ଼ିଆଙ୍କ ପାଦ ସେବା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଭଦ୍ରକ, ୨୯/୭ ନ୍ୟୁଜ ବ୍ୟୁରୋ**
ଶ୍ରାବଣ ମାସ ଦ୍ୱିତୀୟ ସୋମବାରର ସକାଳୁ ରାଜ୍ୟର ସମସ୍ତ ଶୈବପୀଠ ଗୁଡିକରେ ଜମିଛି ଭକ୍ତଙ୍କ ଗହଳି । ଏପରି ପବିତ୍ର ଦିନରେ କାଉଡ଼ିଆ ଭକ୍ତଙ୍କ ପାଦ ସେବା କରିଛନ୍ତି ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଭଦ୍ରକ ଜିଲ୍ଲା ଅଧୀନରେ ଥିବା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କୋଠାର ଛକ ନିକଟରେ କାଉଡିଆ ଭକ୍ତଙ୍କ ସେବାରେ ନିଜକୁ ସାମିଲ କରିଛନ୍ତି । ଗତବର୍ଷ ମଧ୍ୟ ସେ ଭଦ୍ରକ ଆଖଣ୍ଡଳମଣି ରାସ୍ତା କୋଠାର ଛକରେ କାଉଡ଼ିଆ ଭକ୍ତଙ୍କ ସେବା କରିଥିଲେ। ତେବେ ଚଳିତ ବର୍ଷ ମଧ୍ୟ ସେ ସମାନ ଢଙ୍ଗରେ କାଉଡିଆ ଭକ୍ତଙ୍କ ସେବା କରିଥିବା ଦେଖିବାକୁ ମିଳିଛି । ମନ୍ତ୍ରୀ ସୂରଜ କାଉଡ଼ିଆଙ୍କ ପାଦ ଧୋଇଥିଲେ। ଏଥିସହ ସେମାନଙ୍କ ପାଇଁ ପଣା ଏବଂ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି ମନ୍ତ୍ରୀ । ଏଭଳି କାର୍ଯ୍ୟ କରି ସେ ବେଶ୍ ଖୁସି ଥିବା କହିଛନ୍ତି । ତେବେ ମନ୍ତ୍ରୀ ହେବା ପରେ ଗଣମାଧ୍ୟମର ଚର୍ଚ୍ଚାରେ ଥିବା ସୂରଜ ପୁଣି ଥରେ ଏହି ମହାନ କାର୍ଯ୍ୟ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଶଂସା ସାଉଁଟିଛନ୍ତି ।

# ରୁଷ-ୟୁକ୍ରେନ ଯୁଦ୍ଧରେ ଭାରତୀୟ ଯୁବକଙ୍କ ମୃତ୍ୟୁ

**ୱାଶିଂଟନ୍,**
ରୁଷ-ୟୁକ୍ରେନ ଯୁଦ୍ଧରେ ଜଣେ ଭାରତୀୟ ଯୁବକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଯୁବକ ହେଉଛନ୍ତି ହରିଆଣାର ୨୨ ବର୍ଷୀୟ ରବି ମୋଉନ। ସେ ରୁଷ ସେନାରେ ନିୟୋଜିତ ଥିଲେ। ୟୁକ୍ରେନ ସେନା ବିରୁଦ୍ଧରେ ଲଢେଇ କରିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି। ମସ୍କୋର ଥିବା ଭାରତୀୟ ଦୂତାବାସ ପକ୍ଷରୁ ରବିଙ୍କର ମୃତ୍ୟୁ ଘଟିଥିବା ସ୍ପଷ୍ଟ କରାଯାଇଛି ବୋଲି ରବିଙ୍କ ଭାଇ ଅଜୟ ମଉନ କହିଛନ୍ତି। ରବିଙ୍କ ଭାଇ କହିଛନ୍ତି ଯେ, ପରିବହନ କାର୍ଯ୍ୟରେ ନିଯୁକ୍ତି ପାଇଁ ରବି ଜାନୁଆରୀ ୧୩ରେ ରୁଷିଆ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ସୈନ୍ୟବାହିନୀରେ ଭର୍ତ୍ତି କରାଯାଇଥିଲା। ରବି କେଉଁଠାରେ ଅଛନ୍ତି ଜାଣିବା ପାଇଁ ମସ୍କୋରେ ଥିବା ଭାରତୀୟ ଦୂତାବାସକୁ ଜୁଲାଇ ୨୧ରେ ଚିଠି ଲେଖିଥିଲୁ। ପରବର୍ତ୍ତୀ ସମୟରେ ଦୂତାବାସ ପକ୍ଷରୁ ଆମକୁ କୁହାଯାଇଥିଲା ଯେ, ଯୁଦ୍ଧରେ ରବିଙ୍କର ମୃତ୍ୟୁ ହୋଇ ଯାଇଛି। ସେ ଏଠାରେ ରୁଷ ସେନାରେ ନିୟୋଜିତ ଥିଲେ। ୟୁକ୍ରେନ ସୈନ୍ୟଙ୍କ ସହ ଯୁଦ୍ଧ କରିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି।



ମୃତଦେହ ଚିହ୍ନଟ ପାଇଁ ଦୂତାବାସ ଡିଏନ୍ଏ ପରୀକ୍ଷା ରିପୋର୍ଟ ପଠାଇବାକୁ କହିଛି ବୋଲି ରବିଙ୍କ ଭାଇ କହିଛନ୍ତି।

# ରାଜ୍ୟରେ ଆଳୁ ଦର ବୃଦ୍ଧି ସତ୍ତ୍ୱେ ଏହାର ସ୍ଥାୟି ସମାଧାନ ହେଉନି

**କୋରାପୁଟ, ନ୍ୟୁଜ**
ପ୍ରତି ବର୍ଷ ଆଳୁ ଦରରେ ବୃଦ୍ଧି ଘଟୁଛି। କିନ୍ତୁ ଏହାର ସ୍ଥାୟି ସମାଧାନ ହୋଇ ପାରୁ ନାହିଁ। ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ କ୍ଷେତ୍ରରେ ବାରମ୍ବାର ପ୍ରତିବନ୍ଧକ ଦେଖା ଦେଉଥିବା ଦୃଷ୍ଟିରୁ ରାଜ୍ୟକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନେଇ ୨୦୧୪ ମସିହାରେ ଗତ ସରକାର ଆଳୁ ମିଶନ ଯୋଜନା ଆରମ୍ଭ କରିଥିଲେ। ଲକ୍ଷ୍ୟଥିଲା ୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ କରିବା ପାଇଁ। ଯାହାକି ଗତ ସରକାର ସମୟରେ ସମ୍ଭବ ହୋଇ ପାରିଲା ନାହିଁ। ବର୍ତ୍ତମାନ ମଧ୍ୟ ଆଳୁ ସଙ୍କଟ ଦେଖା ଦେଇଛି। ରାଜ୍ୟରେ ଏବେ ନୂଆ ସରକାର। ପ୍ରତିବର୍ଷ ଦେଖା ଦେଇଥିବା ଆଳୁ ସଙ୍କଟରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନର ସରକାର ମିଶନ ଆଳୁ ଆରମ୍ଭ କରିବା ଦିଗରେ ରାଜ୍ୟ ସରକାର ବିଚାର ବିମର୍ଶ କରି ପଦକ୍ଷେପ ନେଲେ ଆଳୁ ସଙ୍କଟକୁ ଦୂର କରାଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। କୋରାପୁଟ ଜିଲ୍ଲାର ଜଳବାୟୁ ଆଳୁ ଚାଷ ପାଇଁ ଅନୁକୂଳ। ବିଶେଷ କରି ସେମିଳିଗୁଡା, ନନ୍ଦପୁର, ପଟାଙ୍ଗି ବ୍ଲକ ଅଞ୍ଚଳରେ ସବୁଠାରୁ ଅଧିକ ଆଳୁ ଚାଷ କରାଯାଇଥାଏ। ଏହା ବ୍ୟତୀତ କୋରାପୁଟ, ଲକ୍ଷ୍ମୀପୁର, ଦଶମନ୍ତପୁର, ଲମତାପୁଟ ଆଦି ବ୍ଲକ ଅଞ୍ଚଳରେ ବି ଆଳୁ ଚାଷ କରାଯାଇ ଥାଏ। ବାହାର ରାଜ୍ୟ ର ଲାଭଖୋର୍ ବେପାରୀମାନେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଷ ଜମି ଲିଜ୍ ସୂତ୍ରରେ ନେଇ ସେଠାରେ ଆଳୁ ଚାଷ କରି ଉତ୍ପାଦିତ ଆଳୁକୁ ବାହାର ରାଜ୍ୟକୁ ନେଇ ଯାଉଛନ୍ତି। ଜିଲ୍ଲାର ଚାଷୀମାନଙ୍କୁ ଆଳୁ ଚାଷ ପାଇଁ ନା ଉତ୍ସାହିତ କରାଯାଉଛି ନା ଆଳୁ ଚାଷ ପାଇଁ ଉନ୍ନତ ବିହନ ସୁଲଭ ମୂଲ୍ୟରେ ପ୍ରଦାନ କାରାଯାଉଛି। ଏପରିକି ଆଳୁ ଚାଷ ପାଇଁ ଚାଷୀମାନେ ସରକାରୀ ସ୍ତରରେ କୌଣସି ସୁବିଧା ସୁଯୋଗ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାରେ ଶୀତଳ ଭଣ୍ଡାରର ଅଭାବ ରହିଛି। କୁନ୍ଦୁଲି ଏବଂ ସେମିଳିଗୁଡା ଠାରେ ଥିବା ମିନି ଶୀତଳ ଭଣ୍ଡାର ଆଉ କାର୍ଯ୍ୟକ୍ଷମ ହେଉ ନାହିଁ। ଏପରିକି ସୁନାବେଡା ଠାରେ ଥିବା ଏକ ଶୀତଳ ଭଣ୍ଡାର ଦୀର୍ଘ ବର୍ଷ ହେବ ଅଚଳ ହୋଇ ପଡିରହିଛି। ଫଳରେ ଚାଷୀ ଉତ୍ପାଦିତ ଆଳୁ ସଂରକ୍ଷଣ କରି ନପାରି ବାହାର ରାଜ୍ୟର ବ୍ୟବସାୟୀମାନଙ୍କୁ କମ୍ ଦରରେ ବିକ୍ରୀ କରିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର କୋରାପୁଟ ଜିଲ୍ଲାରେ ମିଶନ ଆଳୁ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉ। ଚାଷୀମାନଙ୍କ କ୍ଷେତ୍ରରେ ଆଳୁ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରାଇ ପାରିଲେ ଚାଷୀ ଉପକୃତ ହେବା ସହିତ ଆଳୁ ସମସ୍ୟା ଅନେକାଂଶରେ ଦୂର ହୋଇ ପାରିବ। ।

ଉତ୍କଳ ଦୀପିକା

ଭୁବନେଶ୍ୱର
୩୦ ଜୁଲାଇ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରାବଣର ଦ୍ୱିତୀୟ ପାଳି : ମହାଦେବଙ୍କୁ ଜଳଲାଗି କଲେ ଲକ୍ଷ ଲକ୍ଷ କାଉଡିଆ

**ଭୁବନେଶ୍ୱର-ପୁରୀ-ରାଉରକେଲା, ୨୯/୭ ନ୍ୟୁଜ ବ୍ୟୁରୋ**

ଶ୍ରାବଣର ଦ୍ୱିତୀୟ ସୋମବାର ଚଳଚଞ୍ଚଳ ହୋଇଉଠିଛି ବିଭିନ୍ନ ଶୈବ ପୀଠ। ରାଜ୍ୟର ବିଭିନ୍ନ ସ୍ଥାନରେ କାଉଡିଆମାନେ ଜଳଲାଗି କରିଥିବା ବେଳେ ପ୍ରବଳ ଭିଡ଼ ଜମିଥିଲା। ଭୁବନେଶ୍ୱର, ରାଉରକେଲା ଏବଂ ପୁରୀର ବିଭିନ୍ନ ଶୈବ ପୀଠରେ କାଉଡିଆ ଏବଂ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିବା ବେଳେ ଧାଡ଼ିରେ ଯାଇ ବାବଙ୍କୁ ଦର୍ଶନ ସହ ଜଳଲାଗି କରିଛନ୍ତି । ବୋଲ ବମ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଛି ଲିଙ୍ଗରାଜଙ୍କ ମନ୍ଦିର ପରିସର । ମନରେ ଶ୍ରଦ୍ଧା ଓ ଭକ୍ତି ସହ ମାନସିକ କରି ରାଜ୍ୟର କୋଣ ଅନୁକୋଣରୁ କାଉଡିଆମାନେ କାନ୍ଧରେ ବାହୁଙ୍ଗି ନେଇ ବିଶ୍ୱାସର ସହ ଚାଲିଚାଲି ଆସି ଲିଙ୍ଗରାଜଙ୍କ ପାଖରେ ଧାଡିରେ ଯାଇ ଜଳଲାଗି କରିଛନ୍ତି । ଶ୍ରାବଣୀ ନୀତି ନିର୍ଘଣ୍ଟ ଅନୁଯାୟୀ ସୋମବାର ଭୋର ୩ଟାରୁ ମନ୍ଦିର ଖୋଲାଯାଇଥିଲା । ଭୋର



ସାଢ଼େ ୩ଟାରେ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯିବା ପରେ ୪ଟାରେ ସାହାଣମେଳା ଦର୍ଶନ ପରେ ଧାଡ଼ିକରି କାଉଡ଼ିଆମାନେ ମନ୍ଦିରକୁ ପ୍ରବେଶ କରିଥିଲେ । କାଉଡିଆଙ୍କ ପାଇଁ ଲିଙ୍ଗରାଜ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥାକୁ ବେଶ କଡାକଡି କରାଯାଇଥିଲା। ତେବେ ପ୍ରଭୁଙ୍କର ଦର୍ଶନ କରି ପରମାନନ୍ଦ ଲାଭ ସହ କୃପା ଭିକ୍ଷା କରି ମାନସିକ ପୁରଣ ପାଇଁ ଜଳଲାଗି କରିଥିଲେ କାଉଡିଆ । ସେହିପରି ଅନ୍ୟତମ ବାବା ବାଲିକପିଳେଶ୍ୱର । ପୁରୀ ଜିଲ୍ଲାର ଦ୍ୱିତୀୟ ପ୍ରମୁଖ ଶୈବ ପୀଠରେ ଲାଗିଥିଲା କାଉଡିଆଙ୍କ ଗହଳି । ରାତ୍ର ପ୍ରାୟ ୧୨ଟା ୩୦ରୁ କାଉଡିଆମାନେ ଲମ୍ବା ଧାଡିରେ ଆସି ଶାନ୍ତିଶୃଙ୍ଖଳା ସହ ମହାପ୍ରଭୁଙ୍କୁ କରିଥିଲେ ଦର୍ଶନ। ହରିବୋଲ ହୁଳହୁଳିରେ କମ୍ପୁଛି ବାବା ବାଲିକପିଳେଶ୍ୱର ପୀଠ । ମହାଦେବଙ୍କୁ ଜଳଲାଗି କରି ଆଶୀର୍ବାଦ ମାଗିଛନ୍ତି କାଉଡିଆ। ଶୃଙ୍ଖଳିତ ଜଳାଭିଷେକ ପାଇଁ ପୋଲିସ ପକ୍ଷରୁ ୨ ପ୍ଲାଟୁନ ପୋଲିସ ଫୋର୍ସ, ୨ ଜଣ ଆଇଆଇସି, ୨ଜଣ ଏସ୍‌ଡିପିଓଙ୍କ ସହ ୧୦ଜଣ ଅଫିସର ମୁତୟନ ହୋଇଥିଲେ। ଦିନ ୧ଟା ପରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି କରାଯାଇଥିବା ବଡପଣ୍ଡା କହଛନ୍ତି। ସେହିପରି ରାଉରକେଲାର ପ୍ରସିଦ୍ଧ ଶୈବ ପୀଠ ବେଦବ୍ୟାସ ଶିବ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗିରହିଥିଲା। ଶୈବକ୍ଷେତ୍ରରେ ଜଳାଭିଷେକ ଭଳି ପବିତ୍ର କାର୍ଯ୍ୟରେ ସାମିଲ ହେବା ପାଇଁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ରାଉରକେଲା ସହରରେ ଦେଖିବାକୁ ମିଳିଥିଲା।

# ନୀତୀଶ ସରକାରଙ୍କୁ ସୁପ୍ରିମ କୋର୍ଟଙ୍କ ଝଟ୍‌କା: ସଂରକ୍ଷଣ ନିର୍ଦ୍ଦେଶ ଉପରେ ଲାଗିବନି ରୋକ୍

**ନୂଆଦିଲ୍ଲୀ, ୨୯/୭**

ନୀତୀଶ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଝଟ୍‌କା। ବିହାରରେ ପଛୁଆ ଶ୍ରେଣୀ ପାଇଁ ୬୫ ପ୍ରତିଶତ ସଂରକ୍ଷଣ କୋଟାକୁ ଖଣ୍ଡନ କରିଥିବା ପାଟନା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି।



ବିହାର ସରକାରଙ୍କ ଆଦିବାସୀ ତଥା ପଛୁଆ ବର୍ଗର ସଂରକ୍ଷଣକୁ ୫୦ ପ୍ରତିଶତରୁ ୬୫ ପ୍ରତିଶତକୁ ବୃଦ୍ଧି କରିବା ଆଇନ୍‌କୁ ହାଇକୋର୍ଟ ବାତିଲ କରି ଦେଇଥିଲେ। ତେବେ ହାଇକୋର୍ଟଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିହାର ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ।
ସୋମବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ହାଇକୋର୍ଟ ଦେଇଥିବା ନିଷ୍ପତ୍ତି ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି। ତେବେ ଅଦାଲତ ବିହାର ସରକାରଙ୍କ ଆବେଦନର ଶୁଣାଣି କରିବାକୁ ରାଜି ଅଛନ୍ତି। ଆସନ୍ତା ସେପ୍ଟେମ୍ବର ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଯୋଗ୍ୟ ଯେ, ଜାତିଗତ ଜନଗଣନା ପରେ ରାଜ୍ୟରେ ସଂରକ୍ଷଣ ସୀମା ବୃଦ୍ଧି କରାଯାଇଥିଲା। ବିହାର ସରକାର ପଛୁଆ ବର୍ଗ, ଅତ୍ୟଧିକ ପଛୁଆ ବର୍ଗ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣକୁ ୫୦%ରୁ ୬୫%କୁ ବୃଦ୍ଧି କରିଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ହାଇକୋର୍ଟ ବାତିଲ କରି ଦେଇଥିଲେ।

# କିଟ୍ ବିଶ୍ୱବିଦ୍ୟାଳୟକୁ ଜାତିସଂଘର ସ୍ୱତନ୍ତ୍ର ମାନ୍ୟତା

**ଭୁବନେଶ୍ୱର ୨୯।୭ ନ୍ୟୁଜ ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟକୁ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦ (ୟୁଏନ୍ ଇକୋସୋକ୍)ଦ୍ୱାରା ସ୍ୱତନ୍ତ୍ର ପରାମର୍ଶଦାତା (ସ୍ପେସିଆଲ୍ କନ୍‌ସଲଟେଟିଭ୍) ମାନ୍ୟତା ପ୍ରଦାନ କରାଯାଇଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ମହତ୍ୱପୂର୍ଣ୍ଣ ଯୋଗଦାନକୁ ଦୃଷ୍ଟିରେ ରଖି କିଟ୍‌କୁ ଏହି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ମାନ୍ୟତା ପାଇବାରେ ସମଗ୍ର ଭାରତରେ କିଟ୍ ହେଉଛି ଏକମାତ୍ର ବିଶ୍ୱବିଦ୍ୟାଳୟ। ଏଥିପାଇଁ ସମଗ୍ର ବିଶ୍ୱରୁ ୪୭୬ ଆବେଦନ ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟ ସମେତ ୧୯ଟି ଅନୁଷ୍ଠାନ ଏହି ପ୍ରତିଷ୍ଠିତ ସମ୍ମାନ ନିମନ୍ତେ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୩ ତାରିଖରେ ନ୍ୟୁୟର୍କସ୍ଥିତ ଜାତିସଂଘର ମୁଖ୍ୟାଳୟଠାରେ ଅନୁଷ୍ଠିତ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ପରିଚାଳନା କମିଟି ବୈଠକରେ କିଟ୍‌କୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ଜାତିସଂଘର ଏଜେଣ୍ଡା୨୦୩୦ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ କ୍ଷେତ୍ରରେ କିଟ୍‌ର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଏହି ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା କିଟ୍ ବିଶ୍ୱବିଦ୍ୟାଳୟକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚାଇଥିବା ବେଳେ କିଟ୍ ଏହି ସମ୍ମାନ ପାଇଥିବା ବିଶ୍ୱର ମନୋନୀତ ବିଶ୍ୱବିଦ୍ୟାଳୟ ଗୋଷ୍ଠୀରେ ସାମିଲ




ହେବାର ଗୌରବ ଅର୍ଜନ କରିଛି। ଅନ୍ୟପକ୍ଷରେ କିଟ୍ ମଧ୍ୟ ଜାତିସଂଘର ୟୁନାଇଟେଡ୍ ଭଲ୍ୟୁନ୍‌ଟିୟର୍ସ (ୟୁଏନ୍‌ଭି) ସହିତ ଏକ ବୁଝାମଣା ସ୍ୱାକ୍ଷର କରିଛି। ଏହି ସହଭାଗିତା କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଜାତିସଂଘର ବିଭିନ୍ନ ସଂସ୍ଥା ସହ ସଂଶ୍ଳିଷ୍ଟ ହେବାର ସୁଯୋଗ ପ୍ରଦାନ କରିଛି। ଏମାନେ ଜାତିସଂଘର ବିଭିନ୍ନ ବିକାଶ କାର୍ଯ୍ୟକ୍ରମରେ ନ୍ୟାସନାଲ୍ ୟୁନିଭରସିଟି ୟୁଏନ୍ ଭଲ୍ୟୁନ୍‌ଟିୟର୍ସ ଭାବେ ନିଯୋଜିତ ହୋଇପାରିବେ। ଏହି ସୁଯୋଗ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୃତ୍ତିଗତ ଅଭିଜ୍ଞତା ହାସଲରେ ସହାୟକ ହେବ ଏବଂ ଉଚିତ୍ ଷ୍ଟାଇପେଣ୍ଡ ସହ ସେମାନଙ୍କୁ ସେମାନଙ୍କ ଭବିଷ୍ୟତ କ୍ୟାରିଅର ଗଢ଼ି ତୋଳିବାରେ ସାହାଯ୍ୟ କରିବ। ଏହି ପ୍ରୟାସ କ୍ଷେତ୍ରରେ କିଟ୍ ହେଉଛି ଦକ୍ଷିଣ ଏସିଆର ଏକମାତ୍ର ଘରୋଇ ବିଶ୍ୱବିଦ୍ୟାଳୟ । ସେହିପରି ଅନ୍ତର୍ଜାତୀୟ ବୁଝାମଣା ଓ କୂଟନୀତି ପ୍ରୋତ୍ସାହନ କ୍ଷେତ୍ରରେ କାର୍ଯ୍ୟକରୁଥିବା ବିଶ୍ୱସ୍ତରୀୟ ଅନୁଷ୍ଠାନ ଆମେରିକାନ କାଉନ୍‌ସିଲ୍ ଅଫ୍ ୟଙ୍ଗ୍ ପଲିଟିକାଲ୍ ଲିଡ଼ର୍ସ (ଏସିୱାଇପିଏଲ୍) ମଧ୍ୟ କିଟ୍ ଓ କିସ୍ ସହ ଐତିହାସିକ ସହଯୋଗ ଘୋଷଣା କରିଛି। ଏହି ସହଯୋଗ ଫଳରେ ଆମେରିକା ସରକାର ଏବଂ ଅନ୍ୟାନ୍ୟ ସହଯୋଗୀ, ଆମେରିକା ଏବଂ ବିଶ୍ୱର ୧୨୯ଟି ଦେଶର ୮,୯୦୦ରୁ ଉର୍ଦ୍ଧ୍ୱ ନେତା କିଟ୍ ଓ କିସ୍‌ର ଜୀବନ ପରିବର୍ତ୍ତନକାରୀ ବିନିମୟ କାର୍ଯ୍ୟକ୍ରମ ପରିଦର୍ଶନରେ ଆସିବେ। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ କହିଛନ୍ତି ଭାରତର ଏକମାତ୍ର ବୈଷୟିକ ଓ ବୃତ୍ତିଗତ ବିଶ୍ୱବିଦ୍ୟାଳୟ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମ୍ମାନଜନକ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା ପାଇବା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଉଭୟ କିଟ୍ ଓ କିସ୍ ଏହି ସମ୍ମାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ୨୦୧୫ ମସିହାରେ ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା ପାଇଥିବା କିସ୍‌ର ଏହି ମାନ୍ୟତା ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ ଜାତିସଂଘର ବିଭିନ୍ନ ସଂସ୍ଥାରେ ଇଣ୍ଟର୍ଣ୍ଣସିପ୍ କରିବା ନିମନ୍ତେ ୟୁଏନ୍‌ଭି ମାନ୍ୟତା ପାଇବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ଏକମାତ୍ର ବିଶ୍ୱବିଦ୍ୟାଳୟ। ସେହିପରି ଏସିୱାଇପିଏଲ୍‌ର ସହଭାଗିତା କିଟ୍ ପାଇଁ ଏକ ସମ୍ମାନଜନକ କଥା ବୋଲି ଡ. ସାମନ୍ତ କହିଛନ୍ତି। ଏହାଦ୍ୱାରା ସମଗ୍ର ବିଶ୍ୱରୁ ରାଜନେତା ଓ କୂଟନୀତିଜ୍ଞ କିଟ୍ ଓ କିସ୍ ପରିଦର୍ଶନରେ ଆସିବା ସହ ଏଠାରେ ଇଣ୍ଟର୍ଣ୍ଣସିପ୍ କରିବା କେବଳ କିଟ୍ ଓ କିସ୍ ନୁହେଁ ଓଡ଼ିଶା ପାଇଁ ସମ୍ମାନର ବିଷୟ ବୋଲି ସେ କହିଛନ୍ତି।

# ରାଜ୍ୟରେ ବନ୍ଧ୍ୟାକରଣ ପ୍ରତି ପୁରୁଷଙ୍କ ଆଗ୍ରହ ବଢୁଛି : ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୯/୭ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବନ୍ଧ୍ୟାକରଣ ପ୍ରତି ପୁରୁଷଙ୍କ ଆଗ୍ରହ ବଢୁଛି। ସୋମବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥାପନ କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଏମିତିକି ଗତ ଦୁଇଟି ଆର୍ଥିକ ବର୍ଷ (୨୦୨୨-୨୩ ଓ ୨୦୨୩-୨୪)ର ତଥ୍ୟକୁ ତୁଳନା କଲେ ବନ୍ଧ୍ୟାକରଣ ପ୍ରତି ମହିଳାଙ୍କ ତୁଳନାରେ ପୁରୁଷଙ୍କ ଆଗ୍ରହ ବଢ଼ିଛି ବୋଲି କୁହାଯାଇପାରିବ।
୨୦୨୧-୨୨ରେ ରାଜ୍ୟରେ ୯୯୧ ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିଲେ। ୨୦୨୨-୨୩ ବର୍ଷରେ ଏହି ସଂଖ୍ୟା ୧୫୬୯ ଥିଲା। ୨୦୨୩-୨୪ରେ ରାଜ୍ୟରେ ୧୭୯୨ ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଛନ୍ତି। ଅନ୍ୟପକ୍ଷରେ ୨୦୨୧-୨୨ରେ ୮୨ ହଜାର ୧୫୨ ଜଣ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିବା ବେଳେ ୨୦୨୨-୨୩ରେ ଏହି ସଂଖ୍ୟା ୯୨ ହଜାର ୯୧୫କୁ ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୩-୨୪ରେ ଏହି ସଂଖ୍ୟା ହ୍ରାସ ପାଇଥିଲା। ଏହି ଆର୍ଥିକ ବର୍ଷରେ ୮୦ ହଜାର ୪୦୩ ଜଣ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିଲେ। ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଏହି ତଥ୍ୟ ଦେବା ସହିତ କହିଛନ୍ତି ଯେ ରାଜ୍ୟରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ପଦ୍ଧତିର ଲୋକପ୍ରିୟତା ବଢ଼ାଇବା ପାଇଁ ରାଜ୍ୟରେ ପ୍ରତ୍ୟେକ ବର୍ଷ ବିଶ୍ୱ ଜନସଂଖ୍ୟା ଦିବସ (ଜୁଲାଇ ୧୧ ତାରିଖ) ପାଳନ କରାଯାଉଛି। ଏହି ପଦ୍ଧତିର ଲୋକପ୍ରିୟତା ଜନସମୁଦାୟ ମଧ୍ୟରେ ବଜାୟ ରହିଛି। ବନ୍ଧ୍ୟାକରଣ ଅସ୍ତ୍ରୋପଚାରକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ସେ କହିଛନ୍ତି ଯେ ଏହି ଅସ୍ତ୍ରୋପଚାର ପାଇଁ ପୁରୁଷଙ୍କୁ ୨୦୦୦ ଟଙ୍କା ଦିଆଯାଉଥିବା ବେଳେ ମହିଳାଙ୍କୁ ୧୪୦୦ ଟଙ୍କା ଦିଆଯାଉଛି। ପ୍ରସବ ପରବର୍ତ୍ତୀ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ ହିତାଧିକାରୀମାନଙ୍କୁ ୨୨୦୦ ଟଙ୍କା ପ୍ରଦାନ କରାଯାଉଛି।

# ଭିଜିଲାନ୍ସ ଜାଲରେ ଅବକାରୀ ଜଏଣ୍ଟ କମିଶନର : ୩୦ରୁ ଅଧିକ ପ୍ଲଟ୍ ଠାବ

**ଭୁବନେଶ୍ୱର, ୨୯/୭ ନ୍ୟୁଜ ବ୍ୟୁରୋ**

ଚାକିରି ସରିବାକୁ ବସିଲାଣି । ହେଲେ ଏବେବି ଭଡ଼ାଘରେ ରହୁଥିବା ବେଳେ ବାଇକ୍‌ରେ କରୁଛନ୍ତି ଯାତାୟାତ । ହେଲେ ବାବୁ ଠୁଳ କରିଛନ୍ତି ଅମାପ ସମ୍ପତ୍ତି । ରେଡ ବେଳେ ସରକାରୀ ବାବୁଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ବି ତାଜୁବ । ଅବସର ନେବାକୁ ଆଉ ମାତ୍ର ବର୍ଷେ ଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ି ଯାଇଛନ୍ତି ଭୁବନେଶ୍ୱର ଅବକାରୀ ବିଭାଗ ଜଏଣ୍ଟ କମିଶନର ରାମଚନ୍ଦ୍ର ମିଶ୍ର । ରାମଚନ୍ଦ୍ର ଅବକାରୀ ବିଭାଗର ସବ୍‌ଇନ୍ସପେକ୍ଟର ପଦବୀରେ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ଏବେ ସେ ଜଏଣ୍ଟ କମିଶନର ଭାବେ କାର୍ଯ୍ୟ କରୁଛନ୍ତି । ଆସନ୍ତା ବର୍ଷ ସେ ଅବସର ନେଇଥାନ୍ତେ। ହେଲେ ଏହା ପୂର୍ବରୁ ତାଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ତାଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାମଚନ୍ଦ୍ର ମିଶ୍ରଙ୍କ ଘର, ଅଫିସ ସମେତ ୧୦ଟି ସ୍ଥାନରେ ସୋମବାର ସକାଳୁ ଏକକାଳୀନ ରେଡ୍ ଚାଲିଛି। ଇତି ମଧ୍ୟରେ ରାମଚନ୍ଦ୍ରଙ୍କ ମାଳ ମାଳ ଘର ଓ ଫ୍ଲାଟ୍ ଠାବ ହୋଇ ସାରିଲାଣି । ଏହାବାଦ ଘରୁ ବିଡ଼ା



ବିଡ଼ା ଟଙ୍କାକୁ ପୁଳା ପୁଳା ସୁନା ଅଳଙ୍କାର ବି ଜବତ ହୋଇଛି। ଏଯାବତ ଠାବ ହୋଇଥିବା ସମ୍ପତ୍ତିର ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ଚଢ଼ଉ ସରି ନ ଥିବାରୁ ଏହି ସମ୍ପତ୍ତି ତାଲିକା ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି।
ବର୍ତ୍ତମାନ ସୁଦ୍ଧା ରେଡରୁ ରାମଚନ୍ଦ୍ର ମିଶ୍ରଙ୍କର ୩୦ରୁ ଅଧିକ ପ୍ଲଟ୍ ଠାବ ହୋଇଥିବା ସୂଚନା ମିଳିଛି। ବଲାଙ୍ଗିର ଠିକାଦାରପଡ଼ା, ସମ୍ବଲପୁର ଅଇଁଠାପାଲି, ବୁର୍ଲା, ତରଭାରେ ରାମଚନ୍ଦ୍ର ମିଶ୍ରଙ୍କ ଘର ରହିଛି । ସେହିପରି ବରଗଡ଼ ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ୨ ବିଏଚ୍‌କେ ଫ୍ଲାଟ୍, ସମ୍ବଲପୁର ମୟୂର ରେସିଡେନ୍ସିରେ ୩ ବିଏଚ୍‌କେ ଆପାର୍ଟମେଣ୍ଟ, ଭୁବନେଶ୍ୱର ଖାରବେଳନଗର ଚନ୍ଦ୍ରମା କମ୍ପ୍ଲେକ୍ସରେ ରହିଛି ୨ ବିଏଚ୍‌କେ ଆପାର୍ଟମେଣ୍ଟ। ସୋନପୁରର ତରଭାରେ ରାଇସ୍ ମିଲ୍ ଓ ସୋନପୁରରେ ରହିଛି ଫାର୍ମ ହାଉସ୍ । ଏସବୁ ସ୍ଥାନ ସମେତ ଭୁବନେଶ୍ୱର ଧର୍ମବିହାର ଭଡ଼ା ଘରେ ରାମଚନ୍ଦ୍ର ରହୁଥିବା ବେଳେ ସେଠାରେ ବି ରେଡ୍ କରିଛି ଭିଜିଲାନ୍ସ। ଭୁବନେଶ୍ୱର, ସୋନପୁର, ବରଗଡ଼, ବଲାଙ୍ଗୀର ସମେତ ରାଜ୍ୟର ୧୦ଟି ସ୍ଥାନରେ ଏକକାଳୀନ ରେଡ୍ ଚାଲିଛି। ଏକାଧିକ ବ୍ୟାଙ୍କରେ ରହିଛି ମୋଟା ଅଙ୍କର ଜମା ରାଶି। ବର୍ତ୍ତମାନ ସୁଦ୍ଧା ଭିଜିଲାନ୍ସ ରାମଚନ୍ଦ୍ରଙ୍କର ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରି ସାରିଥିବା ବେଳେ ଏହି ତାଲିକା ଆହୁରି ବଢ଼ିବ ବୋଲି ସୂଚନା ମିଳିଛି। ଚଢ଼ଉରେ ଭିଜିଲାନ୍ସର ୧୦ ଡିଏସପିଙ୍କ ସମେତ ୧୫ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଅଛନ୍ତି। ତେବେ ରାମଚନ୍ଦ୍ର ଖୁବ୍ ସାଧାସିଧା ହୋଇଥିବା ବେଳେ ଏପର୍ଯ୍ୟନ୍ତ ଭଡ଼ାଘରେ ରହୁଥିବାରୁ ସେ ଅମାପ ସମ୍ପତ୍ତି ଠୁଳ କରିଥିବା ବିଶ୍ୱାସ କରି ପାରୁ ନାହାନ୍ତି ପଡ଼ୋଶୀ। ଏପରିକି ଭିଜିଲାନ୍ସ ଭୁଲ୍ ସୂଚନା ପାଇ ତାଙ୍କ ଘର ଉପରେ ରେଡ୍ କରୁଥିବା ସେମାନେ କହିଛନ୍ତି।

# ୬ କୁଖ୍ୟାତ ଅପରାଧୀ ଗିରଫ : ୫ ବନ୍ଧୁକ ଓ ଗୁଳି ଜବତ



**ଭୁବନେଶ୍ୱର, ୨୯/୭ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ବିହାର ବନ୍ଧୁକ। ସ୍ପେଶାଲ ସ୍କ୍ୱାର୍ଡ ପଞ୍ଝାରେ ୬ ଜଣ କୁଖ୍ୟାତ ଅପରାଧୀ। ରାଜଧାନୀରେ କ୍ରାଇମ ସିଣ୍ଡିକେଟ ଚଳାଇବା ପୂର୍ବରୁ ଗ୍ୟାଙ୍ଗକୁ କାବୁ କଲା କମିଶନରେଟ ପୋଲିସ। ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଥିଲା ମାର୍ଶାଘାଇର ରଶ୍ମିରଞ୍ଜନ ସ୍ୱାଇଁ। ରଶ୍ମିର ଅନ୍ୟ ସହଯୋଗୀମାନେ ହେଲେ ପାଟକୁରାର ଉତ୍କଳ କେଶରୀ ଖୁଣ୍ଟିଆ, ନିଆଳିର କୃଷ୍ଣଚନ୍ଦ୍ର ଜେନା, ଚୀରଞ୍ଜିବ ଜେନା, ମହମ୍ମଦ ସମସେର ଓ ଜଟଣୀର ଏସ୍.କେ.ଆଝାରୁଦ୍ଦିନ। ଏମାନଙ୍କ ଠାରୁ ୩ଟି ୭.୬୫ଏମ୍‌ଏମ୍ ସେମି ପିସ୍ତଲ, ଗୋଟିଏ ରିଭଲଭର ଓ ଗୋଟିଏ ସିଙ୍ଗିଲ ରାଉଣ୍ଡ ବନ୍ଧୁକ, ୯ଟି ଜୀବନ୍ତ ଗୁଳି ଓ ବାଇକ ଜବତ ହୋଇଛି। ବନ୍ଧୁକ ମୁନରେ ଦାଦାବଟି, ବାଲିଘାଟ, ଜମି ପୋଜେସନ, ମୋରମ ଖଣି ଚୋରା ଚାଲାଣରେ ଏମାନଙ୍କ ସମ୍ପୃକ୍ତି ଥିଲା। ଏପରିକି ଗ୍ୟାଙ୍ଗଷ୍ଟରମାନଙ୍କ ଠାରୁ ସୁପାରି ନେଇ ଅନ୍ୟ ଗ୍ୟାଙ୍ଗ ଉପରେ ମଧ୍ୟ ଆକ୍ରମଣ କରିଛି ଏହି ଗ୍ୟାଙ୍ଗ । ଏମାନଙ୍କ ନାଁରେ ହତ୍ୟା, ଅପହରଣ ଭଳି ସଙ୍ଗୀନ ଅପରାଧିକ ମାମଲା ରହିଛି । ମହମ୍ମଦ ସମସେର କମିଶନରେଟ ପୋଲିସର ମୋଷ୍ଟ ୱାଣ୍ଟେଡ ଥିଲା। ତା' ବିରୋଧରେ ଭୁବନେଶ୍ୱର ଓ ଜଟଣୀ ଅଞ୍ଚଳରେ ୮ଟି ମାମଲା ରହିଛି। ଗତ ଜୁନ ମାସରେ ଖୋର୍ଦ୍ଧା ଜିଲ୍ଲାରେ ଜଣେ ଉଗ୍ର ଡିଲରକୁ ଗୁଳି ମାରି ହତ୍ୟା କରିଥିଲା ସମସେର। ସେହିଭଳି ଉତ୍କଳ କେଶରୀ ଖୁଣ୍ଟିଆ ନାମରେ ଭୁବନେଶ୍ୱର ଓ ମାର୍ଶାଘାଇରେ ସଙ୍ଗିନୀ ମାମଲା ରହିଛି। ୨୦୨୩ ମସିହାରେ ମାର୍ଶାଘାଇ ଥାନା ଅଞ୍ଚଳରେ ଅନ୍ୟ ଏକ ଗ୍ୟାଙ୍ଗର ଜଣକୁ ଅପହରଣ କରି ହତ୍ୟା କରିଥିଲା। ସେଥିରେ ଉତ୍କଳର ସମ୍ପୃକ୍ତି ଥିଲା। ଗ୍ୟାଙ୍ଗ ମୁଖିଆ ରଶ୍ମି ରଞ୍ଜନ ସ୍ୱାଇଁ ନାମରେ ୫ଟି ଅପରାଧିକ ମାମଲା ରହିଛି । ଏମାନଙ୍କ କ୍ରାଇମ ରେକର୍ଡ ଖୋଳତାଡ଼ କରିବା ପାଇଁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କମିଶନର ସଂଜୀବ ପଣ୍ଡା କହିଛନ୍ତି ।

# ବଜ୍ରାଘାତରେ ଚାଲିଗଲା ଚାଷୀଙ୍କ ଜୀବନ

**ବାଲେଶ୍ୱର, ୨୯/୭ ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁନାରୁଇ ଗାଁରେ ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ବାସନ୍ତୀ ଜେନା। ସୋମବାର ସକାଳେ ବିଲକୁ ଧାନ ତଳି ରୋଇବା ପାଇଁ ଯାଇଥିଲେ ବାସନ୍ତୀ। ସେ ବିଲରେ କାମ କରୁଥିବା ବେଳେ ପ୍ରବଳ ବର୍ଷା ହୋଇଥିଲା। ତା'ସହିତ ଘଡ଼ଘଡ଼ି ମାରିଥିଲା। ଏହା ଦେଖି ବାସନ୍ତୀ ଘରକୁ ଫେରି ଯାଉଥିଲେ। ସେହି ସମୟରେ ରାସ୍ତାରେ ବଜ୍ରାଘାତ ଘଟି ତାଙ୍କର ମୃତ୍ୟୁ ଘଟିଥିଲା।

# ବିଫଳ ପ୍ରେମିକର ନିସ୍ତୁକ ମାଡରେ ଗୁଣିଆ ଲହୁଲୁହାଣ

**ପାଟକୁରା, ୨୯/୭ ନ୍ୟୁଜ ବ୍ୟୁରୋ**

ବିଫଳ ପ୍ରେମିକର ଆକ୍ରୋଶର ଶିକାର ହେଲା ଗୁଣିଆ । ଆଶ୍ରମରୁ ଟେକିଆଣି ନିସ୍ତୁକ ପିଟିଲେ ଯୁବକ । ଡେରାବିଶ ବ୍ଲକ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଅଢଙ୍ଗା ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗୁଣିଗାରେଡ଼ି ମାଧ୍ୟମରେ ବଳଭଦ୍ର ସିଂ ନାମକ ଜଣେ ଯୁବକଙ୍କ ପ୍ରେମଜନିତ ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲା ହରିଅଙ୍କ ଅଞ୍ଚଳର ଗୁଣିଆ ବାବା କୈଳାସ ଦାସ । ହେଲେ କୌଣସି ପ୍ରଭାବ ନପଡ଼ିବାରୁ ବଳଭଦ୍ର ସହଯୋଗୀମାନଙ୍କ ସହ ମିଶି ଗୁଣିଆ ବାବା ଓ ତାଙ୍କ ଶିଷ୍ୟଙ୍କୁ ମାଡ଼ମାରି ଲହୁଲୁହାଣ କରିଥିଲେ।

# ରାଜଧାନୀରେ ପୁଣି ଲାଇନ୍‌ଚ୍ୟୁତ ହେଲା ମାଲଗାଡି : ଏକାଧିକ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୨୯/୭ ନ୍ୟୁଜ ବ୍ୟୁରୋ**

ପୁଣି ରାଜଧାନୀରେ ଲାଇନ୍‌ଚ୍ୟୁତ ହେଲା ମାଲବାହୀ ଟ୍ରେନ୍ । ମଞ୍ଚେଶ୍ୱର ଷ୍ଟେସନ ୟାର୍ଡରେ ସୋମବାର ଭୋରରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର ଓ ଟ୍ରାକ ମରାମତି କାର୍ଯ୍ୟ ଚାଲିଛି । ବର୍ତ୍ତମାନ ଉଭୟ ଡାଉନ୍ ଓ ଅପ୍ ଲାଇନ୍‌ରେ ପୁଣି ଟ୍ରେନ ଚଳାଚଳ ଆରମ୍ଭ ହୋଇଥିବା ବେଳେ ୨ଟି ଟ୍ରେନ୍ ବାତିଲ ଓ ୬ଟି ଟ୍ରେନ୍‌ର ଯାତାୟାତ ସମୟରେ ପରିବର୍ତ୍ତନ କରିବାକୁ ପଡିଛି । ସୋମବାର ପାଇଁ ପଲାସା-କଟକ ଓ ପୁରୀ-କଟକ ପାସେଞ୍ଜର ଟ୍ରେନ ବାତିଲ ହୋଇଛି । ୩ ଦିନ ପୂର୍ବରୁ ଭୁବନେଶ୍ୱର ଷ୍ଟେସନଠାରୁ ମାତ୍ର ୫ଶହ ମିଟର ଦୂରରେ ଏକ ମାଲବାହୀ ଟ୍ରେନ ଲାଇନ୍‌ଚ୍ୟୁତ ହୋଇଥିଲା। ଟ୍ରେନର ୨ଟି ୱାଗନ ସମ୍ପୂର୍ଣ୍ଣ ଭାବରେ ଲାଇନ୍‌ଚ୍ୟୁତ ହୋଇଥିଲା । ରେଳବାଇ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏପରିକି ଲିଙ୍ଗରାଜ ଷ୍ଟେସନ ନିକଟରେ ଗୋଟିଏ ଲାଇନରେ ୪ଟି ଟ୍ରେନ ଚାଲି ଆସିଥିଲା। ତେବେ ଏହାକୁ ଟେକ୍ନିକାଲ ଏରର ବୋଲି କହିଥିଲା ରେଳ ବିଭାଗ। ତେବେ ଏଭଳି ଘଟଣା ବାରମ୍ବାର ଘଟୁଥିବା ନଜରକୁ ଆସୁଛି । କେଉଁଠି ଟ୍ରେନ ଲାଇନ୍‌ଚ୍ୟୁତ ହେଲାଣି ତ ଆଉ କେଉଁଠି ଗୋଟିଏ ଲାଇନରେ ଦୁଇରୁ ଅଧିକ ଟ୍ରେନ ଆସିଗଲାଣି । କେତେବେଳେ ବଗି ଛାଡି ଇଞ୍ଜିନ ପଳାଇଯିବାର ନଜିର ମଧ୍ୟ ରହିଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# ନାବାଳକଙ୍କୁ ଡ୍ରାଇଭ୍ ମନା : ୨୦୨୪ ସୁଦ୍ଧା ୧୭୨ ଜଣ ନାବାଳକଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୯/୭ ନ୍ୟୁଜ ବ୍ୟୁରୋ**

ନାବାଳକଙ୍କୁ ଡ୍ରାଇଭ୍ ମନା। ଆଉ ଗାଡ଼ି ଚଳାଇ ପାରିବେନି ନାବାଳକ। ତାଙ୍କୁ ଆଉ ମିଳିବନି ନିସ୍ତାର। ସୋମବାରଠୁ ଚେକିଂ କଡ଼ାକଡ଼ି କରାଯାଇଛି। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁଇ ଦିନିଆ ସ୍ପେଶାଲ ଡ୍ରାଇଭ ଚାଲିଛି। ବିଶେଷକରି ନାବାଳକଙ୍କ ଗାଡ଼ି ଡ୍ରାଇଭ ରୋକିବାକୁ ଜୋରଦାର ଚାଲିଛି ଚେକିଂ। ଛକ ଛକରେ ଗାଡ଼ିକୁ ଅଟକାଇ ଯାଞ୍ଚ କରୁଛି ପୁଲିସ ଓ ପରିବହନ ବିଭାଗ କର୍ମଚାରୀ। ଯଦି ନାବାଳକ ଗାଡି ଚଳାଇବା ବେଳେ ଧରାପଡେ ତେବେ ତାଙ୍କ ଗାଡ଼ିକୁ ଅଟକ ରଖି ଅଭିଭାବକଙ୍କ ନାଁରେ ମାମଲା ରୁଜୁ ହେବ। କେବଳ ସେତିକି ନୁହେଁ ୨୫ ହଜାର ଟଙ୍କା ଯାଏ



ଫାଇନ ମଧ୍ୟ ଦେବାକୁ ପଡିବ। ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ବର୍ତ୍ତମାନ ସୁଦ୍ଧା ୧୭୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇସାରିଲାଣି। ଅଭିଭାବକଙ୍କୁ ଯେତେ ବୁଝାଇଲେ ମଧ୍ୟ ବୁଝୁ ନାହାନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ମାତ୍ର ୮ରୁ ୧୦ ବର୍ଷର ପିଲାମାନେ ଗାଡ଼ି ଚଳାଉଥିବା ଚେକିଂ ବେଳେ ଧରାପଡିଛନ୍ତି। ଏମାନେ ହେଲମେଟ୍ ପିନ୍ଧିବା ତ ଦୂରର କଥା ନିଜ ଓଜନଠାରୁ ଅଧିକ ବଡ଼ ଗାଡି ଚଳାଉଛନ୍ତି। ନିଜ ପିଲାଙ୍କ ପ୍ରତି ପ୍ରଥମେ ଅଭିଭାବକମାନେ ସଚେତନ ହେବା ଜରୁରୀ ବୋଲି ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ କହିଛନ୍ତି। ସେ ଆହୁରି କହିଛନ୍ତି, ରିସ୍କ ନେଇ ତଥା ନିଜ ପିଲାର ଜୀବନକୁ ବାଜି ଲାଗି ଅଭିଭାବକମାନେ ସେମାନଙ୍କୁ ଗାଡି ଦେବା ଉଚିତ ନୁହେଁ। ଏହା ଦେଖି କଷ୍ଟ ହେଉଛି। ଯେତେ ବୁଝାଇଲା ପରେ ବି ସେମାନେ ବୁଝିବାକୁ ନାରାଜ। ତେଣୁ ଆମେ ଆକ୍ସନ ନେବାକୁ ବାଧ ହୋଇଛୁ। ଯଦି ନାବାକାଳ ଗାଡି ଚଳାଇବା ବେଳେ ଧରା ପଡନ୍ତି ତେବେ ୨୫ ହଜାର ଟଙ୍କା ଯାଏଁ ଫାଇନ ଦେବାକୁ ପଡିବ। ଗାଡ଼ି ଜବତ କରାଯିବ। ଏପରିକି ଦରକାର ପଡିଲେ ଅଭିଭାବକଙ୍କ ନାଁରେ ମାମଲା ମଧ୍ୟ ରୁଜୁ ହେବ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)